# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୭/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, March 17/2023 | Page 16 | ₹ 7.00

୪୯ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 111 | ମୂଲ୍ୟ ₹୭/-




## ଇନ୍‌ଫାଣ୍ଟିନୋ ପୁଣି ଫିଫା ସଭାପତି

ଜିଆନି ଇନ୍‌ଫାଣ୍ଟିନୋ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫିଫାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୬

୦୨

## କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ

ବଲିଉଡ୍ ଅଭିନେତା ସୋନୁ ସୁଦ ରାଜନୀତିରେ ଯୋଗ ଦେବା ନେଇ ଚର୍ଚ୍ଚା ହେଉଥିବାବେଳେ ସେ ରାଜନୀତିରେ କାମ କରିବାକୁ ଚାହାନ୍ତିନି ବୋଲି କହିଛନ୍ତି।





ଭୁବନେଶ୍ୱର ତମାଣ୍ଡୋ ଉପକଣ୍ଠରେ ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ କରାଯାଇଥିବା ଆନ୍ଦୋଳନ ଯୋଗୁ ଅନେକ ଶହ ଟ୍ରକ୍ ରାସ୍ତା ଉପରେ ଠିଆହୋଇଛି।

# ଆନ୍ଦୋଳନ ବଢ଼ାଇଛି ତେଲ ଚିନ୍ତା

- ରାସ୍ତାରୋକୋ ନ ହଟାଇଲେ ଗଡ଼ିବନି ୧୪ହଜାର ବସ୍: ଘରୋଇ ବସ୍ ମାଲିକ ସଂଘ
- ୩ ମାସରେ ଦାବି ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତି
- ଆନ୍ଦୋଳନକୁ ନେଇ ଗୃହରେ ବିରୋଧୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ପେନ୍‌ସନ, ବୀମା, ମୃତ୍ୟୁକାଳୀନ ସହାୟତା, ସାମାଜିକ ସୁରକ୍ଷା ଆଦି ୧୦ ଦଫା ଦାବିରେ ବୁଧବାରଠାରୁ ଡ୍ରାଇଭର ଏକତା ମହାସଂଘ ପକ୍ଷରୁ କରାଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ତେବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଡ୍ରାଇଭର ଏକତା ମହାସଂଘର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ୧୬ ମାର୍ଚ୍ଚ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଆଲୋଚନା ଅନୁଯାୟୀ ଆସନ୍ତା ୩ମାସ ମଧ୍ୟରେ ଡ୍ରାଇଭରଙ୍କ ଦାବିଗୁଡ଼ିକ ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତଥାପି ଗୁରୁବାର ରାତି ସୁଦ୍ଧା ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଥମିବା ଲକ୍ଷ୍ୟ କରାଯାଇ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ପଦାର୍ଥର ଅଭାବ ଦେଖିବାକୁ ମିଳିଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପେଟ୍ରୋଲ୍ ☞ପୃଷ୍ଠା-୪

# ମାଟ୍ରିକ ପରୀକ୍ଷା ବେଳେ ଛାତ୍ରଙ୍କ ମୃତ୍ୟୁ

ଦାମନଯୋଡ଼ି,୧୬।୩(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ବେଳେ ଦାମନଯୋଡି ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ବେଳେ ଜଣେ ଛାତ୍ରଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ନାମ କୁନା ପୂଜାରୀ। ସେ ଦାମନଯୋଡି ନିକଟସ୍ଥ ମାଥାଲପୁଟ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର।

ଖବରରୁ ଜଣାପଡ଼ିଛି, ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗୁରୁବାର ସାଧାରଣ ବିଜ୍ଞାନ ବିଷୟରେ ପରୀକ୍ଷା ଥିଲା। ବିଦ୍ୟାର୍ଥୀମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। କୁନା ମଧ୍ୟ ପରୀକ୍ଷା ଦେଉଥିଲେ। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ସେ ହଠାତ୍ ମୂର୍ଚ୍ଛା ହୋଇଯାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ।



କୁନା ପୂଜାରୀ

ତାଙ୍କର ମୂର୍ଚ୍ଛା ରୋଗ ଥିବା ଏବଂ ଏହା ପୂର୍ବରୁ ସେ ଅନେକ ଥର ଏହି ରୋଗରେ ମୂର୍ଚ୍ଛା ହୋଇଥିବା ପରିବାର ଲୋକେ ସୂଚନା ଦେଇଥିଲେ। ଖବର ପାଇ ଦାମନଯୋଡି ଥାନା ଅଧିକାରୀ ଗୌରହରି ସାହୁ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ। କୁନାଙ୍କ ବାପା ରାମ ପୂଜାରୀ ନାଲ୍‌କୋରେ ନିୟୋଜିତ ୟୁନାଇଟସ କମ୍ପାନୀରେ ଠିକା କର୍ମଚାରୀ ରୂପେ କାର୍ଯ୍ୟ କରୁଛନ୍ତି। ମାଥାଲପୁଟ ହାଟପଦାସ୍ଥିତ ମନ୍ଦିର କଲୋନୀରେ ସପରିବାର ରହୁଛନ୍ତି। ତାଙ୍କ ନିଜ ଘର ଉମୁରୀରେ ବୋଲି ଜଣାପଡ଼ିଛି।

# ତହସିଲ ଅଫିସରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

- ଜମି ବିକ୍ରି ପାଇଁ ସହଯୋଗ କଲେନି ଅଧିକାରୀ
- ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ

ନୂଆପଡ଼ା ଅଫିସ,୧୬।୩

ଜମି ବିକ୍ରି କରିବା ପାଇଁ ସହଯୋଗ କଲେନି ଅଧିକାରୀ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଶେଷରେ ପେଟ୍ରୋଲ ଢାଳିହୋଇ ନିଜ ଶରୀରରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ନୂଆପଡ଼ା ସଦର ତହସିଲ କାର୍ଯ୍ୟାଳୟରେ ଗୁରୁବାର ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ଆମସେନା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଜଗଦୀଶ ଚୌହାନ (୩୬)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୀଡ଼ିତଙ୍କ ମା' ନୂଆପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଫମ୍ପା ବୁଝାମଣା






## 'ସନ୍ନ୍ୟାସୀ' ହେବା ପାଇଁ ଆହ୍ୱାନ

ଭାରତକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ଓ ହିନ୍ଦୁ ସନାତନ ଧର୍ମକୁ ରାଷ୍ଟ୍ରଧର୍ମ ଓ ବିଶ୍ୱଧର୍ମ ରୂପେ ପ୍ରତିଷ୍ଠାପିତ କରିବାର ସଂକଳ୍ପ ରଖୁଥିବା

12ଶ ଶ୍ରେଣୀ ଉତ୍ତୀର୍ଣ୍ଣ, ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ଯୁବକ-ଯୁବତୀଙ୍କୁ ଆହ୍ୱାନ ।

ହିନ୍ଦୁ ନବବର୍ଷର ଚୈତ୍ର ପ୍ରତିପଦା 22 ମାର୍ଚ୍ଚରୁ 30 ମାର୍ଚ୍ଚ, 2023 **ରାମନବମୀ** ପର୍ଯ୍ୟନ୍ତ ସନ୍ନ୍ୟାସ ମହୋତ୍ସବରେ ସନ୍ନ୍ୟାସୀ ହେବା ପାଇଁ ଆପଣଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି । ରାମନବମୀରେ ବୈରାଗ୍ୟବାନ୍ ବିଦ୍ୱାନ୍ ଓ ବିଦୁଷୀ 100 ଭାଇ-ଭଉଣୀ ଏହି ଐତିହାସିକ ଦିବ୍ୟ ଭବ୍ୟ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ ହେବାକୁ ଯାଉଛନ୍ତି । ପରୀକ୍ଷା କିମ୍ବା ଅନ୍ୟ କୌଣସି କାରଣରୁ ଯେଉଁମାନେ ନଅ ଦିବସୀୟ ସନ୍ନ୍ୟାସ ସମାରୋହରେ ଅଂଶଗ୍ରହଣ କରିପାରିବେ ନାହିଁ ସେମାନେ ପ୍ରାତଃ 6 ଘଟିକାରୁ ରାତ୍ରି 10 ଘଟିକା ପର୍ଯ୍ୟନ୍ତ 8954555999 ଏବଂ 8954555111 ରେ ଫୋନ୍ କରି ଅଗ୍ରିମ ରେଜିଷ୍ଟ୍ରେଶନ୍ ନିଶ୍ଚୟ କରାଇନିଅନ୍ତୁ ତଥା ଯେଉଁମାନେ ଆସିପାରିବେ ସେମାନେ 20 ମାର୍ଚ୍ଚ ପରେ ଯେକୌଣସି ସମୟରେ ଆସିପାରନ୍ତି ।

ପତଞ୍ଜଳି ବିଶ୍ୱବିଦ୍ୟାଳୟରୁ ଯୋଗରେ **BA, MA, BAMS** ଓ **BNYS** ଆଦି ସହିତ ଦର୍ଶନଶାସ୍ତ୍ର, ବେଦଶାସ୍ତ୍ର, ବ୍ୟାକରଣ ଓ ସଂସ୍କୃତ ସାହିତ୍ୟରେ ମଧ୍ୟ **BA, MA**ର ଉପାଧି ସହିତ ଆପଣଙ୍କ ମଧ୍ୟରେ ଏପରି ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଚରିତ୍ର ଗଢ଼ାଯାଇଥାଏ, ଯାହାଦ୍ୱାରା ଆପଣ ଋଷିଙ୍କ ଭଳି ଶ୍ରେଷ୍ଠ ମେଧା ଓ ଚରିତ୍ରର ଅଧିକାରୀ ହୋଇ ଭାରତକୁ ବିଶ୍ୱଗୁରୁ କରିବା ପାଇଁ ଏକ ବହୁତ ବଡ଼ ଭୂମିକା ତୁଲାଇପାରିବେ । ପ୍ରତିଭାବାନ୍ ଯୁବକ ଯୁବତୀଙ୍କ ଶିକ୍ଷା-ଦୀକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା ପତଞ୍ଜଳି ଯୋଗପୀଠ ଦ୍ୱାରା କରାଯିବ ତଥା ସନ୍ନ୍ୟାସୀ ହୋଇ **ଯୋଗଧର୍ମ, ବେଦଧର୍ମ ଓ ସନାତନ ଧର୍ମ**କୁ ବିଶ୍ୱ ଧର୍ମରେ ପରିଣତ କରିବାରେ ଜୀବନକୁ ଆହୂତ କରୁଥିବା ଭାଇ ଭଉଣୀଙ୍କ ଆଜୀବନ ଯୋଗକ୍ଷେମ ପତଞ୍ଜଳି ସଂସ୍ଥା କରିବ ।

ଯେଉଁ କାମ ବିଗତ ହଜାର ହଜାର ବର୍ଷ ଧରି ହୋଇନାହିଁ ତାହା ପତଞ୍ଜଳି କରିଛି ତଥା ଆଗାମୀ 5-10 ବର୍ଷରେ କରିବାକୁ ଯାଉଛି । ଯୋଗ, ଆୟୁର୍ବେଦ, ସ୍ୱଦେଶୀ ଓ ସନାତନ ଧର୍ମର ସେବାର ଆନ୍ଦୋଳନ ଚଳାଇ ଦେଶର ଆର୍ଥିକ, ବୈଚାରିକ ଏବଂ ସାଂସ୍କୃତିକ ସ୍ୱାଧୀନତା ସହିତ ଶିକ୍ଷା ଓ ଚିକିତ୍ସାର ସ୍ୱାଧୀନତା ଦ୍ୱାରା ମ୍ୟାକଲେଙ୍କ ଷଡ଼ଯନ୍ତ୍ରପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଓ ମେଡିକାଲ ମାଫିଆଙ୍କ ଲୁଟ୍‌ରୁ ଦେଶକୁ ରକ୍ଷା କରିବାର ସଂକଳ୍ପ ରହିଛି । ଇତିହାସରେ ମଧ୍ୟ ରାଜସତ୍ତା ଓ ଅର୍ଥସତ୍ତା ଯେଉଁ କାର୍ଯ୍ୟ କରିପାରିନାହିଁ ସେହି କାର୍ଯ୍ୟ ଧର୍ମସତ୍ତା କରିଛି । ତେଣୁ, **ବୀର ସାବରକର, ଛତ୍ରପତି ଶିବାଜୀ ମହାରାଜ, ମହର୍ଷି ଦୟାନନ୍ଦ, ସ୍ୱାମୀ ବିବେକାନନ୍ଦ ଓ ଗୋଲ୍‌ୱଲକର ଗୁରୁଜୀ** ପ୍ରମୁଖ ମହାପୁରୁଷଙ୍କ ସ୍ୱପ୍ନର ହିନ୍ଦ୍ୱୀ ସାମ୍ରାଜ୍ୟ, ଅଖଣ୍ଡ ରାଷ୍ଟ୍ର ଏବଂ ପରମ ବୈଭବଶାଳୀ ଭାରତ ଗଠନ କରିବା ପାଇଁ ଯେଉଁ ଯୁବବର୍ଗ ନିଜର ସମ୍ପୂର୍ଣ୍ଣ ଜୀବନ, ରାଷ୍ଟ୍ରଧର୍ମ ଓ ସନାତନ ଧର୍ମ ପାଇଁ ଆହୂତ କରିବାକୁ ଚାହୁଁଛନ୍ତି, ଆମେ ସେମାନଙ୍କୁ ସ୍ୱାଗତ ଜଣାଉଛୁ ।

ଆମର ଏହା ବିଶ୍ୱାସ ଓ ବିଶ୍ୱ ସାକ୍ଷୀ ଅଟେ କି, ଯେକୌଣସି ଜାତି ଓ ସମ୍ପ୍ରଦାୟରେ ଜନ୍ମିତ ସାଧାରଣ ଲୋକମାନେ, ଯେଉଁମାନେ ପରାକ୍ରମୀ ଓ ପ୍ରଚଣ୍ଡ ପୁରୁଷାର୍ଥୀ ଥିଲେ, ସେମାନେ ବଡ଼-ବଡ଼ କ୍ରାନ୍ତି କରିଛନ୍ତି । ତେଣୁ ସମଗ୍ର ଭାରତର ପରାକ୍ରମୀ ରାଷ୍ଟ୍ରଭକ୍ତ ଯୁବବର୍ଗ ନବବର୍ଷ ରାମନବମୀ ଅବସରରେ ପତଞ୍ଜଳିକୁ ଆସନ୍ତୁ ଏବଂ ଯୋଗଋଷି ସ୍ୱାମୀ ରାମଦେବ ଜୀ ଓ ପୂଜ୍ୟ ଆଚାର୍ଯ୍ୟ ଶ୍ରୀ ବାଲକୃଷ୍ଣ ଜୀଙ୍କ ପାବନ ସାନ୍ନିଧ୍ୟରେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଓ ସନ୍ନ୍ୟାସ ଆଶ୍ରମରେ ଶିକ୍ଷା-ଦୀକ୍ଷା ପାଇ ନିଜ ମଧ୍ୟରେ ମହାନ ଋଷିଙ୍କ ଭଳି ବ୍ୟକ୍ତିତ୍ୱ, ଚରିତ୍ର ଓ ନେତୃତ୍ୱ ସୃଷ୍ଟି କରନ୍ତୁ ଏବଂ **ଚରିତ୍ର ନିର୍ମାଣ, ରାଷ୍ଟ୍ର ନିର୍ମାଣ ତଥା ଯୋଗମୟ ଯୁଗ ନିର୍ମାଣର ନୂଆ ଇତିହାସ ରଚନ୍ତୁ ।**

**ଯେକୌଣସି ଜାତି ଓ ରାଜ୍ୟ**ର ମାତା-ପିତା, ଯେଉଁମାନେ ନିଜର ପ୍ରତିଭାବାନ୍ ପୁଅ-ଝିଅଙ୍କୁ ଶ୍ରଦ୍ଧେୟ ସ୍ୱାମୀ ଜୀ ଓ ପୂଜ୍ୟ ଆଚାର୍ଯ୍ୟ ଜୀଙ୍କ ସାନ୍ନିଧ୍ୟରେ ଶିକ୍ଷା-ଦୀକ୍ଷା ଦିଆଇ ନିଜର କୁଳବଂଶର ନାମକୁ ଉଜ୍ଜ୍ୱଳ କରିବା ସହିତ **ଋଷିମାନଙ୍କ ପ୍ରକୃତ ବଂଶଧର** ରୂପେ ନିଜର ସନ୍ତାନଙ୍କୁ ରାଷ୍ଟ୍ର ଓ ସନାତନ ଧର୍ମ ପାଇଁ ସମର୍ପିତ କରିବାକୁ ଚାହୁଁଛନ୍ତି କିମ୍ବା ମୋହ ଓ ଅଜ୍ଞାନବଶତଃ ଯେଉଁମାନଙ୍କର ମାତା-ପିତା ଏହି ଆହ୍ୱାନକୁ ବୁଝିବାରେ ଅମଙ୍ଗ ହେଉଛନ୍ତି, ଏପରି ଯୁବକ-ଯୁବତୀ ମାତା-ପିତାଙ୍କ ଅନୁମତି ବିନା ମଧ୍ୟ ପତଞ୍ଜଳି ଯୋଗପୀଠକୁ ଆସିପାରିବେ! ଶ୍ରଦ୍ଧେୟ ସ୍ୱାମୀ ଜୀ, ପୂଜ୍ୟ ଆଚାର୍ଯ୍ୟ ଜୀ, ମହର୍ଷି ଦୟାନନ୍ଦ ପ୍ରମୁଖ ଅଧିକାଂଶ ସନ୍ନ୍ୟାସୀ ଏହିଭଳି ଭାବେ ତିଆରି ହୋଇଛନ୍ତି ।

ସନ୍ନ୍ୟାସୀ, ବ୍ରହ୍ମଚାରୀ ହେବା ପାଇଁ ଆଜି ହିଁ ଯୋଗାଯୋଗ କରି ନିଜର ରେଜିଷ୍ଟ୍ରେଶନ୍ କରାନ୍ତୁ:

**8954555999, 8954555111**

**ପତଞ୍ଜଳି ସନ୍ନ୍ୟାସ ଆଶ୍ରମ, ପତଞ୍ଜଳି ଯୋଗପୀଠ, ହରିଦ୍ୱାର**

info@patanjalisannyasashram.com www.patanjalisannyasashram.com

# କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ


ସୋନୁ ସୁଦ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୋନୁ ସୁଦ କରୋନା ସମୟରେ ଲୋକଙ୍କୁ ସେବା ଯୋଗାଇ ସେମାନଙ୍କ ପାଇଁ ଭଗବାନ ପାଲଟିଛନ୍ତି। ଏଥିସହ ସେ ବହୁ ଲୋକଙ୍କ ସମସ୍ୟାର ସମାଧାନ ମଧ୍ୟ କରୁଛନ୍ତି। ଏସବୁ କାମ ପାଇଁ ସୋନୁ ରାଜନୀତିରେ ଯୋଗ ଦେବେ ବୋଲି ନିକଟରେ ଚର୍ଚ୍ଚା ହେଉଥିଲା। ହେଲେ ସୋନୁ ଏହାକୁ ନେଇ ନିଜର ପ୍ରତିକ୍ରିୟା ରଖି ସମସ୍ତଙ୍କ ପ୍ରଶ୍ନକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ତାଙ୍କୁ ୨ ଥର ରାଜ୍ୟ ସଭା ସଦସ୍ୟ ପଦ ପାଇଁ ଅଫର ମିଳିଛି, କିନ୍ତୁ ସେ ଏହାକୁ ଗ୍ରହଣ କରିନାହାନ୍ତି। ସବୁଠାରୁ ବଡ଼ କଥା ହେଲା, ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପାଇଁ ମଧ୍ୟ ସୁଯୋଗ ମିଳିଥିଲା। କିନ୍ତୁ ସେ ଏଥିପ୍ରତି ନିଜର ଆଗ୍ରହ ଦେଖାଇ ନ ଥିଲେ। ସେ ତାଙ୍କ ହିସାବରେ ଆଗକୁ ବଢ଼ିବାକୁ ଚାହାନ୍ତି, କାହା ଅଧୀନରେ ରହି ସେ କାମ କରିବାକୁ ଇଚ୍ଛା କରନ୍ତିନି ବୋଲି କହିଥିଲେ। ତେବେ ତାଙ୍କୁ ଶେଷଥର ପାଇଁ ଗତବର୍ଷ ଅକ୍ଷୟ କୁମାରଙ୍କ ସହ ସିନେମା 'ସମ୍ରାଟ ପୃଥ୍ୱୀରାଜ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ହିନ୍ଦୀ ଏବଂ ତାମିଲ ଭାଷାରେ ୨ଟି ଫିଲ୍ମ ଆସିବାକୁ ଯାଉଛି।

# ଏକ ତୃତୀୟାଂଶ ନିଦ୍ରା ଜରୁରୀ




ନିରାମୟ ଜୀବନ ପାଇଁ ଆବଶ୍ୟକ ନିଦ୍ରା ଜରୁରୀ। ଠିକ୍ ସମୟରେ ଖାଇବା ଏବଂ ବ୍ୟାୟାମ କରିବା ଭଳି ନିଦ୍ରା ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତା ପାଇଁ ମୂଳଦୁଆ ସାବ୍ୟସ୍ତ ହୋଇଥାଏ। କିନ୍ତୁ ଲୋକେ ସାଧାରଣତଃ ଶୋଇବାକୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ଅତ୍ୟାବଶ୍ୟକ ଆଚରଣ ଭାବରେ ବିବେଚନା କରନ୍ତି ନାହିଁ।

ଫଳରେ ଦିନ ବିତିବା ସହ ନିଦ୍ରାର ଅଭାବ ଯୋଗୁ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆରମ୍ଭ ହୋଇଥାଏ। ତେଣୁ ନିଦ୍ରା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଭର୍ନାଲ ଇକ୍ୱିନକ୍ସ ପୂର୍ବରୁ ପଡୁଥିବା ଶୁକ୍ରବାରରେ 'ବିଶ୍ୱ ନିଦ୍ରା ଦିବସ' ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମାର୍ଚ୍ଚ ୧୭ରେ ପାଳନ କରାଯାଉଛି। ୨୦୦୮ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି "ସ୍ଲିପ୍ ଇଜ୍ ଏସେନ୍ସିଆଲ ଫର ହେଲ୍ଥ।" ଏହି ଅବସରରେ ସୁସ୍ୱାସ୍ଥ୍ୟ ପାଇଁ ନିଦ୍ରାର ଆବଶ୍ୟକତା ସମ୍ପର୍କରେ ବିଶ୍ୱସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ। ଲୋକଙ୍କ ମଧ୍ୟରେ ଜୀବନରେ ନିଦ୍ରାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଶ୍ୱ ନିଦ୍ରା ସମାଜ ଅଧୀନରେ ବିଶ୍ୱ ନିଦ୍ରା ଦିବସ କମିଟି ଦ୍ୱାରା ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ନିଦ୍ରା ଦିବସର ତାରିଖ ପ୍ରତିବର୍ଷ ବଦଳିଥାଏ। ହାରାହାରି ରାତିର ନିଦକୁ ଆଠ ଘଣ୍ଟା ଅର୍ଥାତ୍ ଦିନର ଏକ ତୃତୀୟାଂଶ ଭାବେ ଗ୍ରହଣ କରାଯାଇଥାଏ। ହିସାବ ଅନୁସାରେ ଜଣେ ନିଜ ଜୀବନର ଏକ ତୃତୀୟାଂଶ ସମୟ ଶୋଇବା ଜରୁରୀ। ମାତ୍ର ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ମଣିଷ ଜୀବନ ନିଦ୍ରାହୀନତାରେ ବିତୁଛି।

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ପାଠକ ପାଠିକା, ଶୁଭେଚ୍ଛୁଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀକୁ ଭଲପାଇବା, ଧରିତ୍ରୀ ପାଇଁ କିଛି କାମ କରି ବିକାଶ ପଥରେ ଆଗେଇବା ।
ଶୁଭେଚ୍ଛା ସହ
ଏଫ୍.ଏଲ୍.ଶପ୍ (ଶେରଗଡ଼)
ବଜାର ରାସ୍ତା, ଶେରଗଡ଼

BERHAMPUR CARDIAC CENTRE
Bhavanagar Square, Berhampur
Wish You Happy Birth Anniversary of Dharitri, Berhampur Edition
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ
ଏଠାରେ ସମସ୍ତ ପ୍ରକାର ପରୀକ୍ଷା ଯଥା ମଳ,ମୂତ୍ର,ରକ୍ତ,ଅତ୍ୟାଧୁନିକ ମେସିନ ସହ ଯୋଗ୍ୟ ବିବେଚିତ ପରୀକ୍ଷାକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଏ ।
ସେବାରେ:
ରଘୁନାଥ ଫିଲିଂ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)
ଏଠାରେ ECG, EEG, ପାଥୋଲୋଜି ପରୀକ୍ଷା ପାଇଁ ଯୋଗାଯୋଗ କରନ୍ତୁ
ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର
ଭାବାନଗର ଛକ (ବ୍ରହ୍ମପୁର)
ମୋ: ୯୯୩୭୪୯୭୫୯୩

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଓଡ଼ିଶାର ସମସ୍ତ ପାଠକଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରାନ୍ତୁ । ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଅବନୀ କୁମାର ଦାଶ
ତାକରଡ଼ା, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଓ ମା' ଭଲ ପାଇବା । ମା ପ୍ରତି ଉତ୍ତମ ସ୍ନେହ ପ୍ରଦର୍ଶନ କରିବା ସହ ଓଡିଶା ମାଟି ପାଇଁ ବିକାଶ ପଥରେ ଆଗେଇବା ପାଇଁ ନିଜକୁ ପ୍ରସ୍ତୁତ କରିବା । ସେହି ମାଟି ମା' ର ସନ୍ତାନ ହିସାବରେ ନିଜକୁ ଗଢିତୋଳିବା । ମା' ର ପାଦରେ ଅଜସ୍ର ସ୍ନେହ ଢାଳି ଦେଇ ନିଜକୁ ଜଣେ ସୁଯୋଗ୍ୟ ଦାୟାଦ ହିସାବରେ ପରିଗଣିତ କରିବା । ଶୁଭେଚ୍ଛା ସହ
ଅକ୍ଷୟ କୁମାର ମଲ୍ଲିକ
ବିଡିଓ, ଚନ୍ଦ୍ରପୁର ଶେରଗଡ଼ ତହସିଲ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜର ଲେଖା ଛପା ନିଆରା । ସତ୍ୟ ମତାମତଭିତ୍ତିକ ଖବରକାଗଜ ଧରିତ୍ରୀ। ଆସନ୍ତୁ,ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଶୁଭେଚ୍ଛା ସହ
ବନୋଜ କୁମାର ସେଠୀ — ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ଼
ଇଂ ମଧୁସୂଦନ ଦାଶ — ସହକାରୀ ଯନ୍ତ୍ରୀ, ଜଳସେଚନ ବିଭାଗ, ପିତଳ ଛକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ । ଧବଳପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ।
ଶୁଭେଚ୍ଛା ସହ
ଇଂ.ଦେବୀ ପ୍ରସାଦ ଦାଶ
ସମାଜସେବୀ,ଧବଳପୁର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଉଛି । ଆଶା, ଏହି ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ସହାୟ ହୁଅନ୍ତୁ । ଚଲାପଥରେ ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଶ୍ରୀ କବୀନ୍ଦ୍ର ନାଥ ପଣ୍ଡା
ସମାଜସେବୀ, ଶେରଗଡ଼

NAYARA PETROL PUMP
Pital Chaka
Wish you a Happy Birth Anniversary of Dharitri Berhampur Edition
ନାୟରା ପେଟ୍ରୋଲ ପମ୍ପ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଶୁଭକାମନା । ଆମର ଏଠାରେ ଉନ୍ନତମାନର ପେଟ୍ରୋଲ, ଡିଜେଲ, ମୋବିଲ ଓ ଅଏଲ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ ।
ଶୁଭେଚ୍ଛା ସହ : ମାଧବାନନ୍ଦ ପଣ୍ଡା, ଶାନ୍ତନୁ ଚୌଧୁରୀ
ନାୟରା ପେଟ୍ରୋଲ ପମ୍ପ
କରଞ୍ଜେଇ ନିକଟ ପିତଳ ଛକ, ଶେରଗଡ଼ ବ୍ଲକ
ମୋ–7978019669

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିର୍ଭୀକ ଖବରକାଗଜ । ଏହି କାଗଜର ଖ୍ୟାତି ରହିଛି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହୀୟସୀ ମହିଳା ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ଚରଣରେ, ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା । ଶୁଭେଚ୍ଛା ସହ
ଜି.ରବିକୁମାର
ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିଆରା କାଗଜ । ମତାମତଭିତ୍ତିକ ଓ ତଥ୍ୟଭିତ୍ତିକ ଖବର ଛାପି ଆସୁଥିବା କାଗଜ ହେଉଛି ଧରିତ୍ରୀ । ଆସନ୍ତୁ, ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା, ଶୁଭେଚ୍ଛୁ ତଥା ଶେରଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ହୃଷୀକେଶ ପାଢ଼ୀ
ବରିଷ୍ଠ ବିଜେଡି ନେତା, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ପିତଳ ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା ଦେଶ ବିଦେଶର କଥା ଜାଣିବା । ଶୁଭେଚ୍ଛା ସହ
କୃଷ୍ଣଚନ୍ଦ୍ର ମଳିକ — ପୂର୍ବତନ ସରପଞ୍ଚ, ପିତଳ
ଅନିଲ କୁମାର ମହାପାତ୍ର — ପୂର୍ବତନ ସରପଞ୍ଚ, ପିତଳ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଧନନ୍ତର ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ସହ ଶୁଭକାମନା ।
ନିରଞ୍ଜନ ଜେନା — ବରିଷ୍ଠ ନେତା, ଧନନ୍ତର
ରାଜେଶ ଜେନା — ସରପଞ୍ଚ, ଧନନ୍ତର, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
BIJU PATNAIK ENGLISH MEDIUM SCHOOL, SHERAGADA, GANJAM
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡିଶାର ଅଗଣିତ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଜଣାଉଛି । ୨୦୨୩–୨୪ ଶିକ୍ଷାବର୍ଷ ନିମନ୍ତେ ନାମଲେଖା ଆରମ୍ଭ ହୋଇଛି । ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨(୧) ଅନୁଯାୟୀ www.rteparadarshi.odisha.gov.in. ପୋର୍ଟାଲ ମାଧ୍ୟମରେ ଆବେଦନ କରନ୍ତୁ । ନଚେତ୍ ସ୍କୁଲକୁ ଆସି ଆବେଦନ କରନ୍ତୁ । ସାମାଜିକ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି । ୧୩ ରୁ ୨୪ ଏପ୍ରିଲ ମଧ୍ୟରେ । ଶୁଭେଚ୍ଛା ସହ
ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ ।
କେଦାର ପ୍ରସାଦ ପଣ୍ଡା
ସହକାରୀ ନିର୍ବାହୀ ଯନ୍ତ୍ରୀ,ଶେରଗଡ଼ ବ୍ଲକ୍

ସ୍ୱନକ୍ଷତ୍ର ଅଭିନନ୍ଦନ
SAVE FOREST FROM FIRE
ନିଆଁ ଦାଉରୁ ଜଙ୍ଗଲ ରକ୍ଷା, ଜଙ୍ଗଲର ବୃକ୍ଷଲତା, ଜୀବଜନ୍ତୁଙ୍କୁ ନିଆଁ ଦାଉରୁ ରକ୍ଷା କରନ୍ତୁ । ଫଳରେ ସବୁଜବନାନୀ ଜଙ୍ଗଲ ଆମ୍ଭଙ୍କୁ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ପରିବେଶ ସୁରକ୍ଷିତ ରହିବାରେ ସହାୟକ ହେବ । ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ବନ କର୍ମଚାରୀ, ବନ ସୁରକ୍ଷା ସମିତିଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଶାନ୍ତନୁ ନାୟକ
ବନ ଫରେଷ୍ଟର,ଷଡଙ୍ଗୀପଲ୍ଲୀ, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା, ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
DOCTOR
ମା' ଶ୍ୟାମଳାଇ ମେଡିକାଲ ଷ୍ଟୋର
ମେଡିକାଲ ରୋଡ୍, ପାତ୍ର କଲୋନୀ, ଶେରଗଡ଼
ଏଠାରେ ସମସ୍ତ ପ୍ରକାର ଔଷଧ ସୁଲଭ ମୂଲ୍ୟରେ ମିଳେ ।

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଆଜି । ଏହି ଅବସରରେ ଓଡ଼ିଶାର ଜନସାଧାରଣ ତଥା ଶେରଗଡ ବ୍ଲକ ଜନସାଧାରଣ ଓ ବିଜୁ ଜନତାଦଳର କର୍ମୀ, ନେତାଙ୍କୁ ଆନ୍ତରିକ ଅଭିନନ୍ଦନ । ଆଶା, ଆପଣଙ୍କ ଚଲାପଥରେ ଶ୍ରୀଜଗନ୍ନାଥ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
ହୀନ ବେହେରା — ସମାଜ ମଙ୍ଗଳ ବୋର୍ଡର ସଦସ୍ୟ, ବରିଷ୍ଠ ନେତା,ବିଜେଡି,ଶେରଗଡ଼
ଶରତ ଚନ୍ଦ୍ର ପାତ୍ର — ବ୍ଲକ ବିଜୁ ଜନତା ଦଳ ସଭାପତି, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକ ଓ ସ୍ୱନକ୍ଷତ୍ର ଦିବସ ଆଜି । ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡିଶାର ଅଗଣିତ ପାଠକ ପାଠିକା ତଥା ଶେରଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ, ବିଜେଡିର ନେତା ଓ କର୍ମୀଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ । ଶୁଭେଚ୍ଛା ସହ
କୃଷ୍ଣଚନ୍ଦ୍ର ନାୟକ
ବ୍ଲକ ଅଧ୍ୟକ୍ଷ, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଆଜି । ଏହି ଅବସରରେ ଓଡ଼ିଶାର ଅଗଣିତ ପାଠିକା ପାଠକ ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା । ଚଳିତ ନବବର୍ଷ ଆପଣଙ୍କ ଚଲାପଥରେ ଠାକୁର ପୁଷ୍ପ ବୃଷ୍ଟି କରନ୍ତୁ । ଚଳିତ ବର୍ଷ ସୁଖ ସମୃଦ୍ଧିର ବର୍ଷ ହେଉ । ଶୁଭେଚ୍ଛା ସହ ଅଭିନନ୍ଦନ ।
ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ବ୍ୟାୟାମ, ଶାକାହାରୀ ଭୋଜନ, ପାଣି ପିଅନ୍ତୁ । ସଂକ୍ରମଣ ଦାଉରୁ ରକ୍ଷା ପାଇବାକୁ ହେଲେ ମାସ୍କ ପିନ୍ଧନ୍ତୁ ।
DOCTOR
ଡ. ଶ୍ରୀକାନ୍ତ କୁମାର ତ୍ରିପାଠୀ
ଭାରପ୍ରାପ୍ତ ଅଧିକାରୀ,ଡେଙ୍ଗାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା, ଶୁଭେଚ୍ଛୁଙ୍କୁ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା,ଆପଣଙ୍କ ଚଲାପଥରେ ଭଗବାନ ପୁଷ୍ପ ବୃଷ୍ଟି କରନ୍ତୁ । ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଓ କର୍ମୀ ଓ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଉଛି । ଶୁଭେଚ୍ଛା ସହ
ସନ୍ତୋଷ କୁମାର ପଟ୍ଟନାୟକ
ବ୍ଲକ ଯୁବ ବିଜେଡି ସଭାପତି,ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଗାନ୍ଧୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଅଭିନନ୍ଦନ ।
GANDHI SCIENCE HIGHER SECONDARY SCHOOL
Wish You Happy Prosperous Birth Anniversary of Dharitri, Berhampur Edition
Tarini Charan Tripathy
Director, Academic Gandhi School of Engineering
Mob:7853924333

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ସହ ଶୁଭକାମନା ଜଣାଉଛି । ଅଲାରିଗଡ ପଞ୍ଚାୟତର ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ।
ଶୁଭେଚ୍ଛା ସହ
ଶ୍ରୀମତୀ ସାରସ ସ୍ୱାଇଁ
ସରପଞ୍ଚ, ଅଲାରିଗଡ଼ ଗ୍ରାମପଞ୍ଚାୟତ,ଶେରଗଡ଼ ବ୍ଲକ




# ତୀର୍ଥଯାତ୍ରାରେ ବାହାରିଲେ ୯୭୦ ବରିଷ୍ଠ ନାଗରିକ

**ଆଭାସି ମାଧ୍ୟମରେ ଯାତ୍ରା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ସମ୍ବଲପୁର, ୧୬ା୩(ବ୍ୟୁରୋ)

ସମ୍ବଲପୁର ଷ୍ଟେଶନରୁ ଗୁରୁବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ ବାହାରିଛି। ସମ୍ବଲପୁରରୁ ୧୧୨, ଅନୁଗୋଳ ୧୩୭, ଦେବଗଡ ୩୩, ସୁବର୍ଣ୍ଣପୁର ୬୫, ବରଗଡ ୧୫୯, ସୁନ୍ଦରଗଡ଼ ୨୨୫, ଝାରସୁଗୁଡ଼ା ୬୨ ଓ ବଲାଙ୍ଗୀର ଜିଲାରୁ ୧୬୭ ଏଭଳି ମୋଟ ୯୭୦ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ବାହାରିଛନ୍ତି। ସେମାନଙ୍କ ସହ ଜିଲା ପ୍ରଶାସନର ୩୦ ଜଣ ଗାଇଡ୍ ମଧ୍ୟ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳାଇ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଉପସ୍ଥିତ ରହି ତୀର୍ଥ ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଏହି ଯୋଜନାରେ ୫ଜଣ ବରିଷ୍ଠ ନାଗରିକଙ୍କୁ ଅତିଥିମାନଙ୍କ ଦ୍ୱାରା ଡମି ଟିକେଟ ଓ କିଟ୍ ବ୍ୟାଗ ଦିଆଯାଇଥିଲା। ତୀର୍ଥଯାତ୍ରୀମାନେ ୫ଦିନ ଶିରିଡି, ନାଶିକ ଆଦି ସ୍ଥାନ ବୁଲି ୨୧ ମାର୍ଚ୍ଚରେ ଫେରିବେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆର୍‌ସିଟିସି ପକ୍ଷରୁ ତୀର୍ଥଯାତ୍ରୀଙ୍କ ଯିବାଆସିବା ପାଇଁ ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଇବା ଆଦିର ବ୍ୟବସ୍ଥା କରାଯାଇଛି। ତୀର୍ଥ ଦର୍ଶନର ସୁଯୋଗ ପାଇଥିବାରୁ ବରିଷ୍ଠ ନାଗରିକମାନେ ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୬ରୁ ରାଜ୍ୟ ସରକାର ୬୦ରୁ ୭୫ବର୍ଷ ବୟସର ଗରିବ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି।


ସମ୍ବଲପୁର ଷ୍ଟେଶନରେ ବରିଷ୍ଠ ପଦାଧିକାରୀ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଉଛନ୍ତି।

# ରାଜ୍ୟରେ ବାଲ୍ ଆଧାର ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, ୧୬ା୩(ବ୍ୟୁରୋ)

ଏଣିକି ରାଜ୍ୟରେ ବାଲ୍ ଆଧାର ଯୋଜନା କାର୍ଯ୍ୟକାରୀ ହେବ। ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଜନ୍ମ ପଞ୍ଜୀକରଣ ଓ ଜନ୍ମ ସାର୍ଟିଫିକେଟ୍ ଶିଶୁର ପ୍ରଥମ ଅଧିକାର ହୋଇଥିବାବେଳେ ଏଣିକି ଶିଶୁଙ୍କ ଜନ୍ମ ପରେ ପରେ ଆଧାର କାର୍ଡ ସଂଯୁକ୍ତ ସହ ଜନ୍ମ ତାରିଖ ପଞ୍ଜୀକରଣ କରାଯିବ। ଆଧାର ସଂଯୋଗ ଦ୍ୱାରା ସରକାରୀ ସେବା ପାଇବା ସହଜ ହେବ ବୋଲି ଆଶା କରାଯାଉଛି। ଶିଶୁ ଜନ୍ମ ହୋଇଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରି ଅଭିଭାବକମାନେ ବାଲ ଆଧାର ପ୍ରାପ୍ତ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଧାର ପଞ୍ଜୀକରଣ ପାଇଁ ମାତାପିତାଙ୍କ ମଧ୍ୟରୁ ଜଣଙ୍କର ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଥିବା ଜରୁରୀ। ୫ବର୍ଷ ପର୍ଯ୍ୟନ୍ତ ଶିଶୁର ବାୟୋମେଟ୍ରିକ ବାଧ୍ୟତାମୂଳକ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଧାର କାର୍ଡ ପଞ୍ଜୀକରଣ ସର୍ବଦା ସେବା ହୋଇଥିବାବେଳେ ଶିଶୁ ଜନ୍ମର ୨୧ ଦିନ ମଧ୍ୟରେ ପଞ୍ଜୀକରଣ କରାଇନେବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଆନ୍ଦୋଳନ ସ୍ଥଗିତ ରଖିଲେ ଆଶାକର୍ମୀ

ଭୁବନେଶ୍ୱର, ୧୬ା୩ (ବ୍ୟୁରୋ)

**ସଚିବଙ୍କ ସହ ଆଲୋଚନା କଲା ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା**

୧୨ ଦଫା ଦାବି ନେଇ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଲୋୟର ପିଏମ୍‌ଜିରେ ଦୁଇଦିନ ଧରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର୍ ତଥା ସଚିବ ଶାଳିନୀ ପଣ୍ଡିତଙ୍କ ସହ ମୋର୍ଚ୍ଚାର କର୍ମକର୍ତ୍ତା ଆଲୋଚନା କରିବା ପରେ ମୋର୍ଚ୍ଚା ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଆଲୋଚନା ସମୟରେ ମୋର୍ଚ୍ଚାର ଆବାହକ ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୨ଦଫା ଦାବି ଉପସ୍ଥାପନ କରିଥିଲେ। ମାସିକ ଭତ୍ତା ବୃଦ୍ଧି, ଭତ୍ତାରେ ନିଶ୍ଚିତ ଇନ୍‌ସେଣ୍ଟିଭ୍ ସାମିଲ କରିବା, ବରିଷ୍ଠତା ଭିତ୍ତିରେ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଇତ୍ୟାଦି ଦାବି ନେଇ ସକାରାତ୍ମକ ଆଲୋଚନା ହୋଇଥିବା ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି। କମିଶନରଙ୍କ ସୁପାରିସ କ୍ରମେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏ ନେଇ ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆଶାକର୍ମୀଙ୍କ ଅହୋରାତ୍ର ଗଣଧାରଣା ସ୍ଥଗିତ ରହିଛି। ଧାରଣାସ୍ଥଳରେ ଗୁରୁବାର ସଂଯୁକ୍ତ ମୋର୍ଚ୍ଚାର ଆବାହକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ନରେ ଜେନାଙ୍କ ସମେତ ନମିତା ସାହୁ, ମାତିଲଦା କୁଲୁ, ଉର୍ମି ଗୁପ୍ତା, ବିଜୟଲକ୍ଷ୍ମୀ ସିଂ, ମମତା ଖଣ୍ଡାୟତରାୟ, ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ସଚିବଙ୍କ ସହ ଆଲୋଚନାରେ ସାମିଲ ହୋଇଥିଲେ। ଏହାପରେ ଆନ୍ଦୋଳନକୁ ମୋର୍ଚ୍ଚା ପକ୍ଷରୁ ସ୍ଥଗିତ ଘୋଷଣା କରାଯାଇଥିଲା।

# ସ୍କୁଲ କମିଟି ସଭାପତିଙ୍କୁ ଚାପୁଡ଼ା ମାରିଲେ ବିଡିଓ

ଭଦ୍ରକ ଅଫିସ/ ବନ୍ତ, ୧୬ା୩ (ଡି.ଏନ.ଏ)

ସ୍କୁଲ ପରିଚାଳନା କମିଟି ସଭାପତିଙ୍କୁ ଚାପୁଡ଼ା ମାରିଲେ ବିଡିଓ। ସ୍କୁଲରେ ୫-ଟି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବ୍ଲକ ପ୍ରଶାସନ ଆସିଥିବା ବେଳେ କମିଟି ସଭାପତି ଏହାକୁ ବିରୋଧ କରିବାରୁ ବିଡିଓ ତାଙ୍କ ଉପରକୁ ହାତ ଉଠାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ସେଣ୍ଢତୀରା ପଞ୍ଚାୟତ ଶିଆଳିଆ ନୋଡାଲ ହାଇସ୍କୁଲରେ। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ବାରିକଙ୍କୁ ବିଡିଓ ପ୍ରଦୀପ ସେଠୀ ହାତ ଉଠାଇ ମାରିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଘଟଣାରୁ ପ୍ରକାଶ ଯେ, ୩ୟ ପର୍ଯ୍ୟାୟରେ ଶିଆଳିଆ ନୋଡାଲ ହାଇସ୍କୁଲ ୫-ଟି ରୂପାନ୍ତରଣରେ ସ୍ଥାନ ପାଇଛି। ହେଲେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ପରିଚାଳନା କମିଟି ସମେତ ଅଭିଭାବକମାନେ ବିରୋଧ କରିଥିଲେ। ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସେମାନେ ଚଳିତମାସ ୬ତାରିଖରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିସହ ସ୍କୁଲରେ ୫-ଟି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଦରଖାସ୍ତ କରିଥିଲେ। ଏସବୁ ସମସ୍ୟାର ସମାଧାନ ହୋଇ ନ ଥିବାବେଳେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ ସ୍ଥାନୀୟ ପୋଲିସ ସହାୟତାରେ ୫-ଟି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ବିଦ୍ୟାଳୟକୁ ଆସିଥିଲେ। ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନଙ୍କ ସମେତ ସଭ୍ୟ ଓ ଅଭିଭାବକମାନେ ଏହାକୁ ବିରୋଧ କରିଥିଲେ। ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ନ ଆଣିଲେ କାର୍ଯ୍ୟ କରାଇଦେବୁ ନାହିଁ ବୋଲି ରଞ୍ଜନ କହିବାରୁ ବିଡିଓ ସେଠୀ ହଠାତ୍ ରାଗିଯାଇ ତାଙ୍କ ଉପରକୁ ହାତ ଉଠାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ବନ୍ତ ପୋଲିସ ସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ସମ୍ପର୍କରେ ବିଡିଓ ସେଠୀଙ୍କୁ ପଚାରିବାରୁ ସେଠାରେ ଯୁକ୍ତିତର୍କ ହୋଇଥିଲା, କିନ୍ତୁ ହାତ ଉଠାଇବା କଥା ମିଛ ବୋଲି କହିଛନ୍ତି।


ଶିଆଳିଆ ନୋଡାଲ ହାଇସ୍କୁଲ ପରିସରରେ ଉତ୍ତେଜନା।

- **୫-ଟି କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ହୋଇଥିଲା ଯୁକ୍ତିତର୍କ**
- **ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

# ପୋଲିସ ଅଧିକାରୀଙ୍କୁ ନୋଟିସ

କଟକ ଅଫିସ, ୧୬ା୩

**୧୫ ଦିନ ମଧ୍ୟରେ ପକ୍ଷ ନ ରଖିଲେ ଏକତରଫା କାର୍ଯ୍ୟାନୁଷ୍ଠାନ**

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପୋଲିସ ଅଧିକାରୀ ଏନ୍. ବି. ଭାରତୀଙ୍କୁ ନୋଟିସ୍ ଜାରି କରାଯାଇଛି। ତାଙ୍କ ଉପରେ ଲଗାଯାଇଥିବା ଆରୋପରୁ ରକ୍ଷା ପାଇବା ପାଇଁ ନୋଟିସ୍ ପାଇବାର ୧୫ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ନଚେତ୍ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ନୋଟିସ୍ ସୂଚନା ଅନୁସାରେ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ଭାରତୀଙ୍କ ବିରୋଧରେ ୨୦୧୭ ନଭେମ୍ବର ୨୩ରେ ଶୃଙ୍ଖଳାଗତ କାର୍ଯ୍ୟବିଧି ଆରମ୍ଭ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ତଦନ୍ତ ଦାୟିତ୍ୱରେ ଥିଲେ। ତଦନ୍ତକାରୀ ଅଧିକାରୀ ଭିନ୍ନ ଭିନ୍ନ ସମୟରେ ତାରିଖ ଧାର୍ଯ୍ୟ କରି ଭାରତୀଙ୍କୁ ରେଜିଷ୍ଟ୍ରି/ସ୍ପିଡ୍ ଡାକ ଓ ଇ-ମେଲ ଯୋଗେ ଚିଠି ପ୍ରେରଣ କରିଥିଲେ। ହେଲେ ଭାରତୀ ସେଗୁଡ଼ିକୁ ଗ୍ରହଣ ନ କରିବାରୁ ତାହା ଫେରିଆସିଥିଲା। ବାରମ୍ବାର ନୋଟିସ ପରେ ବି ଭାରତୀ ତଦନ୍ତରେ ଉପସ୍ଥିତ ନ ହେବାରୁ ତାହା ଏକତରଫା ପରିଚାଳନା ହୋଇଥିଲା। ପରେ ପୁଣି ୨୦୨୨ ଫେବୃୟାରୀ ୨୮ ଓ ମାର୍ଚ୍ଚ ୧୬ ତାରିଖରେ ନୋଟିସ ପଠାଯାଇଥିଲା। ହେଲେ ତାହା ବିଫଳ ହୋଇଥିଲା। ଏବେ ପୁଣି ନୋଟିସ ପଠାଯାଇଛି।




# ଏଚ୍‌ଥ୍ରୀଏନ୍‌୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି

## ଆତଙ୍କିତ ହୁଅନାହିଁ, ସତର୍କ ରୁହ: ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା

ଭୁବନେଶ୍ୱର, ୧୬ା୩(ବ୍ୟୁରୋ)

ରାଜ୍ୟରେ ଏଚ୍‌ଥ୍ରୀଏନ୍‌୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି ପାଇଛି। ୧୪ ତାରିଖ ସୁଦ୍ଧା ରାଜ୍ୟରେ ଆଉ ମାତ୍ର ଦୁଇଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଅନେକେ ସୁସ୍ଥ ହୋଇସାରିଛନ୍ତି। ରାଜ୍ୟରେ ଚିହ୍ନଟ ମୋଟ ୬୧ ଜଣ ସଂକ୍ରମିତଙ୍କ ମଧ୍ୟରୁ ୬ଜଣ ୫ବର୍ଷରୁ କମ୍ ବୟସର ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ରାଜ୍ୟରେ ଆତଙ୍କିତ ହେବା ଭଳି ସ୍ଥିତି ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ଏଚ୍‌ଥ୍ରୀଏନ୍‌୨ ସଂକ୍ରମିତଙ୍କଠାରେ କୋଭିଡ୍ ଭଳି ଲକ୍ଷଣ ଦେଖା ଦେଉଥିଲେ ମଧ୍ୟ ଏହାକୁ ନେଇ ଚିନ୍ତା ବା ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ବିଭିନ୍ନ ସରକାରୀ ଡାକ୍ତରଖାନାରୁ ଆସୁଥିବା ନମୁନାର ପରୀକ୍ଷା ଆର୍‌ଏମ୍‌ଆର୍‌ସିରେ କରାଯାଉଛି। ତାପମାତ୍ରା ବୃଦ୍ଧି ସହିତ ଏହି ସଂକ୍ରମଣ ହ୍ରାସ ପାଇବ। ରାଜ୍ୟରେ ଏବେ ଏହି ଗ୍ରାଫ୍ ତଳମୁହାଁ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଡ୍ରପ୍‌ଲେଟ୍‌ରୁ ଏଚ୍‌ଥ୍ରୀଏନ୍‌୨ ସଂକ୍ରମଣ ବୃଦ୍ଧି ପାଏ। ସ୍କୁଲରେ ପିଲା ଏକାଠି ହେଉଥିବାରୁ ପିଲାଙ୍କ ମଧ୍ୟରେ ଏହା ଅଧିକ ବ୍ୟାପୁଛି। ଏହାକୁ ନେଇ ବାହାର ରାଜ୍ୟରେ ସ୍କୁଲ ବନ୍ଦ ଭଳି ସ୍ଥିତି ଉପୁଜିଛି। ହେଲେ ରାଜ୍ୟରେ ସେଭଳି ଆତଙ୍କିତ ହେବା ଭଳି ସ୍ଥିତି ନାହିଁ। ଏହା ଋତୁକାଳୀନ ଇନଫ୍ଲୁଏଞ୍ଜା ହୋଇଥିବାରୁ ସଂକ୍ରମିତ ୭ଦିନ ମଧ୍ୟରେ ବିନା ଔଷଧରେ ସୁସ୍ଥ ହୋଇଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ଅଧିକ ଦିନ ଥଣ୍ଡା, କାଶ, ଜ୍ୱର ଲାଗି ରହେ ତେବେ ଡାକ୍ତରଙ୍କୁ ପରାମର୍ଶ କରିବେ। ପ୍ରଥମେ କୋଭିଡ୍ ଟେଷ୍ଟ ପରେ ଇନଫ୍ଲୁଏଞ୍ଜା ଟେଷ୍ଟ କରି ଚିକିତ୍ସା ହେବ। ଯଦି ଥଣ୍ଡା ଜ୍ୱର ନିମୋନିଆ ଆଡ଼କୁ ଗତି କରେ ଏଥିରେ ଆଣ୍ଟିବାୟୋଟିକ କାମ କରେ ନାହିଁ, ତେଣୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଣ୍ଟିଭାଇରାଲ୍ ଔଷଧ ସେବନ ଆରମ୍ଭ କରିହେବ ବୋଲି ସେ କହିଛନ୍ତି।



**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳର କର୍ମୀମାନେ ଦେଶ ବିରୋଧୀ ଭାଷା କହୁଛନ୍ତି। ଏହି ଗୋଷ୍ଠୀ ଭାରତକୁ ନିନ୍ଦା କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି।
– କିରେନ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି କୁରୁକୁରୁ ହସ
କାଲି ଲଙ୍ଗଳ ଦେଇ ଚଷା।**

ସମୟ କାହାରିକୁ ଅପେକ୍ଷା କରି ନ ଥାଏ। ସମୟର ସଦୁପଯୋଗ କରିପାରୁ ନ ଥିବା ବ୍ୟକ୍ତିଙ୍କୁ ପଛରେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ଆଜି ଅଯଥାରେ ଦିନ କାଟିଲେ କାଲି କଷ୍ଟ ଭୋଗିବାକୁ ପଡିଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ଆଖଡ଼ିଆ ଚମ୍ପା
ଆଖଡ଼ା ସରିଲେ ଫମ୍ପା।**

ଆଖଡ଼ା ସରିଗଲା ପରେ ଆଖଡ଼ା ସ୍ଥାନଟିର ଗୁରୁତ୍ୱ କମିଯାଇଥାଏ। ଉକ୍ତ ସ୍ଥାନଟି ସମୟକ୍ରମେ ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଅପହରଣ ଉଦ୍ୟମ

**ପଟ୍ଟାମୁଣ୍ଡାଇ, ୧୬ା୩(ସ୍ୱ.ପ୍ର.)**

■ କାର୍ କାଚ ଭାଙ୍ଗି ଖସି ଆସିଲେ ଛାତ୍ରୀ
■ ଛାତ୍ରୀଙ୍କ ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା
■ ପୋଲିସ ତଦନ୍ତ ଜାରି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ ଛାତ୍ରୀ କାର କାଚ ଭାଙ୍ଗି ଅପହରଣକାରୀଙ୍କ କବଳରୁ ଖସି ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା୧୫ରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏକ କାରରେ ସମ୍ପୃକ୍ତ ଛାତ୍ରୀକୁ କୌଣସି ଔଷଧ ଶୁଙ୍ଘାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ତାହା କାଟୁ କରି ନ ଥିଲା। ଫଳରେ ଛାତ୍ରୀ ଜଣକ ଅପହରଣକାରୀଙ୍କ କବଳରୁ ଖସି ଆସିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଅପହରଣକାରୀମାନେ ତାଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ଶେଷରେ ଅପହରଣକାରୀମାନେ ତାଙ୍କୁ ସ୍ଥାନୀୟ ଗଜାନନ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଛାଡି କେନ୍ଦ୍ରାପଡ଼ା ଆଡକୁ ଚାଲିଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀ ଜଣକ ଘରକୁ ଫେରୁଥିଲେ। ଏ ସମୟରେ ୩ଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ କିଛି ଶୁଙ୍ଘାଇ ଅଚେତ କରିବାକୁ ଉଦ୍ୟମ କରିବା ସହ କାରକୁ ଉଠାଇ ନେଉଥିଲେ। ହେଲେ କାର ଭିତରେ ଛାତ୍ରୀ ଜଣଙ୍କ ସହ ଦୁର୍ବୃତ୍ତମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଛାତ୍ରୀ ଜଣଙ୍କ ଗୋଇଠା ମାରି କାରର କାଚ ଭାଙ୍ଗି ସେମାନଙ୍କ କବଳରୁ ମୁକୁଳିବା ପାଇଁ ଚିତ୍କାର କରିଥିଲେ। ଦୁର୍ବୃତ୍ତମାନେ ଏହା ଦେଖି ବ୍ଲେଡ୍ ସାହାଯ୍ୟରେ ଛାତ୍ରୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ, ବେକ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଛି। ଛାତ୍ରୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ରୁଣ୍ଡ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି କାର ନେଇ ଫେରାର ହୋଇଯାଇଥିଲେ। ଏହାର କିଛି ସମୟ ପରେ ଛାତ୍ରୀଜଣକ ସଂଜ୍ଞାହୀନ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛାତ୍ରୀଙ୍କ ମା' ବାପା ଚିକିତ୍ସାଳୟରେ ପହଞ୍ଚିଥିଲେ। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କୁ ପଚାରିବାରେ ପରୀକ୍ଷା ଦେଇ ସ୍କୁଲରୁ ବାହାରୁ ଥିବା ବେଳେ ୩ ଜଣ ଦୁର୍ବୃତ୍ତ କ'ଣ ଶୁଙ୍ଘାଇ ଦେବାରୁ ମୋର ମୁଣ୍ଡ ବୁଲାଇ ଦେଇଥିଲା। ଏହି ସମୟ ଅପହରଣକାରୀମାନେ ମୋତେ କାର ଭିତରକୁ ଉଠାଇ ନେଇଥିଲେ। ହେଲେ ମୁଁ ସେମାନଙ୍କ ସହିତ ଲଢ଼ିବା ସହିତ କାରର କାଚକୁ ଗୋଇଠା ମାରି ଭାଙ୍ଗି ନିଜକୁ ମୁକୁଳାଇଥିଲି ବୋଲି କହିଛନ୍ତି। ଛାତ୍ରୀଙ୍କ ଏଭଳି ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ରାଉତଙ୍କୁ ପଚାରିବାରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅପହରଣକାରୀମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶୁକ୍ରଙ୍କ ପ୍ରଭାବରୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରି ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** – ମୁଖଭାବରେ ମଙ୍ଗଳ ଥିବା ହେତୁ ଅତି ଭଲ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ସମ୍ମାନ୍ନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ କିନ୍ତୁ ଅର୍ଥସଙ୍କଟ ମଧ୍ୟଦେଇ ଗତି କରିପାରନ୍ତି।

**ମିଥୁନ** – ଷଷ୍ଠାଧିପ ରାଶିରେ ଅବସ୍ଥାନ କରି ଆତ୍ମୀୟଙ୍କ ସହ ସୁସମ୍ପର୍କକୁ ନଷ୍ଟ କରିବ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ସମ୍ପର୍କୀୟ ବ୍ୟକ୍ତିଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** – ରାହୁଙ୍କ ପ୍ରଭାବରେ କୌଣସି କାମ ଶୃଙ୍ଖଳିତ ହେବନାହିଁ। ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇ ଯିବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ** – ପାପଯୁକ୍ତ କର୍ମାଧିପତି ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ମନ ଭଲ ରହିବ ନାହିଁ। ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ, କିନ୍ତୁ ପାରିବେନାହିଁ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟାକୁ ଟାଣି ହୋଇପାରନ୍ତି। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ପାଇବେ।

**କନ୍ୟା** – ଧନସ୍ଥାନରେ କେତୁ ଥିବାରୁ ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯାଇପାରେ। ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବୃଦ୍ଧି ପାଇବ।

**ତୁଳା** – ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ହେତୁ ଅପ୍ରିୟ ସତ୍ୟକଥା ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**ବିଛା** – କାମର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣାରେ ବିଜୟଲାଭର ଆଶା ଗୌଣ ମନେହେବ। ରବିଙ୍କ ପ୍ରଭାବରୁ ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ମନୋବଳ ବୃଦ୍ଧି ପାଇବ।

**ଧନୁ** – ରୋଗପୀଡ଼ା ଓ ପୂର୍ବ ଶତ୍ରୁତାକୁ ନେଇ ମନ ଭଲ ରହିବ ନାହିଁ। ଚତୁର୍ଥସ୍ଥ ଗ୍ରହ ଯୋଗୁ ଅଧିକାଂଶ ସମୟ ବନ୍ଧୁ ମେଳରେ କଟାଇବେ। ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଂଗଠନ, କଳା, ସାହିତ୍ୟ, ପ୍ରଶାସନିକସ୍ତରରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** – ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ କିନ୍ତୁ ଘାତବାର ହେତୁ ସାବଧାନତା ଅବଲମ୍ବନ କରିବା ଭଲ। ଶନି ଦୃଷ୍ଟ ଶୁକ୍ରଜନିତ ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସମାଧାନ କରିବେ। ଆନୁଷ୍ଠାନିକ, ସାଂଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କୁମ୍ଭ** – ରବି ଓ ବୁଧ ପ୍ରଭାବରୁ ସାଧାରଣ ଘଟଣାକୁ ନେଇ ଭୁଲ୍ ବୁଝାମଣା କାରଣରୁ ବନ୍ଧୁମାନଙ୍କ ସହ କଳହ ଘଟିପାରେ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋଷ ସମାଧାନ ଘଟିବ।

**ମୀନ** – ବୁଧଙ୍କ ଦୁର୍ବଳତା କାରଣରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଓ ସ୍ଥଗିତ କାମ ସକାଶେ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ।

ଆଜି ଚୈତ୍ର କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ଶୁକ୍ରବାର, ମାର୍ଚ୍ଚ ୧୭ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୦ା୧୭ମି. ଗତେ ମକର ଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫ା୫୭ମି. ଗତେ ଘ.୦୬ା୪୫ମି. ମଧ୍ୟେ, ଘ.୦୭ା୩୨ମି. ଗତେ ଘ.୦୮ା୫୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦ା୨୫ମି. ଗତେ ଘ.୧୧ା୫୫ମି. ମଧ୍ୟେ ରାହୁକାଳ।

## ତହସିଲ ଅଫିସରେ...

ପ୍ରଥମ ପୃଷ୍ଠାରୁ...

ଅଭିଯୋଗରୁ ଜଣାପଡ଼ିଛି, କଲ୍ୟାଣପୁର ଗ୍ରାମର ଜଗଦୀଶଙ୍କ ବାପା ଆତ୍ମାରାମ ଜମିବିକ୍ରି ପାଇଁ ୨୦୨୨ ଜାନୁୟାରୀ ୧୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଦୀର୍ଘଦିନ ଧରି ଆବେଦନ ଫର୍ମ ପଡ଼ିରହିବା ପରେ ୨୦୨୨ ମାର୍ଚ୍ଚ ୨୯ରେ ପଞ୍ଜୀକୃତ ହୋଇଥିଲା। ଏହାର ଭେରିଫିକେଶନ ପାଇଁ ଚିଠି ନଂ. ୭୯୭/୨୦୨୨ ଅନୁଯାୟୀ ମେ' ୯ରେ ସଦର ତହସିଲ କାର୍ଯ୍ୟାଳୟକୁ ପଠାଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ଭେରିଫିକେଶନ ହୋଇପାରି ନ ଥିଲା। ଜଗଦୀଶ ଓ ତାଙ୍କ ମା' ବାରମ୍ବାର ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ଗୁରୁବାର ଜଗଦୀଶ ଏକାକୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ଦ୍ୱାରସ୍ଥ ହୋଇ ଏ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ହେଲେ ଅତିରିକ୍ତ ତହସିଲଦାର ତାଙ୍କୁ ବାରମ୍ବାର କାହିଁକି ଆସୁଛ କହି ଧମକଚମକ ହେଇଥିଲେ। ଏଥିରେ ଜଗଦୀଶ ଭାରସାମ୍ୟ ହରାଇ କାର୍ଯ୍ୟାଳୟରୁ ବାହାରି ଆସି ଦେହରେ ପେଟ୍ରୋଲ ଢାଳିହୋଇ ନିଆଁ ଲଗାଇ ଦେଇଥିଲେ। ଜଳୁଥିବା ଅବସ୍ଥାରେ ଅତିରିକ୍ତ ତହସିଲଦାର ଚ୍ୟାମ୍ବରକୁ ଦୌଡି ଯାଇଥିଲେ। ଜଗଦୀଶଙ୍କ ଶରୀରରେ ଲାଗିଥିବା ନିଆଁ ବ୍ୟାପୀ ଅଫିସ୍‌ର କେତେକ କାଗଜପତ୍ର ପୋଡ଼ିଯାଇଛି। ତେବେ ସେଠାରେ ଉପସ୍ଥିତ କର୍ମଚାରୀ ଏବଂ ଜନସାଧାରଣ ନିଆଁକୁ ଆୟତ୍ତ କରିବାରୁ ବଡ଼ ଧରଣର ବିପତ୍ତି ଟଳିଯାଇଛି। ଜଗଦୀଶଙ୍କୁ ଉଦ୍ଧାର କରି ତହସିଲଦାରଙ୍କ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ଆମ ପାଖରେ ଓକିଲ ସଂଘ ଓ ଜଗଦୀଶଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। କେସ ରୁଜୁ ହୋଇନାହିଁ। ମାମଲା ରୁଜୁ କରାଯିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଉପଜିଲାପାଳ ସୁବାସ ଚନ୍ଦ୍ର ରଇତାଙ୍କୁ ପଚାରିବାରୁ ଆମେ ତଦନ୍ତ କରୁଛୁ, ଏଥିରେ ଯାହାର ଭୁଲ୍ ବାହାରିବ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଘଟଣା ପରଠାରୁ ତହସିଲଦାର ଦେବେନ୍ଦ୍ର ରାଉତ ଓ ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ଆନ୍ଦୋଳନ ବଢ଼ାଇଛି...

ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ି ରହିଥିବା ପରିଲକ୍ଷିତ ହୋଇଛି। ଏପରି କି କେତେକ ସ୍ଥାନରେ ଘରୋଇ ଗାଡ଼ିଗୁଡ଼ିକ ତେଲ ନ ପାଇବାରୁ ମାଲିକମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ପେଟ୍ରୋଲିୟମ୍ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠଙ୍କ କହିବା ହେଲା ଗୁରୁବାର ମଧ୍ୟରାତ୍ର ସୁଦ୍ଧା ସରକାରଙ୍କ ପକ୍ଷରୁ ତୈଳ ପରିବହନ କ୍ଷେତ୍ରରେ ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତା'ହେଲେ ଆମେ ନିକଟବର୍ତ୍ତୀ ଡିପୋରୁ ନିଜ ପ୍ରଚେଷ୍ଟାରେ ପେଟ୍ରୋଲ୍ ଏବଂ ଡିଜେଲ ଯୋଗାଣ କରିବାକୁ ଚେଷ୍ଟା କରିବୁ।

ଅପରପକ୍ଷରେ ବସ୍ ଓ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନକୁ ସମର୍ଥନ କରୁ ନ ଥିଲେ ମଧ୍ୟ ବିନା ଡ୍ରାଇଭର ଓ ସୁରକ୍ଷା ମିଳୁ ନ ଥିବାରୁ ସେମାନେ ଅସହାୟ ହୋଇ ପଡିଛନ୍ତି। କାଁ ଭାଁ ବସ୍ ଚାଲୁଥିଲେ ମଧ୍ୟ ତାହା ଯାତ୍ରୀଙ୍କ ସମସ୍ୟାକୁ ଦୂର କରି ପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଗୁରୁବାର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ତୁରନ୍ତ ଅବରୋଧ ହଟାଇବା ସହ ବସ୍ ଡ୍ରାଇଭରଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ କହିଛି। ନଚେତ ରାଜ୍ୟର ୧୪ହଜାର ଘରୋଇ ବସ୍ ଚଳାଚଳ ବନ୍ଦ କରିଦିଆଯିବ ବୋଲି ବସ୍ ମାଲିକ ସଂଘ ଶୁଣାଇ ଦେଇଛି।

ବସ୍ ଚଳାଚଳ ବନ୍ଦ ଯୋଗୁ ସବୁ ବର୍ଗର ଲୋକମାନେ ଅସୁବିଧା ଭୋଗିଲେଣି। ବିଶେଷ କରି ସ୍କୁଲ, କଲେଜରେ ପରୀକ୍ଷା ଚାଲିଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଆରମ୍ଭ କରି ପିଲାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଆନ୍ଦୋଳନ ଯୋଗୁ ରାଜ୍ୟବାସୀ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବିଭିନ୍ନ ଜିଲାରେ ଡ୍ରାଇଭରମାନେ ଆନ୍ଦୋଳନକୁ ଜୋରଦାର କରିଥିବାରୁ କିଛି ସ୍ଥାନରେ ପୋଲିସ ସହ ଡ୍ରାଇଭରମାନଙ୍କ ଧସ୍ତାଧସ୍ତି ପରିସ୍ଥିତି ଦେଖିବାକୁ ମିଳିଛି। ସେପଟେ ଡ୍ରାଇଭର ଆନ୍ଦୋଳନକୁ ନେଇ ବିଧାନସଭା ହୁଲସ୍ଥୂଲ ହୋଇଛି। ଡ୍ରାଇଭରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଦୂର କରିବାକୁ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଦାବି କରିଛନ୍ତି। ଗୁରୁବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ, ଡ୍ରାଇଭରମାନେ ରାତି ତମାମ ଗାଡ଼ି ଚଳାଉଛନ୍ତି। ସେମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ଡ୍ରାଇଭରଙ୍କ ସହ ସରକାର କାହିଁକି ଆଲୋଚନା କରୁନାହାନ୍ତି। ସେହିପରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ଶୂନ୍ୟକାଳରେ ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଡ୍ରାଇଭରମାନେ ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟରେ ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଟ୍ରକ୍, ୩ଚକିଆ ଯାନ ଚଳାଚଳ ବନ୍ଦ ରହିଛି। ଡ୍ରାଇଭରଙ୍କ ଷ୍ଟ୍ରାଇକ୍ ଭଣ୍ଡୁର କରିବାକୁ ଅନ୍ୟ ଗୋଷ୍ଠୀଙ୍କୁ ତାଙ୍କ ବିରୋଧରେ ଲଗାଇ ଦିଆଯାଇଛି। ଯେଉଁ ସମସ୍ୟା ନେଇ ଗୃହରେ ଆଲୋଚନା ହେଉଛି ତାହା ଉପରେ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ଏ ଗୃହ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେଇପାରୁ ନାହିଁ। ସରକାର ବାଧ୍ୟ କରୁଛନ୍ତି ଗୃହର ମଧ୍ୟଭାଗକୁ ଆସି ଗଣ୍ଡଗୋଳ କରିବାକୁ। ବିନା ହଟ୍ଟଗୋଳରେ କୌଣସି ଦାବି ସରକାରଙ୍କ ଦୃଷ୍ଟିକୁ ଆସୁ ନାହିଁ। ଏତିକି କହିବା ମାତ୍ରେ କଂଗ୍ରେସ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ମଧ୍ୟ ଡ୍ରାଇଭର ଆନ୍ଦୋଳନକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବିଭାଗୀୟ ମନ୍ତ୍ରୀ ସେମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ମିଶି ଗୃହରେ ହୋହଲ୍ଲା କରିଥିଲେ। ଡ୍ରାଇଭରଙ୍କ ଦାବି ତୁରନ୍ତ ପୂରଣ କରିବାକୁ ଦାବି କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ପ୍ରାୟ ଅଧଘଣ୍ଟା ଆଲୋଚନା ପରେ ୧୨ଟା ୩୮ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି କହିଥିଲେ, ବିରୋଧୀ ଦଳ ସଦସ୍ୟମାନେ ଡ୍ରାଇଭରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ପରିବହନ ମନ୍ତ୍ରୀ ଡ୍ରାଇଭରମାନଙ୍କ ସହ ଆଲେଚାନ କରି ଶୁକ୍ରବାର ଗୃହରେ ଏକ ବିବୃତି ଦେବାକୁ ବାଚସ୍ପତି ରୁଲିଂ ଦେଇଛନ୍ତି।

ଅନ୍ୟପକ୍ଷରେ ବସ୍ ଚଳାଇବାକୁ ପ୍ରତିଶ୍ରୁତି ଦେଇଥିବା ପୋଲିସ ମଧ୍ୟ ଡ୍ରାଇଭର ଆନ୍ଦୋଳନ ଆଗରେ ଅସହାୟ ହୋଇଛି। ବସ୍ କର୍ମଚାରୀଙ୍କୁ ସୁରକ୍ଷା ଦେଇ ନ ପାରିବାରୁ ୨ ଦିନ ହେବ ରାସ୍ତାରେ ବସ ଗଡ଼ିପାରୁ ନାହିଁ। ଅନେକ ସ୍ଥାନରେ ବସ୍ କର୍ମଚାରୀମାନେ ମାଡ଼ ଖାଇବା ସହ ଅପମାନିତ ହୋଇଛନ୍ତି। ଏପରିକି ଯାତ୍ରୀଙ୍କୁ ଅଧା ରାସ୍ତାରେ ଛାଡ଼ି ଫେରିବା ପାଇଁ ବାଧ୍ୟ ହୋଇଛନ୍ତି। ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରୁ ଗୁରୁବାର ଅବରୋଧ ନ ହଟିଲେ ଶୁକ୍ରବାରଠାରୁ ବସ୍ ଚଳାଚଳ ବନ୍ଦ କରିବେ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି। ରାସ୍ତାରେ ଗାଡ଼ି ଛିଡ଼ା କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିବାଦ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବୁଧବାର ଦିନ ଓ ରାତି ତମାମ ବସ୍ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୋଲିସ୍ ପ୍ରଶାସନ ସହଯୋଗ କରିବ ବୋଲି ଭାବିଥିଲୁ। ସେଥିପାଇଁ ଗାଡ଼ି ଚଳାଇଥିଲୁ। ହେଲେ ପୋଲିସ୍ ସହଯୋଗ କଲା ନାହିଁ। ପୋଲିସ ଉପସ୍ଥିତିରେ ଡ୍ରାଇଭରମାନେ ଗାଡ଼ି ଅଟକାଉଛନ୍ତି। ଡ୍ରାଇଭର ସଂଘର ଆନ୍ଦୋଳନକୁ ଆମେ ବିରୋଧ କରୁନାହୁଁ। ସେମାନେ ତାଙ୍କ ଦାବି ଉପସ୍ଥାପନ କରନ୍ତୁ। ପୋଲିସ ସୁରକ୍ଷା ନ ଦେଲେ ବସ୍ ଚଳାଇବା ସମ୍ଭବ ହେବ ନାହିଁ ବୋଲି ସେ କହିଛନ୍ତି।

# ବଲିଉଡ୍‌ରେ କେନ୍ଦୁଝର ଝିଅ ଯୁବିକା

**କେନ୍ଦୁଝର, ୧୬ା୩(ନରେଶ ଚନ୍ଦ୍ର ପଟ୍ଟନାୟକ)**

■ କପିଲ ଶର୍ମାଙ୍କ ଅଭିନୀତ 'ଜ୍ୱିଗାଟୋ'ରେ ଅଭିନୟ କରୁଛନ୍ତି
■ ସ୍ୱପ୍ନ ସତ ହୋଇଛି: ଯୁବିକା

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମର ଯୁବିକା ବ୍ରହ୍ମ ବଲିଉଡ୍ ଜ୍ୱିଗାଟୋ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ର ଶୁକ୍ରବାର ମୁକ୍ତି ଲାଭ କରିବ। ଚଳଚ୍ଚିତ୍ରରେ ଅଭିନେତା କପିଲ ଶର୍ମା ଡେଲିଭରି ବୟ ଚରିତ୍ର କରୁଥିବାବେଳେ ଯୁବିକା ତାଙ୍କର ଝିଅ ଭୂମିକାରେ ଅଭିନୟ କରୁଛନ୍ତି। ଡାଇରେକ୍ଟର ନନ୍ଦିତା ଦାସ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଯୁବିକା କେନ୍ଦୁଝର ଟାଙ୍ଗରାଣୀ ଗ୍ରାମର ସରୋଜ ବ୍ରହ୍ମ ଓ ରୋଜାଲିନ ବିଶ୍ୱାଳଙ୍କ କନ୍ୟା। ସେ ଭୁବନେଶ୍ୱର କିଟ୍‌ସ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟରେ କ୍ଲାସ୍ ୮ରେ ଅଧ୍ୟୟନ କରୁଛନ୍ତି। ଏହି କୁନି କଳାକାରଙ୍କ ସହ ସ୍ୱତନ୍ତ୍ର ଆଳାପ।

**ପ୍ରଶ୍ନ:– ଆପଣଙ୍କ ପ୍ରଥମ ବଲିଉଡ୍ ସିନେମା ରିଲିଜ ହେବ, କିପରି ଲାଗୁଛି?**
ଉତ୍ତର:– ମୁଁ ବହୁତ ଉତ୍ସାହିତ ରହିଛି। ମୋ ସ୍ୱପ୍ନ ସତ ହେବାକୁ ଯାଉଛି।

**ପ୍ରଶ୍ନ:– କାହା ସହିତ ପ୍ରଥମ ଦିନ ସିନେମା ଦେଖିବେ?**
ଉତ୍ତର – ପରିବାର ଲୋକ, ସାଙ୍ଗମାନଙ୍କ ସହିତ ଦେଖିବି।

**ପ୍ରଶ୍ନ :– ତେବେ ଉକ୍ତ ଚଳଚ୍ଚିତ୍ର ପାଇଁ କିପରି ଚୟନ ହେଲେ?**
ଉତ୍ତର – ଆମ ସ୍କୁଲରେ ଅଡିସନ ହୋଇଥିଲା। ପ୍ରାୟ ୫୦ ଜଣ ଭାଗ ନେଇଥିଲେ। ନିଜେ ନିର୍ଦ୍ଦେଶିକା ନନ୍ଦିତା ଦାସ ମୋତେ ଚୟନ କରିଥିଲେ।

**ପ୍ରଶ୍ନ:– ପ୍ରଥମ ସିନେମାରେ କାମ କରିବାର ଅନୁଭୂତି?**
ଉତ୍ତର – ବଡ଼ କଳାକାରଙ୍କ ସହିତ କାମ କରିବାର ସୁଯୋଗ ପାଇଥିବାରୁ ବେଶ୍ ଖୁସି ଅନୁଭବ କରୁଛି।

**ପ୍ରଶ୍ନ:– ଅଭିନୟ ପ୍ରତି ଆଗ୍ରହୀ ଶିଶୁମାନଙ୍କୁ କ'ଣ କହିବେ?**
ଉତ୍ତର – କାମ ଉପରେ ଦୃଷ୍ଟି ଦେବା ଜରୁରୀ। ସଫଳ ହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବା ଆବଶ୍ୟକ।

**ପ୍ରଶ୍ନ:– କେଉଁ ସିନେମା ଭଲ ଲାଗିଛି ଏବଂ କେଉଁ ହିରୋ ଓ ହିରୋଇନ ପସନ୍ଦ?**
ଉତ୍ତର – ନିକଟରେ ରିଲିଜ ହୋଇଥିବା ସିନେମା ପଠାନ ମୋତେ ଭଲ ଲାଗିଛି। ଶାହାରୁଖ ଖାନ ଓ ଆଲିଆ ଭଟ୍ଟ ମୋର ପସନ୍ଦ।

**ପ୍ରଶ୍ନ:– ଭବିଷ୍ୟତରେ କ'ଣ ହେବାକୁ ଆଶା ରଖିଛନ୍ତି?**
ଉତ୍ତର–ଡାକ୍ତର ହୋଇ ଅସହାୟ ଲୋକଙ୍କ ସେବା କରିବା। ଏଥିସହ ସଫଳ ଅଭିନେତ୍ରୀ ହେବାଲାଗି ସ୍ୱପ୍ନ ରହିଛି।



କପିଳ ଶର୍ମାଙ୍କ ସହ ଯୁବିକା ବ୍ରହ୍ମ।

# ଆନ୍ଦୋଳନରତ ଡ୍ରାଇଭର-ପୋଲିସ ଖଣ୍ଡଯୁଦ୍ଧ

**ଗୋପାଳପୁର/ଛତ୍ରପୁର, ୧୬ା୩(ଡି.ଏନ୍.ଏ.)**

■ ପୋଲିସର ମୃଦୁ ଲାଠି ଚାଳନା
■ ଡ୍ରାଇଭରଙ୍କ ପଥର ଓ ଠେଙ୍ଗା ମାଡ଼
■ ଥାନାଧିକାରୀ, ଏସ୍ଆଇ, ଡ୍ରାଇଭର ଆହତ
■ ସ୍ଥିତି ଅନୁଧ୍ୟାନ କଲେ ଆଇଜି, ଏସ୍‌ପି




(ବାମରୁ) ଆହତ ଗୋଳନ୍ଥରା ଥାନାଧିକାରୀ, ଗୋପାଳପୁର ଥାନା ଏସ୍ଆଇ ଏବଂ ଘଟଣାସ୍ଥଳରେ ବ୍ରହ୍ମପୁର ଏସ୍‌ପି ଓ ଆଇଜି।

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଚାଲିଥିବା ଆନ୍ଦୋଳନର ଗୁରୁବାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଗଞ୍ଜାମ ଜିଲା ପୁଙ୍କୁଡ଼ିବନ୍ଧଠାରେ ପୋଲିସ ଓ ଆନ୍ଦୋଳନକାରୀ ଡ୍ରାଇଭରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଜାତୀୟ ରାଜପଥ ରଣକ୍ଷେତ୍ର ପାଲଟି ଥିଲା। ପୋଲିସ ପକ୍ଷରୁ ମୃଦୁ ଲାଠି ଚାଳନା କରାଯାଇଥିବା ବେଳେ ଆନ୍ଦୋଳନରତ ଡ୍ରାଇଭରମାନେ ମଧ୍ୟ ପଥର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଗୋପାଳପୁର ଥାନା ଏସ୍ଆଇ ଜୟଚନ୍ଦ୍ର ମଲିକଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରେ ସମ୍ପୃକ୍ତ ୧୧ରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି।


ଆନ୍ଦୋଳନକାରୀଙ୍କୁ ପୋଲିସର ଲାଠି ଚାଳନା।

ପ୍ରକାଶ ଯେ, ବ୍ରହ୍ମପୁର ସହର ସମେତ ୧୬ ଓ ୫୯ ନଂ. ଜାତୀୟ ରାଜପଥରେ ଅତ୍ୟାବଶ୍ୟକ ସାମଗ୍ରୀ ବୋଝେଇ ଟ୍ରକ୍‌କୁ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇ ଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ପୁଙ୍କୁଡିବନ୍ଧ ଜଙ୍କସନ୍‌ଠାରେ ଗାଡ଼ିକୁ ଛଡାଯିବା ପାଇଁ କୁହାଯାଇଥିଲା। କିନ୍ତୁ ଡ୍ରାଇଭରମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ମାଲବାହୀ ଟ୍ରକ୍‌ଗୁଡ଼ିକୁ ଛାଡ଼ି ନ ଥିଲେ। ପରେ ପୋଲିସ ଓ ଡ୍ରାଇଭରଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବାଧ୍ୟ ହୋଇ ମୃଦୁ ଲାଠି ଚାଳନା କରିଥିଲା। ଯାହାଦ୍ୱାରା ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୁଙ୍କୁଡିବନ୍ଧ ଜଙ୍କସନ ସମେତ କନିଷି ଅଞ୍ଚଳରେ ମାଲବାହୀ ଟ୍ରକ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। କିନ୍ତୁ କିଛି ଘଣ୍ଟା ବ୍ୟବଧାନ ପରେ ଅର୍ଥାତ ସନ୍ଧ୍ୟାରେ ଶତାଧିକ ଆନ୍ଦୋଳନକାରୀ ଡ୍ରାଇଭର ଗାଡିକୁ ଅଟକାଉଥିବା ବେଳେ ପୋଲିସ ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଆନ୍ଦୋଳନକାରୀ ପୋଲିସଙ୍କୁ ଗୋଡ଼ାଇ ଗୋଡ଼ାଇ ଢେଲା ଓ ପଥର ମାଡ଼ କରିଥିଲେ। ଅନ୍ୟପଟେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ଡ.ସର୍ବଣ ବିବେକ ଏମ୍, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

# ନିବେଶ ପାଇଁ ଓଡ଼ିଶା ସର୍ବୋତ୍ତମ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ଓଡ଼ିଶାରୁ ଉଚ୍ଚଶିକ୍ଷା ଶେଷକରି ଆମେରିକାର ବୋଷ୍ଟନ୍ ୟୁନିଭର୍ସିଟିରୁ ମାଷ୍ଟର ଡ୍ରିଗୀ ହାସଲ ପରେ ପାରିବାରିକ ବ୍ୟବସାୟରେ ସେ ମନୋନିବେଶ କରିଥିଲେ। ୧୯୯୦ ଦଶକରେ ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ(ଇମ୍ଫା)ର ପରିବର୍ଦ୍ଧନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଏହାକୁ ରାଜ୍ୟର ଏକ ଅଗ୍ରଣୀ ଶିଳ୍ପରେ ପରିଣତ କରାଇଛନ୍ତି। ତାଙ୍କ ଦୂରଦୃଷ୍ଟି ଇମ୍ଫାକୁ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍ଥା ଭାବେ ସୁନାମ ଆଣି ଦେଇଛି। ଧରିତ୍ରୀ ସହ ବିଶେଷ ଆଳାପ ବେଳେ ସଫଳ ଶିଳ୍ପୋଦ୍ୟୋଗୀ, ଇମ୍ଫା ଏମ୍‌ଡି ତଥା ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ଓଡ଼ିଶାରେ ଶିଳ୍ପର ଅଗ୍ରଗତି ଓ ଅନ୍ୟ ବିଷୟରେ ନିଜ ମତ ରଖିଛନ୍ତି।**

**ପ୍ର–୧: ଓଡ଼ିଶାରେ ଶିଳ୍ପର ବିକାଶକୁ କିଭଳି ଦେଖୁଛନ୍ତି?**

ଉ– ପୁଞ୍ଜିନିବେଶକଙ୍କ ପାଇଁ ଓଡ଼ିଶା ବର୍ତ୍ତମାନ ଅନ୍ୟତମ ଆକର୍ଷଣୀୟ ରାଜ୍ୟ ଭାବେ ମାନ୍ୟତା ଲାଭ କରିଛି। ଏଥିପାଇଁ ଅନୁକୂଳ ପରିବେଶ ଓ ଶିଳ୍ପନୀତି ମଧ୍ୟ ରହିଛି। ରାଜ୍ୟରେ ଥିବା ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳର ସୁବିନିଯୋଗ କରାଯାଇ ଶିଳ୍ପ ଅଭିବୃଦ୍ଧିରେ ବିରାଟ ପରିବର୍ତ୍ତନ ଅଣାଯାଇପାରିଛି। ଏହାବ୍ୟତୀତ ବିବିଧତା ଉପରେ ଗୁରୁତ୍ୱ ଦିଆଯିବା ଫଳରେ ଅନ୍ୟ କ୍ଷେତ୍ରଗୁଡ଼ିକରେ ମଧ୍ୟ ପୁଞ୍ଜିନିବେଶ ବୃଦ୍ଧି ପାଉଛି, ଯାହାକି ଏକ ଉତ୍ତମ ପଦକ୍ଷେପ। ଏହି ଦୃଷ୍ଟିକୋଣରୁ ବିଗତ ଦଶନ୍ଧିରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଘଟିଛି। ଏପରିକି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ। ଏଥିରୁ ଶିଳ୍ପାୟନ ପ୍ରତି ରାଜ୍ୟର ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି।

**ପ୍ର–୨: ଫିକି ସଭାପତି ଭାବେ ଓଡ଼ିଶା ପ୍ରତି ଆପଣଙ୍କ ଆଭିମୁଖ୍ୟ କ'ଣ ରହିବ?**

ଉ– ପ୍ରଥମ ଓଡ଼ିଆ ଭାବେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ସଭାପତି ହେବା ମୋ ପାଇଁ ଗୌରବର କଥା। ଏହା ମୋର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଓଡ଼ିଶା ଏକ ଶିଳ୍ପଭିତ୍ତିକ ରାଜ୍ୟ ରୂପେ ସାମର୍ଥ୍ୟ ପ୍ରଦର୍ଶନ କରିପାରୁଥିବାରୁ ଏହା ସମ୍ଭବ ହୋଇଛି। ରାଜ୍ୟ ହାସଲ କରିଥିବା ସମସ୍ତ ସଫଳତାର ଏହା ଏକ ପ୍ରତିଫଳନ ବୋଲି ମୁଁ ବିବେଚନା କରେ। ଯେତେଦୂର ମୋର ଭୂମିକା କଥା ଉଠୁଛି, ଫିକିର ସଭାପତି ଭାବେ ମୋର ଭୂମିକା ଜାତୀୟସ୍ତରକୁ ଲକ୍ଷ୍ୟ କେନ୍ଦ୍ରିତ କରୁଛି। କିନ୍ତୁ ମୁଁ ସବୁବେଳେ କହେ ଓଡ଼ିଶା ମୋ ପାଇଁ ସର୍ବଦା ଅଗ୍ରାଧିକାର ଲାଭ କରିଛି।

**ପ୍ର–୩: ଚଳିତ କେନ୍ଦ୍ରୀୟ ବଜେଟ ଶିଳ୍ପକ୍ଷେତ୍ରକୁ କିଭଳି ସହାୟକ ହେବ?**

ଉ– କେନ୍ଦ୍ରୀୟ ବଜେଟ ଏକ ଅଭିବୃଦ୍ଧିଶୀଳ ବଜେଟ। ଏହା ଏକ ପ୍ରଗତିଶୀଳ ବଜେଟ ହୋଇଥିବାରୁ ଫିକି ପକ୍ଷରୁ ଆମେ ସାଧାରଣ ଭିତ୍ତିଭୂମି ଓ ପୁଞ୍ଜି ବ୍ୟୟକୁ ଗୁରୁତ୍ୱ ଦେଇଆସିଛୁ। ବଜେଟରେ ମଧ୍ୟ ଏହା ପ୍ରତିଳଫିତ ହୋଇଛି। ପୁଞ୍ଜି ବ୍ୟୟରେ ପୂର୍ବାପେକ୍ଷା ୩୩% ଅଧିକ ଆବଣ୍ଟନ ସହ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଏକ ଐତିହାସିକ ସଂଖ୍ୟା, ଯାହା ମୋଟ ଘରୋଇ ଉତ୍ପାଦ(ଜିଡିପି) ୩.୩%ର ପ୍ରତିନିଧିତ୍ୱ କରୁଛି। ତେବେ ରାଜ୍ୟର ଅନୁଦାନକୁ ମିଶାଇଲେ ମୋଟ ଘରୋଇ ଉତ୍ପାଦ ୪.୫%ରେ ପହଞ୍ଚିବ।

**ପ୍ର–୪: କୋଭିଡ୍ ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ଶିଳ୍ପ କ୍ଷେତ୍ରକୁ କିଭଳି ଦେଖୁଛନ୍ତି?**

ଉ– କୋଭିଡ୍ ପୂର୍ବରୁ ସାରା ଦେଶରେ ଶିଳ୍ପ କ୍ଷେତ୍ର ଆଶାନୁଯାୟୀ ବିକଶିତ ହୋଇଥିଲା। ହେଲେ କୋଭିଡ୍ ଏବଂ କୋଭିଡ୍ ପରବର୍ତ୍ତୀ ସମୟରେ ଶିଳ୍ପକ୍ଷେତ୍ର କିଛି ମାତ୍ରାରେ ମାନ୍ଦାବସ୍ଥା ଦେଇ ଗତି କରିଥିଲା। ବର୍ତ୍ତମାନ ଶିଳ୍ପ କ୍ଷେତ୍ରକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଧିକ ସଫଳତା ପାଇଁ ଘରୋଇ କ୍ଷେତ୍ର ଆଗେଇ ଆସିବା ଉଚିତ। ଘରୋଇ ନିବେଶ ଓ ପୁଞ୍ଜି ବ୍ୟୟରେ ଉନ୍ନତି ଆଣିବା ପାଇଁ ବଜେଟରେ କରାଯାଇଥିବା ବ୍ୟବସ୍ଥା ବିଶେଷ ସହାୟକ ହେବ ବୋଲି ମୁଁ ଆଶାବାଦୀ ରହିଛି। ମହାମାରୀର କଷାଘାତରୁ ଭାରତୀୟ ଶିଳ୍ପ ମୁକୁଳିପାରିଛି। ଅଧିକାଂଶ କ୍ଷେତ୍ର ପୂର୍ବାବସ୍ଥାକୁ ଫେରିଥିବା ବେଳେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସର୍ବାଧିକ ପ୍ରଭାବିତ ସର୍ଭିସ୍ ସେକ୍ଟର ମଧ୍ୟ ଅଣ୍ଟା ସଳଖି ଛିଡ଼ା ହେଉଛି ବୋଲି ମୁଁ ମନେକରେ। ବାସ୍ତବରେ ବର୍ତ୍ତମାନ ସମୟରେ ବିଶ୍ୱରେ ଆର୍ଥିକ ମନ୍ଥରତା ଯୋଗୁ ଭାରତର ରପ୍ତାନି କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସେବା କ୍ଷେତ୍ରରେ ମଜଭୁତ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ବିଭିନ୍ନ କ୍ଷେତ୍ର ଉପରେ ନଜର ପକାଇଲେ ଆମେ ମହାମାରୀକୁ ପଛରେ ପକାଇ ଏକ ନିରନ୍ତର ବିକାଶ ଦିଗରେ ଅଗ୍ରସର ହେଉଥିବା ଲକ୍ଷ୍ୟ କରୁଛି।

**ପ୍ର–୫: ରାଜ୍ୟର ନୂତନ ଶିଳ୍ପନୀତି ଉପରେ ଆପଣଙ୍କ ମତ କ'ଣ?**

ଉ– ଏହା ଏକ ଅତ୍ୟନ୍ତ ପ୍ରଗତିଶୀଳ ନୀତି। ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଥିବା ପାରମ୍ପରିକ ଖଣିଜ ଓ ପଦାର୍ଥଗୁଡ଼ିକୁ ନେଇ ଶିଳ୍ପର ସ୍ଥିତିରେ ବିବିଧତା ଆଣିବା ଏହି ଶିଳ୍ପନୀତିର ଲକ୍ଷ୍ୟ। ଓଡ଼ିଶାର ବିକାଶଶୀଳ ଶିଳ୍ପନୀତିରେ ଅପାର ସମ୍ଭାବନା ରହିଛି, ଯାହା ରାଜ୍ୟରେ ପୁଞ୍ଜିନିବେଶ ଆଣିବାରେ ସହାୟକ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ।



ଶୁଭ୍ରକାନ୍ତ ପଣ୍ଡା

# ରାଜ୍ୟରେ ବଢୁଛି ଦୁର୍ଘଟଣା ମୃତ୍ୟୁ

- ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୫୩%
- ବର୍ଷକରେ ବୃଦ୍ଧି ୭.୬୦%

ଯାଜପୁର ଅଫିସ,୧୬।୩

ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ସୁପ୍ରିମକୋର୍ଟ କମିଟି ପକ୍ଷରୁ ନିଆଯାଉଥିବା ଏକାଧିକ ପଦକ୍ଷେପ ଓଡ଼ିଶାରେ ବିଫଳ ହେଉଛି। କମିଟିର ନିଷ୍ପତ୍ତି ଓ ପଦକ୍ଷେପ ଅନୁଯାୟୀ ପ୍ରତିବର୍ଷ ଅନ୍ୟୂନ୍ୟ ୧୦% ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ହେବା ସ୍ଥଳେ ଓଲଟା ବୃଦ୍ଧି ହେଉଛି। ଓଡ଼ିଶା ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ୨୦୨୧ ତୁଳନାରେ ୨୦୨୨ରେ ୭.୬୦% ଅଧିକ ଦୁର୍ଘଟଣା ମୃତ୍ୟୁ ଘଟିଛି। ଏଥିରେ ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୫୩%, ଦ୍ୱିତୀୟରେ ଢେଙ୍କାନାଳ ଜିଲା ୩୮% ଏବଂ ତୃତୀୟ ଭଦ୍ରକ ଜିଲାରେ ୩୬% ଅଧିକ ମୃତ୍ୟୁ ହୋଇଛି। ଏହାସହ ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ବଲାଙ୍ଗୀର, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ମାଲକାନଗିରି ଜିଲାରେ ୧୦%ରୁ ଅଧିକ ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ବାଲେଶ୍ୱର, ବରଗଡ଼ ଓ କଟକ ଜିଲାରେ ୩% ଲେଖାଏଁ ମୃତ୍ୟୁହାର ହ୍ରାସ ପାଇଛି। ସେହିପରି ଯାଜପୁର ୨%, ଅନୁଗୋଳ ୨୧%, କଳାହାଣ୍ଡି ୫%, ରାୟଗଡ଼ା ୧୧%, ନୂଆପଡ଼ା ୧%, ବୌଦ୍ଧ ୭% ଓ ଗଜପତି ୧୪% ଦୁର୍ଘଟଣା ମୃତ୍ୟୁ ହ୍ରାସ ପାଇଛି। ତେବେ ରାଜ୍ୟରେ ହାରାହାରି ମୃତ୍ୟୁହାର ବୃଦ୍ଧି ପାଉଥିବାରୁ ପ୍ରତି ମଙ୍ଗଳବାର ଜିରୋ ଟୋଲୋରେନ୍ସ ଡେ ଏବଂ ଏପ୍ରିଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଏହି ନିଷ୍ପତ୍ତିକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଉଷା ପାଢୀ ରାଜ୍ୟର ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପି ଏବଂ ସମସ୍ତ ଆର୍‌ଟିଓଙ୍କୁ ଗୁରୁବାର ପତ୍ର ଲେଖି ସୂଚନା ଦେଇଛନ୍ତି।

# ଦୀର୍ଘବର୍ଷ ରହି ବେପାରରେ ମାତୁଛନ୍ତି ଅଫିସର

**ବିଧାନସଭାରେ ବିରୋଧୀଙ୍କ ଅଭିଯୋଗ**

**ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି**

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଜଣେ ଜଣେ ଅଫିସର ୩/୪ଟା ବିଭାଗ ମାଡ଼ି ବସିଛନ୍ତି। ଦୀର୍ଘ ବର୍ଷ ଧରି ଗୋଟିଏ ବିଭାଗରେ ରହୁଛନ୍ତି। ପ୍ରଶାସନିକ କାର୍ଯ୍ୟ ଛାଡ଼ି ନିଜ ବେପାରରେ ମାତୁଛନ୍ତି। ଜନପ୍ରତିନିଧିମାନେ ଫୋନ କଲେ ଖାତିର କରୁନାହାନ୍ତି। ବ୍ଲକ୍ ସର୍କୁଲାର ଚୁଲିକି ଗଲାଣି। ଏଇଟା କ'ଣ ୫–ଟି। ଗୋଟିଏ ଜାଗାରେ ଦୀର୍ଘ ବର୍ଷ ଧରି ରହୁଥିବା ଆଇଏଏସ୍ ଏବଂ ଓଏଏସ୍ ଅଧିକାରୀମାନଙ୍କୁ ନେଇ ବିରୋଧୀ ଗୁରୁବାର ସରକାରଙ୍କ ଉପରେ ବର୍ଷିଛନ୍ତି। ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଲେ, ପ୍ରତ୍ୟେକ ଜିନିଷ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଗୋଟିଏ ଅଫିସ୍‌ରେ ଯଦି ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ରହିବେ, ତାଙ୍କୁ ବଦଳି କରାଯିବନି ତେବେ ରାଜ୍ୟରେ ଶାସନ ଚାଲିବ କେମିତି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାପାଳ ଦୀର୍ଘ ବର୍ଷ ହେବ ଗୋଟିଏ ଜାଗାରେ ରହିଛନ୍ତି। ସେମାନେ ପ୍ରଶାସନିକ କାମ ଛଡ଼ା ନିଜ ବେପାରରେ ବ୍ୟସ୍ତ ରହୁଛନ୍ତି। ୨୦୧୪ରୁ ନଗର ଉନ୍ନୟନ ବିଭାଗ ସଚିବ ରହିଲେଣି। ୯ ବର୍ଷ ହେବ ସେ ଗୋଟିଏ ବିଭାଗରେ ରହିଛନ୍ତି। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ୨୦୧୭ରୁ ରହିଲେଣି। ଅରୁଣ ବୋଥ୍ରା, ଲୋହାନୀ ଦୀର୍ଘବର୍ଷ ଧରି ଗୋଟିଏ ଜାଗାରେ ରହିଲେଣି। ଜଣେ ଜଣେ ଅଫିସର ଏକାଧିକ ବିଭାଗ ଦାୟିତ୍ୱରେ ରହୁଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ, ବିଭିନ୍ନ ଜିଲାର ଜିଲାପାଳ, ବ୍ଲକରେ ବିଡିଓ ଦୀର୍ଘବର୍ଷ ଧରି ଗାଦି ଛାଡୁନାହାନ୍ତି। ଏଇଟା କ'ଣ ସରକାର, ଏଇଟା କ'ଣ ୫ଟି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ଜୟନାରାୟଣ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତାଳ ମିଳାଇଥିଲେ। ସେ କହିଛନ୍ତି, ବିରୋଧୀ ଦଳ ନେତାଙ୍କ ସହ ମୁଁ ଏକ ମତ। ଗୋଟିଏ ବିଭାଗରେ ଜଣେ ସଚିବ ୯ ବର୍ଷ ଧରି ରହିଛନ୍ତି। ବିଧାୟକ ଟେଲିଫୋନ କଲେ ସେ ଉଠାଉନାହାନ୍ତି। ବ୍ଲକ୍ ସର୍କୁଲାର ଚୁଲିକି ଗଲାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ଜଣେ ଅଫିସର ଗୋଟିଏ ବିଭାଗରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଖାଦ୍ୟ ଯୋଗାଣ ବିଭାଗ ସଚିବ କିପରି ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଅଛନ୍ତି। କେନ୍ଦୁଝର ଜିଲାପାଳଙ୍କୁ ଟ୍ରାନ୍ସଫର କରାଯାଉ ନାହିଁ। ସେଠାରେ ଖଣି ଅଛି, ମାଲ ଅଛି। ଖଣି ପଇସାରେ ଏ ସରକାର ଚାଲିଛି। ଜନପ୍ରତିନିଧିଙ୍କ କଥା ଅଫିସର ଶୁଣୁନାହାନ୍ତି। ବିଧାନସଭାରେ ଏଥିକି କମିଟି ତାହାହେଲେ କାହିଁକି ଅଛି। ବ୍ଲକରେ ପିସି କାରବାର ବହୁ ମାତ୍ରାରେ ବଢ଼ିଯାଇଛି। ବାଚସ୍ପତି ଏ ଦିଗରେ ଧ୍ୟାନ ଦେବା ଦରକାର ବୋଲି ସେମାନେ କହିଛନ୍ତି। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଅଭିଯୋଗ କଲେ ଯେ କୋଏଡା ବିଡିଓ ପଲବୀ ରାଣୀ ରାଜ ମନମୁଖି ଶାସନ କରୁଛନ୍ତି। କୌଣସି କାର୍ଯ୍ୟ ପାଇଁ ଫୋନ କଲେ ଉଠାଉନାହାନ୍ତି। ସରପଞ୍ଚଙ୍କୁ ଅସଦ ବ୍ୟବହାର କରୁଛନ୍ତି। ମାଆ, ଭାଇଙ୍କ ନାଁରେ ଠିକା କାମ କରୁଛନ୍ତି। ଘରେ ଅଫିସ କାମ କରୁଛନ୍ତି। ବ୍ଲକକୁ ଆସୁନାହାନ୍ତି। ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ତୁରନ୍ତ ତାଙ୍କୁ ସେଠାରୁ ବଦଳି କରିବାକୁ ଲକ୍ଷ୍ମଣ ମୁଣ୍ଡା ଦାବି କରିଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏଥିପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

୰ ବୀଣାପାଣି ମିଶ୍ର (ମୁନି)

(୧୯୬୭ – ୨୦୨୨)

ଘର–ଡାଙ୍ଗ, ବରଗଡ଼

ଆପଣଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ

ସ୍ୱାମୀ: ଗୌରଚରଣ ମହାପାତ୍ର

ପୁତ୍ର: ଅଭିଷେକ ମହାପାତ୍ର (ଚନ୍ଦନ), ଅବିନାଶ ମହାପାତ୍ର (ନୟନ)


# ବେଆଇନ ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ

- **୭ ଆହତ ହସ୍ପିଟାଲରେ ଭର୍ତ୍ତି**
- **୩ ଅଟକ**

ବାଲେଶ୍ୱର ଅଫିସ,୧୬।୩

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଦହପଡ଼ା ପଞ୍ଚାୟତ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର କାସିମପୁର ଘାଟରେ ବେଆଇନ ବାଲି ଉତ୍ତୋଳନକୁ ନେଇ ବୁଧବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ପହଞ୍ଚି ଉଭୟ ପକ୍ଷରୁ ୩ଜଣଙ୍କୁ ଆଣି ଥାନାରେ ଅଟକ ରଖିଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ବାଲେଶ୍ୱର ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏଥିପାଇଁ ଅପରେସନ ସ୍ୟାଣ୍ଡ ଷ୍ଟର୍ମ ନାମରେ ଜିଲାର ବିଭିନ୍ନ ଅଞ୍ଚଳରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏମିତି କି ଅନେକ ସ୍ଥାନରେ ବେପାରୀ ଓ ଟ୍ରକ୍, ଜେସିବି, ଟ୍ରାକ୍ଟର ଆଦି ଜବତ କରାଯାଉଛି। ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କ ଉପରେ ଆକ୍ରମଣ ପରେ ଏହି ଅପରେଶନ ଆରମ୍ଭ ହୋଇଥିଲା। ଆକ୍ରମଣ ପରେ ଜିଲା ଓ ପୋଲିସ ପ୍ରଶାସନ ଏ ଦିଗରେ ବେଶ୍ ତତ୍ପର ହୋଇପଡିଛନ୍ତି।

# ବ୍ଲକ୍ କନିଷ୍ଠ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟ ହାତାହାତି

**ନିମ୍ନମାନର ଖଳା ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ**

ବରୀ,୧୬।୩(ଡି.ଏନ.ଏ.)

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ ମିତ୍ରସେନପୁର ଗ୍ରାମରେ ଏକ ଖଳା ନିର୍ମାଣ କାର୍ଯ୍ୟକୁ ନେଇ ଗୁରୁବାର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା ଓ ୨୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତିଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଘଟଣାକୁ ନେଇ ଉଭୟ ହାତାହାତି ହେବା ସହ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କୁ ଥାନାକୁ ଡାକି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଖଳା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଜାଣି କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ଠିକାଦାରଙ୍କୁ ତାଗିଦ କରିଥିଲେ। ଏଭଳି ନିମ୍ନମାନର କାର୍ଯ୍ୟ ହେବା ଠିକ୍ ନୁହେଁ। କାର୍ଯ୍ୟ ଠିକ୍‌ରେ ନ ହେଲେ ବିଲ୍ କରିବେ ନାହିଁ ବାଲି ରୋକ୍ ଠୋକ୍ ଶୁଣାଇ ଦେଇଥିଲେ। ଏହିସମୟରେ ଜିଲା ପରିଷଦସଭ୍ୟ ପହଞ୍ଚି ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏତିକିବେଳେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜା ଉତ୍କ୍ଷିପ୍ତ ହୋଇ ଜିଲାପରିଷଦ ସଭ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ କେତେଜଣ ଲୋକେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ଏକ ରୁଦ୍ଧ କୋଠରୀରେ ଅଟକ ରଖିଥିଲେ। ବ୍ଲକ୍ ପ୍ରଶାସନଠାରୁ ଖବର ପାଇ ପୋଲିସ ପହଞ୍ଚି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜାଙ୍କୁ ଜିଲା ପରିଷଦସଭ୍ୟ ମହାନ୍ତି ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ନେଇ ଯନ୍ତ୍ରୀ ପରିଜା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖ ସମୟରେ ଜିଲା ପରିଷଦସଭ୍ୟ ଓ ତାଙ୍କ ସମର୍ଥକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଜିଲା ପରିଷଦର ସଭ୍ୟଙ୍କ ପକ୍ଷରୁ ହୋଇଛି। ଖବର ଲେଖା ହେବାବେଳକୁ କନିଷ୍ଠ ଯନ୍ତ୍ରୀ ପରିଜା ଓ ଜିଲା ପରିଷଦ ସଭ୍ୟ ମହାନ୍ତି ଥାନାରେ ଥିଲେ। ଏ ସମ୍ପର୍କରେ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣା ସମ୍ପର୍କରେ ୨ ଅଭିଯୋଗ ହସ୍ତଗତ ହୋଇଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ। ଏହାପରେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଜ୍ଞାନ ପରୀକ୍ଷାରେ ୧୭,୬୬୧ ଛାତ୍ରୀଛାତ୍ର ଅନୁପସ୍ଥିତ

**ଦଶମ ଶ୍ରେଣୀ ସମ୍ମେଟିଭ–୨ ପରୀକ୍ଷା**

କଟକ ଅଫିସ,୧୬।୩

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ–୨ ପରୀକ୍ଷାର ଗୁରୁବାର ଛାତ୍ରୀଛାତ୍ର ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ତେବେ ଏହି ପରୀକ୍ଷାରେ ରାଜ୍ୟରେ ୧୭,୬୬୧ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି। ସେଥିମଧ୍ୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧୬,୪୯୫, ସଂସ୍କୃତ ମଧ୍ୟମାରେ ୫୦୫ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୬୬୧ ପରୀକ୍ଷାର୍ଥୀ ଅଛନ୍ତି। ତେବେ ତୃତୀୟ ଭାଷା ବିଷୟରେ ମୋଟ ୫ ଲକ୍ଷ ୩୯ ହଜାର ୩୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ଲକ୍ଷ ୨୧ ହଜାର ୬୭୯ ଜଣ ପରୀକ୍ଷା ଦେଇଛନ୍ତି । ଅନ୍ୟପକ୍ଷରେ ୪୧ଜଣ କପି କରି ଧରାପଡିଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

# 'ପିଏମ୍ ପୋଷଣ' ଦ୍ୱିତୀୟ କିସ୍ତି ପ୍ରଦାନ କରିବାକୁ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର, ୧୬।୩(ବ୍ୟୁରୋ)

୨୦୨୨–୨୩ ଆର୍ଥିକ ବର୍ଷ ନିମନ୍ତେ ପିଏମ୍ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ଶୀଘ୍ର ପ୍ରଦାନ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟକୁ ଦ୍ୱିତୀୟ କିସ୍ତି ମଞ୍ଜୁର ନ ହେବା ଯୋଗୁ ଅସୁବିଧା ସୃଷ୍ଟି ହେଉଛି। ବ୍ୟକ୍ତିଗତ ଭାବେ ଏହି ବିଷୟକୁ ଅନୁଧ୍ୟାନ କରିବା ସହ ଯଥାଶୀଘ୍ର ପିଏମ୍ ପୋଷଣର ସେୟାର ମଞ୍ଜୁର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ଦାଶ ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଲେଖିଛନ୍ତି, ରାଜ୍ୟରେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା 'ପିଏମ ପୋଷଣ' କାର୍ଯ୍ୟକାରୀ ହେଉଛି। ୨୦୨୨–୨୩ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ୫୯୬୮୧.୨୯ ଲକ୍ଷ ଏବଂ ରାଜ୍ୟ ଅଂଶ ବାବଦରେ ୪୫୨୯୦.୦୪ ଲକ୍ଷ ବ୍ୟବସ୍ଥା କରାଯାଇଥିଲା। ଏଥିମଧ୍ୟରୁ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ୨୦ରେ ପ୍ରଥମ କିସ୍ତି ବାବଦକୁ ୨୭୯୯୫.୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପିଏମ ପୋଷଣ ଯୋଜନାର ଠିକ ପରିଚାଳନା ପାଇଁ ବଳକା ଅର୍ଥ ରାଜ୍ୟକୁ ମଞ୍ଜୁର କରାଯିବାର ଆବଶ୍ୟକତା ରହିଛି। ଗତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୭୯୦.୪୨ ଲକ୍ଷ ଟଙ୍କାର କେନ୍ଦ୍ର ଅଂଶ ଖର୍ଚ୍ଚ ହୋଇ ନ ଥିଲା। ସେହିପରି ପ୍ରଥମ କିସ୍ତି ବାବଦରେ ୨୭୯୯୫.୩୫ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଛି। ସମୁଦାୟ ୨୮୭୮୫.୭୭ ଲକ୍ଷ ଟଙ୍କା କେନ୍ଦ୍ରରୁ ଗ୍ରହଣ କରାଯାଇଛି। ତେବେ ୨୦୨୨–୨୩ରେ କେନ୍ଦ୍ର ଅଂଶ ବାବଦରେ ୫୯୬୮୧.୨୯ ଲକ୍ଷ ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ତେଣୁ ରାଜ୍ୟ ଆଉ ୩୦୮୯୫.୫୨ ଲକ୍ଷ ଟଙ୍କା ପାଇବାକୁ ବାକି ଥିବା ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଦ୍ୱିତୀୟ କିସ୍ତି ମଞ୍ଜୁର ନ ହେବା ଯୋଗୁ ଏହି ଯୋଜନା ପାଇଁ ଆବଶ୍ୟକ ପାଣ୍ଠି ମଞ୍ଜୁର କରିବାରେ ରାଜ୍ୟ ଅସୁବିଧାର ସମ୍ମୁଖୀନ ହେଉଛି। ତେଣୁ ଏ ବିଷୟକୁ ବ୍ୟକ୍ତିଗତ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସମୀର ରଞ୍ଜନ ଦାଶ ଅନୁରୋଧ କରିଛନ୍ତି।


DSPL - 502

NATIONAL HEALTH MISSION

## ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏନ୍‌ଜା

### ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏନ୍‌ଜା କ'ଣ?

- ଅନ୍ୟାନ୍ୟ ଭୂତାଣୁ ଜନିତ 'ଫ୍ଲୁ' ଭଳି ଏକ 'ଫ୍ଲୁ' ରୋଗ
- ମୁଖ୍ୟତଃ କାଶ ଛିଙ୍କରେ ବାହାରୁଥିବା ସୂକ୍ଷ୍ମ ଜଳକଣିକା ଦ୍ୱାରା ବାୟୁ ମାଧ୍ୟମରେ ବ୍ୟାପେ
- ରୋଗୀର ଲାଳ, ସିଙ୍ଘାଣି, ଛେପ ଖଙ୍କାର ଆଦି ସଂସ୍ପର୍ଶରେ ଆସିଲେ ମଧ୍ୟ ଏହା ସଂକ୍ରମିତ ହୁଏ

ଏଥିପାଇଁ ଅଯଥା ଭୟଭୀତ ହୁଅନ୍ତୁ ନାହିଁ କି ଗୁଜବ ଶୁଣନ୍ତୁ ନାହିଁ।

### ଏହାର ଲକ୍ଷଣ କ'ଣ?

- ଜ୍ୱର, କାଶ, ଅଣନିଶ୍ୱାସୀ ଲାଗିବା ଓ ପେଲି ହେବା ଏହାର ମୁଖ୍ୟ ଲକ୍ଷଣ
- କିଛି କ୍ଷେତ୍ରରେ ନିମୋନିଆ ହୋଇପାରେ
- କୋଭିଡ୍ ଯୋଗୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବା ବ୍ୟକ୍ତି ଏଥିରେ ସହଜରେ ଆକ୍ରାନ୍ତ ହେବା ସମ୍ଭାବନା ଅଛି

### କ'ଣ କରିବେ?

- ମାସ୍କ ବ୍ୟବହାର କରନ୍ତୁ (ଥଣ୍ଡା, କାଶରେ ପୀଡିତ ବ୍ୟକ୍ତିଙ୍କ ପାଇଁ ନିହାତି ଜରୁରୀ)
- କାଶିବା, ଛିଙ୍କିବା ସମୟରେ ମୁହଁରେ ରୁମାଲ / ଟିସୁ ପେପର ଦିଅନ୍ତୁ (ଯଦି ମାସ୍କ ନପିନ୍ଧିଥାନ୍ତି)
- ପ୍ରଚୁର ପାଣି ପିଅନ୍ତୁ
- ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ / ଡାକ୍ତରଙ୍କୁ ପରାମର୍ଶ କରନ୍ତୁ

### କ'ଣ କରିବେ ନାହିଁ?

- କର ମର୍ଦ୍ଦନ କରନ୍ତୁ ନାହିଁ
- ନାକ/ପାଟିରେ ଅପରିଷ୍କାର ହାତ ଲଗାନ୍ତୁ ନାହିଁ
- ନିଜ ମନକୁ ଔଷଧ କିଣି ଖାଆନ୍ତୁ ନାହିଁ
- ସର୍ବସାଧାରଣ ସ୍ଥାନରେ ଛେପ ପକାନ୍ତୁ ନାହିଁ
- ଲକ୍ଷଣ ଥିବା ବ୍ୟକ୍ତି ଜନଗହଳି ସ୍ଥାନକୁ ଯାଆନ୍ତୁ ନାହିଁ



facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0170/2223

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। **-ଶ୍ରୀମା**



# ଫମ୍ପା ବୁଝାମଣା



ବାରାକ ବର୍ଫି

ନିକଟରେ ଇରାନ ଓ ସାଉଦି ଆରବ ମଧ୍ୟରେ କୂଟନୈତିକ ସମ୍ପର୍କ ପୁନଃ ସ୍ଥାପନ କରିବା ପାଇଁ ଚାଇନା ମଧ୍ୟସ୍ଥରେ ଏକ ଚୁକ୍ତି ବା ବୁଝାମଣା ହୋଇଛି। ଏହା ଅନ୍ତର୍ଜାତୀୟ କୂଟନୀତିରେ ଚାଇନାର ଶକ୍ତି ବୃଦ୍ଧିର ସଙ୍କେତ ଦେଉଛି। ଏହା ମଧ୍ୟ ଆମେରିକାର ଶକ୍ତି ଓ ପ୍ରଭାବ ହ୍ରାସ ଏବଂ ମଧ୍ୟପ୍ରାଚ୍ୟରେ ତା'ର ଦୁର୍ବଳତାକୁ ପ୍ରମାଣ କରୁଛି। ଦେଖିବାକୁ ଗଲେ ଏହି ଚୁକ୍ତିକୁ ଯେଉଁଭଳି ଗଢ଼ା ହୋଇଛି ସେଥିରେ ସେଭଳି ସଫଳତା ମିଳିବ ନାହିଁ। କାରଣ ସାଉଦି ଆରବ ଏବଂ ଇରାନ ଏକ ଶତାବ୍ଦୀ ଧରି ପରସ୍ପର ବିରୋଧୀ ହୋଇ ରହିଛନ୍ତି। ସେମାନଙ୍କ ମଧ୍ୟରେ ଶତ୍ରୁତା ଏବଂ ଅବିଶ୍ୱାସ ଲାଗିରହିଛି। ଏଣୁ ଏହି ଚୁକ୍ତି ବଳରେ ସେମାନେ ହଠାତ୍ ବନ୍ଧୁ ପାଲଟିଯିବା ସମ୍ଭାବନା ବହୁତ କମ୍। କେତେଜଣ ବିଶ୍ଳେଷକଙ୍କ ମତରେ, ଅନ୍ୟ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଚାଇନାର ହସ୍ତକ୍ଷେପ ନ କରିବା ନୀତିର ଏକ ପ୍ରମାଣ। କିନ୍ତୁ ଏହା ସତ ଯେ, ଆମେରିକା କେବେ ବି ଇରାନ ଓ ସାଉଦି ମଧ୍ୟରେ ମଧ୍ୟସ୍ଥତା କରିନାହିଁ। ଦେଖିବାକୁ ଗଲେ ବାସ୍ତବରେ ଏହା ଇରାନ ଉପରେ ଅନେକ ବର୍ଷ କଟକଣା ଲଗାଇ ତାହାକୁ ଏକଘରିଆ କରି ରଖିଆସିଛି। ଫଳରେ ଆମେରିକା ବିରୋଧରେ ଠିଆ ହୋଇ ତାହାର କ୍ଷତି କରିବା ଲାଗି ଏକ ପଦକ୍ଷେପ ନେବାକୁ ଇରାନୀୟଙ୍କୁ ସୁଯୋଗ ଦେଉଛି।

୧୯୬୮ରେ ପର୍ସିଆନ୍ ଗଲ୍ଫରୁ ବ୍ରିଟିଶ୍ ସେନା ପ୍ରତ୍ୟାହାର ଘୋଷଣା କରିବା ପରଠାରୁ ସାଉଦି ଆରବ ତା'ପକ୍ଷରୁ ଆମେରିକାର ମଧ୍ୟପ୍ରାଚ୍ୟ ନୀତିର ଏକ ଆଧାର ସ୍ତମ୍ଭ ଭାବେ ରହିଆସିଥିଲା। କିନ୍ତୁ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ (ଏମ୍‌ବିଏସ୍) କ୍ଷମତାକୁ ଆସିଲା ପରେ ସ୍ଥିତି ଅଧିକ ଜଟିଳ ହୋଇଗଲା। ଆମେରିକା ପ୍ରତି ତାଙ୍କ ଦୃଷ୍ଟିକୋଣ ସବୁବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ରିପବ୍ଲିକାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ରହିଥିବାବେଳେ ଜୋ ବାଇଡେନଙ୍କ ଭଳି ଡେମୋକ୍ରାଟଙ୍କ ପାଇଁ ଜଟିଳ ହୋଇଯାଇଛି। ୨୦୧୫ରେ ସାଉଦି ସହ ଆଲୋଚନା ନ କରି ଓବାମା ଇରାନ ସହ ଏକ ଆଣବିକ ଚୁକ୍ତି କରିବାକୁ ସବୁଜ ସଙ୍କେତ ଦେବା ଫଳରେ ଡେମୋକ୍ରାଟ୍ସ ପ୍ରତି ଏଭଳି ଅବିଶ୍ୱାସ ସୃଷ୍ଟି ହୋଇଥିଲା। ଓବାମା ସେତେବେଳେ ସୂଚିତ କରିଥିଲେ ଯେ, ସାଉଦି ଆରବ ଏକ ପରଜୀବୀ। ଏଭଳି ମନ୍ତବ୍ୟ ସାଉଦିଙ୍କୁ ଉତ୍ତେଜିତ କରିଥିଲା।

ଏହା ଜଣାଶୁଣା ଯେ, ଏମ୍‌ବିଏସ୍ ବାଇଡେନ୍‌ଙ୍କୁ ତିରସ୍କାର କରନ୍ତି (ପୂର୍ବରୁ ସାଉଦି ଜନ୍ମିତ ସାମ୍ବାଦିକ ଜମାଲ ଖାସୋଗିଙ୍କ ହତ୍ୟା ଘଟଣାରେ ବାଇଡେନ୍‌ଙ୍କ ସହ ମୁହାଁମୁହିଁ ହୋଇଥିଲେ) ଓ ଟ୍ରମ୍ପ ଓ ତାଙ୍କ ଜ୍ୱାଇଁଙ୍କ ସହ ନିବିଡ଼ ସମ୍ପର୍କ ରଖିଛନ୍ତି। ଉଭୟ ବ୍ୟକ୍ତିଗତ ଓ ରାଜନୈତିକ କାରଣ ପାଇଁ ଏମ୍‌ବିଏସ୍ ମଧ୍ୟ ବାଇଡେନ୍ ପ୍ରଶାସନକୁ ପ୍ରତ୍ୟେକ କ୍ଷେତ୍ରରେ ଅପମାନିତ ଓ ଉପେକ୍ଷା କରିଆସୁଛନ୍ତି। ତେବେ କେତେ ସମୟ ଯାଏ ଏମ୍‌ବିଏସ୍ ଏବକାର ଚୁକ୍ତିର ପ୍ରଶଂସା କରିବେ ତାହା ସ୍ପଷ୍ଟ ହୋଇନାହିଁ। ନୂଆ ଚୁକ୍ତି କ୍ୟାମ୍ପ ଡ୍ୟାଭିଡ୍ ବୁଝାମଣା (ଯାହା ଆରବ ରାଷ୍ଟ୍ର ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଘଟାଇଥିଲା) ସହ ସମାନ ନୁହେଁକି ଆବ୍ରାହମ୍ ଚୁକ୍ତି (ଯାହା ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିଥିଲା) ସହ ତୁଳନୀୟ ନୁହେଁ। ବରଂ ଏହି ଚୁକ୍ତି ଏକ କୂଟନୈତିକ ସମ୍ପର୍କର ପୁନଃ ସ୍ଥାପନ କରିବାର ପ୍ରତିଶ୍ରୁତି ଦିଏ। ବାସ୍ତବରେ ଏହା ବାହାରକୁ ଯେତିକି ଚମକଦାର ମନେ ହେଉଛି ବାସ୍ତବତା ତାହା ନୁହେଁ। ଏହା ମୂଲ୍ୟହୀନ ବା ଫମ୍ପା ମନେ ହୁଏ। ପରସ୍ପର ମଧ୍ୟରେ ପୁନର୍ବାର ସମ୍ପର୍କ ସ୍ଥାପନ କରିବା ପାଇଁ ବାହାର ଗ୍ୟାରେଣ୍ଟି ସହ ଠୋସ୍ ପଦକ୍ଷେପ ନିଆ ନ ଗଲେ ଚାଇନା ମଧ୍ୟସ୍ଥରେ ହୋଇଥିବା ଏହି ଚୁକ୍ତି ପର ପର୍ଯ୍ୟାୟ ଦ୍ୱିପାକ୍ଷିକ ଉତ୍ତେଜନ ପୂର୍ବରୁ କେବଳ ଏକ ବିରାମ ଭାବେ ପ୍ରତିପାଦିତ ହେବ।



ସ୍ୱାଧୀନତା ପାଇବା ପରେ ଇରାନ ଓ ସାଉଦି ମଧ୍ୟରେ ସମ୍ପର୍କ କେତେ ଖରାପ ରହି ଆସିଛି । ଇସ୍‌ଲାମର ପବିତ୍ର ପୀଠରେ ଏକ ପଥରକୁ ଅଜାଣତରେ ଅପବିତ୍ର କରିଥିବା ଅଭିଯୋଗରେ ଇରାନର ଜଣେ ତୀର୍ଥଯାତ୍ରୀଙ୍କୁ ସଉଦି ମୃତ୍ୟୁଦଣ୍ଡ ଦେବା ପରେ ୧୯୪୪ରେ ସାଉଦି ସହ ଇରାନ ଚୁକ୍ତି ଭଙ୍ଗ କରିଥିଲା। ୧୯୬୬ରେ ସେମାନଙ୍କ ମଧ୍ୟରେ ପୁନର୍ବାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଥିଲା। କିନ୍ତୁ ୧୯୮୭ରେ ୪୦୨ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହେବା ପରେ ୧୯୮୮ରେ ଇରାନ ସହ ସଉଦି ସମ୍ପର୍କ ଛିନ୍ନ କରିଥିଲା। ପୁନର୍ବାର ୧୯୯୧ରେ ସମ୍ପର୍କ ସ୍ଥାପନ ହେଲା। ୨୦୧୬ରେ ସଉଦି ଆରବ ଜଣେ ଶିହା ମୌଲବୀଙ୍କ ମୁଣ୍ଡକାଟ କରିବା ପରେ ଏହାକୁ କେନ୍ଦ୍ର କରି ଦୁହିଁଙ୍କ ସମ୍ପର୍କ ଛିନ୍ନ ହୋଇଥିଲା। ପୂର୍ବରୁ ସ୍ଥାପିତ ହୋଇଥିବା ଏହି ସବୁ ସମ୍ପର୍କ ମଧ୍ୟରୁ ଅଧିକାଂଶ ବୃହତ୍ ଆଞ୍ଚଳିକ ଏବଂ ବୈଶ୍ୱିକ କ୍ଷମତା ଦ୍ୱାରା କରାଯାଇଥିଲା। ଉଦାହରଣ ସ୍ୱରୂପ, ୧୯୯୬ରେ ଇଜିପ୍ଟର ରାଷ୍ଟ୍ରପତି ଗାମାଲ ଆବଦେଲ୍ ନାସିରଙ୍କ ଆରବ ଦେଶର ଧର୍ମ ନିରପେକ୍ଷ ମନ୍ତବ୍ୟ ସାଉଦିକୁ ଇରାନ ସହ ଆଲୋଚନା କରିବାକୁ ପ୍ରେରିତ କରିଥିଲା।

ଆରବ ଓ ଇସ୍ରାଏଲ ମଧ୍ୟରେ ଆମେରିକା ମଧ୍ୟସ୍ଥରେ ହୋଇଥିବା ସ୍ଥାୟୀ ଚୁକ୍ତି ତୁଳନାରେ ସାଉଦି -ଇରାନ ଚୁକ୍ତି ଏକ ସାମୟିକ ଯୁଦ୍ଧବିରତି ପାଇଁ ଅଧିକ ଅନୁରୂପ ମନେହୁଏ। ଉଦାହରଣ ସ୍ୱରୂପ, ୧୯୬୯ରେ, ନାସିର ଲେବାନନ୍ ଓ ପାଲେଷ୍ଟାଇନ ମୁକ୍ତ ସଂଗଠନ (ପିଏଲ୍‌ଓ) ମଧ୍ୟରେ ଚୁକ୍ତିରେ ମଧ୍ୟସ୍ଥ ଥିଲେ। କିନ୍ତୁ ଏହାର ୬ ବର୍ଷ ପରେ ପାଲେଷ୍ଟେନୀୟମାନେ ଲେବାନନ୍‌ର ଖ୍ରୀଷ୍ଟିଆନ ଗୋଷ୍ଠୀ ସହ ଯୁଦ୍ଧ କରିଥିଲେ। ସେହିଭଳି ଫେବୃୟାରୀ ୧୯୯୪ରେ ଜୋର୍ଡନର ରାଜା ହୁସେନ୍ ଝଗଡ଼ାରେ ଲିପ୍ତ ୟେମେନ ନେତାମାନଙ୍କ ମଧ୍ୟରେ ହୋଇଥିବା ଏକ ଚୁକ୍ତିରେ ମଧ୍ୟସ୍ଥ ଥିଲେ। ହେଲେ ସେହି ବର୍ଷ ମେ'ରେ ଗୋଟିଏ ଗୋଷ୍ଠୀ ତାହା ଉଲ୍ଲଂଘନ କରିବା ଦ୍ୱାରା ଗୃହ ଯୁଦ୍ଧ ଦେଖାଦେଇଥିଲା।

ଆଞ୍ଚଳିକ ପ୍ରତିଯୋଗୀ ଭାବେ ଚାଇନା ତା'ର ନୂଆ କୂଟନୈତିକ ପ୍ରଭାବ ବଳରେ ତା'ର ସେନା ଶକ୍ତି ବୃଦ୍ଧି କରିବାକୁ ଆଶାକରେ। କିନ୍ତୁ ପର୍ସିଆନ ଗଲ୍ଫ ଏବେ ବି ଆମେରିକାର ସାଗର ଭାବେ ରହିଛି। ଆମେରିକା ନ୍ୟାଭିର ସେଣ୍ଟ୍ରାଲ କମାଣ୍ଡ ବାହାରିନରେ ଅଛି ଏବଂ ଆମେରିକାର ଆଞ୍ଚଳିକ ସେନା କାର୍ଯ୍ୟକଳାପଗୁଡ଼ିକ କାତାରରୁ ସଞ୍ଚାଳନ ହେଉଛି। ବାଇଡେନ୍‌ଙ୍କ ପ୍ରତି ଥିବା ଏମ୍‌ବିଏସ୍‌ଙ୍କ ଶତ୍ରୁତା ସତ୍ତ୍ୱେ ବି ସଉଦି ଆରବ ଏବେ ସୁଦ୍ଧା ପାଖାପାଖି ୨,୭୦୦୦ ଆମେରିକୀୟ ସୈନ୍ୟଙ୍କୁ ସ୍ଥାନ ଦେଇଛି। ଏଣୁ ଚାଇନା ସୈନ୍ୟଙ୍କୁ ସ୍ୱାଗତ କରିବାର କୌଣସି ଯୋଜନା ଥିବା ଜଣାପଡୁନାହିଁ। ଏହି ସବୁ ଦେଶ ଆମେରିକା ପାଇଁ ସେମାନଙ୍କ ଦ୍ୱାରା ଖୋଲା ରଖିଛନ୍ତି। ସେମାନେ ଆମେରକାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇବା ଲକ୍ଷ୍ୟରେ ଏହା କରିଛନ୍ତି। ଏହା ସହ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଉପରେ ବି ସେମାନଙ୍କର ବିଶ୍ୱାସ ରହିଛି। ଯେତେଦିନ ଯାଏ ଆମେରିକା ଏହି ସବୁ ସୁବିଧା ଯୋଗାଇ ଦେଉଥିବା ସେତେଦିନ ଯାଏ ଏହା ଚାଇନାକୁ ସେହି ଅଞ୍ଚଳରୁ ଦୂରେଇ ରଖିବ।

କେତେଜଣ ବିଶେଷଜ୍ଞ ଭାବୁଛନ୍ତି ଯେ, ଆମେରିକୀୟଙ୍କୁ ସେମାନଙ୍କ ବିରୋଧୀ (ପ୍ରଥମେ ସୋଭିଏଟ୍ ଓ ଏବେ ଚାଇନିଜ) ବିପକ୍ଷରେ ଠିଆ କରାଇବାର ନାସିରଙ୍କ ନୀତିକୁ ଏବେ ଏମ୍‌ବିଏସ୍ ଅନୁସରଣ କରୁଛନ୍ତି। କିନ୍ତୁ ସାଉଦି ଥରେ ବାସ୍ତବତାକୁ ଅନୁଭବ କଲେ ଏମ୍‌ବିଏସ୍ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ଚାଇନାକୁ ଗ୍ରହଣ କରିବା ବଦଳରେ ଆମେରିକା ପକ୍ଷକୁ ଫେରିବେ।

**ପୂର୍ବତନ ରିସର୍ଚ୍ଚ ଫେଲୋ, ନ୍ୟୁ ଆମେରିକା**

## ଏଇ ଭାରତରେ

ଗରିବ ଯୁବକମାନଙ୍କୁ ବେଲୁନ ଡେକୋରେଶନ ମାଧ୍ୟମରେ ରୋଜଗାର ବାଟ ଦେଖାଉଛନ୍ତି ଅହମଦାବାଦର ମିଲନ ବିଚିଓ୍ୱାଲ। ତାଙ୍କୁ ସମସ୍ତେ ବେଲୁନବାଲା ଡାକନ୍ତି। ନାଁ ସିନା ବେଲୁନବାଲା, କିନ୍ତୁ ସେ ବେଲୁନ ଡେକୋରେଶନରେ ଅନ୍ୟମାନଙ୍କୁ ଖୁସି କରିବା ସହ ସଡ଼କରେ ବେକାର ହୋଇ ବୁଲୁଥିବା ୨୫୦ ଗରିବ ଯୁବକଙ୍କୁ ରୋଜଗାର ଦେଇ ସେମାନଙ୍କ ଦ୍ୱାରା ବି ରୋଜଗାର ସୃଷ୍ଟି କରିବାରେ ଲାଗିଛନ୍ତି ମିଲନ। ସେ ଜନ୍ମଦିନଠାରୁ ଆରମ୍ଭ କରି ସବୁପ୍ରକାର ଉତ୍ସବର ବେଲୁନ ଡେକୋରେଶନରେ ଏହି ଯୁବକମାନଙ୍କୁ ନିଯୁକ୍ତ କରାଇଛନ୍ତି। ଏହା କେବଳ ଏକ ବିଜ୍‌ନେସ ନୁହେଁ ବରଂ ସାମାଜିକ ସ୍ତରରେ ବେରୋଜଗାରରେ ପରିବର୍ତ୍ତନ ଆଣିବାର ଏକ ଉପାୟ ବୋଲି ସେ କହନ୍ତି । ସେ ୮ ବର୍ଷ ହେଲା ଏହି କାମ କରିଆସୁଛନ୍ତି। ଆରମ୍ଭରୁ ତାଙ୍କୁ ୧୦ଟି ଅର୍ଡର ମିଳିବା କଷ୍ଟକର ଥିଲା, ହେଲେ ଏବେ ମାସକୁ ୧୦୦ରୁ ଊର୍ଦ୍ଧ୍ୱ ଡେକୋରେଶନ ପାଇଁ କାମ ମିଳୁଛି। ମିଲନଙ୍କ ସହ କାମ କରୁଥିବା ଯୁବକମାନେ ମଧ୍ୟ ଏହି କାମ ଶିଖିବା ପରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାରେ ଲାଗିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ମାର୍ଚ୍ଚ ୧୯୯୮**

- ଚୀନ ରାଷ୍ଟ୍ରପତି ଜିଆଙ୍ଗ ଜେମିନ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରମୁଖ୍ୟ ଓ ସେଣ୍ଟ୍ରାଲ ମିଲିଟାରୀ କମିଶନର ଅଧ୍ୟକ୍ଷ ହେବାର ଗୌରବ ହାସଲ କରିଛନ୍ତି।
- ଉତ୍ତରପ୍ରଦେଶର ରାଜ୍ୟପାଳ ରୋମେଶ ଭଣ୍ଡାରୀଙ୍କ ଅପ୍ରତ୍ୟାଶିତ ଭାବେ ନିଜ ପଦରୁ ଇସ୍ତଫା ପ୍ରଦାନ।
- ଧାମରା ବନ୍ଦର ନିର୍ମାଣ ପାଇଁ ଇଣ୍ଟର ନ୍ୟାସନାଲସି ପୋର୍ଟ ଲିଃ (ଆଇଏସ୍‌ପି) ସହ ଚୁକ୍ତିକୁ କ୍ୟାବିନେଟର ସ୍ୱୀକୃତି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | 5 | | | 9 | | |
| 2 | 9 | 4 | 1 | | | | | |
| | | | | | | | 2 | 1 |
| | 4 | | | | | | | |
| | 7 | 1 | 9 | | 6 | | 4 | |
| | | | | 2 | | 5 | 1 | 6 |
| | | | | | | | 6 | |
| 3 | | | | | 7 | 2 | 5 | |
| 9 | | | | 8 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 2 | 9 | 3 | 5 | 1 | 4 |
| 5 | 4 | 9 | 7 | 8 | 1 | 2 | 3 | 6 |
| 3 | 2 | 1 | 5 | 6 | 4 | 7 | 9 | 8 |
| 7 | 9 | 4 | 6 | 2 | 5 | 3 | 8 | 1 |
| 1 | 5 | 3 | 9 | 4 | 8 | 6 | 7 | 2 |
| 8 | 6 | 2 | 3 | 1 | 7 | 4 | 5 | 9 |
| 2 | 8 | 7 | 4 | 3 | 9 | 1 | 6 | 5 |
| 9 | 3 | 6 | 1 | 5 | 2 | 8 | 4 | 7 |
| 4 | 1 | 5 | 8 | 7 | 6 | 9 | 2 | 3 |

ଗତକାଲିର ଉତ୍ତର

# ବେଡ୍ ନାହିଁ



ଶୈଳେନ୍ଦ୍ର ଦ୍ୱିବେଦୀ

ପ୍ରାୟ ଅଢ଼େଇ ବର୍ଷ ତଳେ ଜଣେ ପରିଚିତ ଅଟୋ ଡ୍ରାଇଭର ପ୍ରାବନ୍ଧିକଙ୍କୁ ଯେତେବେଳେ ଜଣେଇଥିଲେ ଯେ ସେ ଗରିବ, ବି.ପି.ଏଲ. ପରିବାରଭୁକ୍ତ ଏବଂ ସେଥିପାଇଁ ସରକାରଙ୍କ ତରଫରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବୀମା କାର୍ଡ ପାଇଥିଲେ ହେଁ ତାଙ୍କ ବୃଦ୍ଧା ମା'ଙ୍କ କ୍ୟାନ୍‌ସର ଚିକିତ୍ସା ପାଇଁ ରାଜଧାନୀର କୌଣସି ଘରୋଇ ହସ୍ପିଟାଲ ରାଜି ହେଉନାହାନ୍ତି, ସେତେବେଳେ ସ୍ୱାଭାବିକ ଭାବରେ କଷ୍ଟ ହୋଇଥିଲା। ବୀମା କାର୍ଡର ଫଟୋ ନେଇ କେତୋଟି ଘରୋଇ ହସ୍ପିଟାଲ (ଯେଉଁମାନେ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ସହିତ ଅନୁବନ୍ଧିତ ଥିଲେ) ସହିତ ଯୋଗାଯୋଗ କରିବା ପରେ ଜାଣିଲି ଯେ କ୍ୟାନ୍‌ସର ପରି ଦୀର୍ଘ ଏବଂ ବ୍ୟୟବହୁଳ ଚିକିତ୍ସା ପାଇଁ ସେମାନେ ପ୍ରସ୍ତୁତ ନୁହନ୍ତି। ତେବେ ସିଧାସିଧା ଚିକିତ୍ସା ପାଇଁ ମନା ନ କରି 'ବେଡ୍ ନାହିଁ' ବୋଲି କହୁଛନ୍ତି ସେମାନେ। ଅବଶ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ଗୋଟିଏ ଘରୋଇ ହସ୍ପିଟାଲରେ ବୃଦ୍ଧାଙ୍କୁ ଭର୍ତ୍ତି କରାଗଲା, କିନ୍ତୁ ଦୂର ଗାଁଗୁଡ଼ିକରେ ଏମିତି କାର୍ଡ ପାଇଥିବା ଗରିବ ଲୋକେ କେମିତି ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ସେକଥା ଭାବି ଦୁଃଖ ଲାଗିଲା। ସେତେବେଳେ 'ସ୍ୱାସ୍ଥ୍ୟ ମିତ୍ର'ମାନେ ଅବଶ୍ୟ ନ ଥିଲେ ଏବଂ ଅନୁବନ୍ଧିତ ଘରୋଇ ହସ୍ପିଟାଲଗୁଡ଼ିକର ମୁଖ୍ୟ ଅଭିଯୋଗ ଥିଲା ଯେ ଚିକିତ୍ସା ବାବଦ ଖର୍ଚ୍ଚ ବୀମା କମ୍ପାନୀଙ୍କଠୁ ପାଇବା ପାଇଁ ଦୀର୍ଘ ସମୟ ଲାଗିଯାଉଛି।

ପାଠକେ, ଏହି ପ୍ରବନ୍ଧ ଲେଖିବା ବେଳକୁ ରାଜ୍ୟର ପ୍ରାୟ ୭୦ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ବୀମା କାର୍ଡ ମିଳିଛି। ସ୍ଥିତିରେ ସୁଧାର ଆସିଛି, ତଥାପି ସାଧାରଣ ଲୋକ ପାଇଁ ଆମ ସ୍ୱାସ୍ଥ୍ୟ ସେବା ସନ୍ତୋଷଜନକ ହୋଇପାରିନାହିଁ। ୪ ବର୍ଷ ତଳେ ମୁମ୍ବାଇ ସ୍ଥିତ 'ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ପପୁଲେଶନ ସାଇନ୍ସେସ' ତରଫରୁ କରାଯାଇଥିବା ଏକ ସର୍ଭେ ଦର୍ଶାଇଥିଲା ଯେ ରାଜ୍ୟ ସହରାଞ୍ଚଳର ମାତ୍ର ୧୮ ପ୍ରତିଶତ ମହିଳା ଓ ୨୫ ପ୍ରତିଶତ ପୁରୁଷଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ସୁବିଧା ଥିବାବେଳେ ଗ୍ରାମାଞ୍ଚଳରେ ମହିଳାଙ୍କ କ୍ଷେତ୍ରରେ ଏହା ୪୦ ପ୍ରତିଶତ ଏବଂ ପୁରୁଷଙ୍କ କ୍ଷେତ୍ରରେ ୫୧ ପ୍ରତିଶତ। ତେବେ ସ୍ୱାସ୍ଥ୍ୟ ବୀମା କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସୀମିତ ନ ରହି ସମ୍ପ୍ରସାରିତ ଥିଲା ଇ.ଏସ୍.ଆଇ., ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ପରି ପରିସରକୁ। ଗତବର୍ଷ ହାଇକୋର୍ଟରେ ଏକ ଡିଭିଜନ ବେଞ୍ଚ ଗୋଟିଏ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ ପରାମର୍ଶ ଦେଇଥିଲେ- ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ଗମ୍ଭୀର ଭାବରେ ଚିନ୍ତା କରନ୍ତୁ। କୋର୍ଟ ଜାଣିବାକୁ ପାଇଥିଲେ ଯେ ଗ୍ରାମାଞ୍ଚଳ ପିଏଚ୍‌ସିଗୁଡ଼ିକରେ ଡାକ୍ତରମାନେ ଉପସ୍ଥିତ ନୁହନ୍ତି। ପାରା ମେଡିକାଲ ଷ୍ଟାଫ୍ କମ୍ ଏବଂ ଗରିବମାନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି। ସରକାରୀ ଡାକ୍ତରଖାନାରେ ମେଡିକାଲ ଅଫିସର ପଦବୀ ୪୩ ପ୍ରତିଶତ ଖାଲି, ୪୪ ପ୍ରତିଶତ ବିଶେଷଜ୍ଞ ନାହାନ୍ତି। ଦୟନୀୟ ଅବସ୍ଥାରେ ରାଜ୍ୟରେ ଏତେ ସରକାରୀ ମେଡିକାଲ କଲେଜ ରହିଥିଲେ ହେଁ ଗରିବ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଘରୋଇ ଡାକ୍ତରଖାନା ଯିବାପାଇଁ ବାଧ୍ୟ ହେଉଛନ୍ତି। ପର୍ଯ୍ୟବେକ୍ଷକମାନେ କହିଥିଲେ, ରାଜ୍ୟର ସର୍ବ ପୁରାତନ ମେଡିକାଲ କଲେଜ (ଏସ୍‌ସିବି) ଏମ୍ସ ପ୍ଲସ୍ ମାନ୍ୟତା ପାଇବା ପାଇଁ ଭିତ୍ତିଭୂମି ମଜଭୁତ କରୁଥିଲା ବେଳେ ଗ୍ରାମାଞ୍ଚଳରେ ଏବଂ ପଛୁଆ ଜିଲାଗୁଡ଼ିକରେ ପରିସ୍ଥିତି ଗମ୍ଭୀର।



୪ ମାସ ତଳେ ରାଜ୍ୟର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପ୍ରକାଶିତ ଏକ ଅଧ୍ୟୟନ (ଟେଲର ଆଣ୍ଡ ଫ୍ରାନ୍ସିସ - ହେଲ୍‌ଥ ସିଷ୍ଟମ୍‌ସ ଆଣ୍ଡ ରିଫର୍ମ / ୧୯।୧୦।୨୦୨୨) ଦର୍ଶାଇଛି, ଅନ୍ୟାନ୍ୟ ଭାରତୀୟ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ସରକାରୀ ଖର୍ଚ୍ଚ କମ୍। ଏହା ମୁଣ୍ଡ ପିଛା ବାର୍ଷିକ ୨୯୪୯ ଟଙ୍କା। ରିପୋର୍ଟ ଆଧାରରେ ଜଣକ ସ୍ୱାସ୍ଥ୍ୟ ସେବାପାଇଁ ହେଉଥିବା ଖର୍ଚ୍ଚର ୭୬ ପ୍ରତିଶତ ଜଣେ ଭରଣା କରୁଥାଏ ନିଜ ପକେଟ୍‌ରୁ। ରାଜ୍ୟ ସରକାର ୨୦୧୫ରୁ 'ନିରାମୟ', ୨୦୧୮ରୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଓ 'ନିଦାନ' କାର୍ଯ୍ୟକ୍ରମ ହାତକୁ ତ ନେଇଛନ୍ତି ତେବେ ଲକ୍ଷ୍ୟଣୀୟ ସୁଧାର ଦୃଶ୍ୟମାନ ନୁହେଁ। ଓଡ଼ିଶାରେ ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁ ହାର ହ୍ରାସ ଉତ୍ସାହଜନକ ନୁହେଁ, ସର୍ବଭାରତୀୟ ସ୍ଥିତି ତୁଳନାରେ। ଆହୁରି ଚିନ୍ତାଜନକ ହେଉଛି ରାଜ୍ୟରେ ରକ୍ତହୀନତା, ମ୍ୟାଲେରିଆ ଓ ଯକ୍ଷ୍ମା। ସାମାଜିକ-ଅର୍ଥନୈତିକ ସ୍ଥିତିକୁ ନେଇ ଗ୍ରାମାଞ୍ଚଳ, ଅନୁସୂଚିତ ଜାତି ଓ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଆୟୁ ସମ୍ଭାବନା / ଜୀବନ ପ୍ରତ୍ୟାଶା କମ୍। ଓଡ଼ିଶାରେ ୨୪ ପ୍ରତିଶତ ପରିବାର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ଅତି ଦରିଦ୍ର ହେଉଛନ୍ତି। ଜଣାପଡ଼ିଛି, ସର୍ବାଧିକ ଖର୍ଚ୍ଚ ହେଉଛି ଔଷଧ କିଣାରେ। ସରକାରଙ୍କ 'ନିରାମୟ' ସେବା ସତ୍ତ୍ୱେ ୮୬ ପ୍ରତିଶତ ରୋଗୀ ବାହାରୁ ଔଷଧ କିଣନ୍ତି। ସର୍ଭେ ଆଧାରରେ ୫୬ ପ୍ରତିଶତ ସରକାରୀ ସ୍ୱାସ୍ଥ୍ୟ ସେବାକୁ ନେଇ ଅସନ୍ତୁଷ୍ଟ ରହିଥିବା ବେଳେ ୯୧ ପ୍ରତିଶତଙ୍କ ମତ ଥିଲା ଯେ ସରକାର ଉନ୍ନତି ଆଣିବାକୁ ଚେଷ୍ଟା କରନ୍ତୁ। ତେବେ ଅଧିକାଂଶ ଗୋଟିଏ ଦୃଷ୍ଟିରୁ ସନ୍ତୁଷ୍ଟ ଥିଲେ - ସେମାନଙ୍କ ହାତ ପାଆନ୍ତାରେ ସ୍ୱାସ୍ଥ୍ୟ ସେବା ମିଳୁଛି। ଅତି ବେଶିରେ ସବ୍ ସେଣ୍ଟର / ପି.ଏଚ. ସି. / ସି.ଏଚ.ସି.ରେ ପହଞ୍ଚିବା ପାଇଁ ମାତ୍ର ୩୦ ମିନିଟ ଲାଗୁଛି।

ରିପୋର୍ଟ ଦର୍ଶାଇଛି, ଜାତୀୟ ତାଲିକାରେ ଚିହ୍ନିତ ଅତ୍ୟାବଶ୍ୟକ ଔଷଧ ଗ୍ରାମାଞ୍ଚଳରେ ଖୁବ୍ ବେଶିରେ ୪୦ ପ୍ରତିଶତ ମିଳୁଛି ଏବଂ ଚିକିତ୍ସା ପାଇଁ ଯଦି ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡୁଛି ତେବେ ଘରୋଇ ଚିକିତ୍ସାଳୟକୁ ପସନ୍ଦ କରାଯାଉଛି। ଜଣାପଡ଼ିଛି, ସରକାରୀ ହେଉ ନଚେତ ବେସରକାରୀ ୫୮ ପ୍ରତିଶତ କ୍ଷେତ୍ରରେ ଡାକ୍ତରମାନେ ରୋଗ ନିରୂପଣ ଠିକ୍ କରୁନାହାନ୍ତି ଏବଂ ଅଧିକାଂଶ କ୍ଷେତ୍ରରେ ଅନାବଶ୍ୟକ ତଥା ବ୍ୟୟବହୁଳ ପରୀକ୍ଷା ନିରୀକ୍ଷା ରୋଗୀକୁ କ୍ଷତିଗ୍ରସ୍ତ କରୁଛି। ଥରେ ଜଣେ ସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଲେ ସ୍ୱାସ୍ଥ୍ୟ ସେବାକୁ ନେଇ ତା'ର ଅନୁଭୂତି କ'ଣ, ସେ ଖୁସି ନା ନାହିଁ ସେ ବାବଦରେ କୌଣସି ଖବର/ତଥ୍ୟ/ମତ ରେକର୍ଡ କରାଯାଏ ନାହିଁ। ତେବେ ସର୍ଭେରୁ ଜଣାପଡ଼ିଛି, ଗରିବ ଲୋକେ ବିଶେଷ କରି ଜନଜାତିମାନେ କ୍ୱଚିତ ଭଲସେବା ପାଆନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତରଟିଏ ରୋଗୀ ଦେଖିବା ପାଇଁ ବିତାଉଥିବା ସମୟ ହାରାହାରି ୯ ମିନିଟ। ମୋଟାମୋଟି ନିଷ୍କର୍ଷ ହେଲା ଏମିତି ସ୍ଥିତିରେ ୫୫ ପ୍ରତିଶତ ଲୋକ ପସନ୍ଦ କରୁଛନ୍ତି ଘରୋଇ ସ୍ୱାସ୍ଥ୍ୟ ସେବାକୁ। ଏହା ବାଦ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବହିରାଗତ ରୋଗୀ ଚିକିତ୍ସା ପାଇଁ ସହାୟକ ନୁହେଁ। ପାଠକେ, ଜାତୀୟ ପରିବାର କଲ୍ୟାଣ ସର୍ଭେ (ଏନ୍‌ଏଚ୍‌ଏଫ୍‌ଏସ୍) ଅନୁସାରେ ଏବେ ବି ରାଜ୍ୟର ସରକାରୀ ଚିକିତ୍ସାଳୟରେ ମୁଣ୍ଡ ପିଛା ଘରୋଇ ଖର୍ଚ୍ଚ ୪୧୩୯ ଟଙ୍କା ଏବଂ ପ୍ରତି ୧୦୦୦ ଜନ୍ମରେ ଶିଶୁ ମୃତ୍ୟୁ ହାର (୧-୫ ବର୍ଷ) ୪୧.୧ପ୍ରତିଶତ। ଆପଣ ଚିନ୍ତା କରିପାରନ୍ତି।

**ମୋ:୯୪୩୭୧୩୭୦୬୦**

# ଦୁର୍ନୀତିର ନାହିଁ ଇତି



ରାଧାଶ୍ୟାମ ରାଉଳ

ବର୍ତ୍ତମାନ ସମୟରେ ସତେ ଯେମିତି ସକଳ ସୁଖ, ସୁବିଧାଓସ୍ୱାର୍ଥସାଧନରମୂଳାଧାରହେଉଛିଦୁର୍ନୀତି! ସିଧା ରାସ୍ତା ଧରି ପ୍ରାୟ କେହିଯିବାକୁ ଚାହୁଁ ନ ଥିବା ବେଳେ ଗଳାବାଟ ଦେଇ ତ୍ୱରିତେ ଠିକଣା ଜାଗାରେ ପହଞ୍ଚିବାକୁ ଊଣାଅଧିକେ ସମସ୍ତେ ଚାହୁଁଛନ୍ତି। କହିବାର କଥା ହେଲା, ସକଳ ଶଙ୍କା, ଆଶଙ୍କା, ଭୀତି, ଭ୍ରାନ୍ତି, ପରିଣତିକୁ ପରିହାର କରି ଦୁର୍ନୀତି ପ୍ରେମରେ ଉବୁଟୁବୁ ହେବାକୁ ପ୍ରାୟ ସଭିଙ୍କର କାମନା ଓ ବାସନା ଜାଗୁଛି ଯେମିତି! ଏଣୁ ସାଧାରଣ ଜୀବନରେ ଦୁର୍ନୀତିର ପତିଆରା ବହୁତ। କି ସରକାରୀ କି ବେସରକାରୀ କି କେନ୍ଦ୍ର ସରକାରଙ୍କ ଅଫିସ କି ରାଜ୍ୟ ସରକାରଙ୍କ ଅଫିସ, ଦୁର୍ନୀତିର ଅବାଧ ପ୍ରବେଶ ସବୁଠି!

ଯେଉଁମାନେ ଦୁର୍ନୀତିବିରୋଧୀ ଆନ୍ଦୋଳନର ପ୍ରବକ୍ତା ସାଜି ସଭା ସମିତିରେ ବଡ଼ବଡ଼ ଭାଷଣ ଦେଉଛନ୍ତି, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ରାଜରାସ୍ତାକୁ ଓହ୍ଲେଇ ଆସୁଛନ୍ତି, ସମ୍ବାଦପତ୍ର, ପତ୍ର ପତ୍ରିକାରେ ପୃଷ୍ଠା ପୃଷ୍ଠା ଲେଖି ନିଜକୁ ବଡ଼ ଲେଖକ, ବୁଦ୍ଧିଜୀବୀ, ପ୍ରାଜ୍ଞ, ବିଜ୍ଞ, ଅଭିଜ୍ଞ ବୋଲାଇ ହେଉଛନ୍ତି, ବାସ୍ତବପକ୍ଷରେ ବୁଝିବାକୁ ଅଛି, ସେ ମହାଶୟମାନେ ସେମାନଙ୍କ କର୍ତ୍ତବ୍ୟ ପ୍ରତି କେତେଦୂର ସଚେତନ ? ନିଜନିଜର ସ୍ଥିତି ସଜାଡ଼ିବାକୁ ସେମାନେ କେତେଦୂର ସମର୍ଥ ? ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରଖୁ ନ ଥିବା ସେଇ ମହାଶୟମାନେ ଦୁର୍ନୀତିରୁ ମୁକ୍ତ କି ନୁହେଁ, ତାହା ଅବଶ୍ୟ ତଦନ୍ତ ସାପେକ୍ଷ। ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠାବୋଳିବା, ନିଜେ ମିଠା ଖାଉଥିବା ବେଳେ ଅନ୍ୟକୁ ମିଠା ନ ଖାଇବାର ଉପଦେଶ ଓ ପରାମର୍ଶ ଦେଉଥିବା ବ୍ୟକ୍ତିବିଶେଷଙ୍କୁ ଆତ୍ମ ପ୍ରବଞ୍ଚକ କହିବା ସମୀଚୀନ ନୁହେଁ କି? ଦୁର୍ନୀତିକୁ ଧରିବା ପାଇଁ ଅଡିଟ ହେଉଛି। ହେଲେ ଲାଞ୍ଚ, ରିସବତ୍, ସାଦିଷ୍ଟ ଖାଦ୍ୟ ଓ ବିଦେଶୀ ପାନୀୟ, ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ଲଭି ଅଡିଟର୍ ବାବୁମାନେ କଳାକୁ ଧଳା କରି ଦେଉଛନ୍ତି। ଭଲ ରିପୋର୍ଟ ସହ 'ଆଗକୁ ମାଡ଼ିଚାଲ'ର ସବୁଜ ସଙ୍କେତ ଦେଉଛନ୍ତି!

ଏକ ଘଟଣାକ୍ରମ। ଜନୈକ ହିତାଧିକାରୀ ବନ୍ଧୁ ଅଫିସରେ ପିଅନ ଉପରେ ଚିଡ଼ିଯାଇ କହିଲେ,''ଆଚ୍ଛା କଥା, ମୋ ଫାଇଲ ଫରୱାର୍ଡ କରିବା ପାଇଁ ମୋତେ ଟଙ୍କା ମାଗୁଛ? ଏ ନେଇ ମୁଁ ତୁମରଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ କରିବି।''ତାଚ୍ଛଲ୍ୟ କରି ପିଅନ କହିଲେ, ''ଯାଉନ ଯାଅ, କିଏ ତୁମ ବାଟକୁ ବନ୍ଦ କରୁଛି ହୋ? ହେଇଟି ବାବୁ, ଯିବା ପୂର୍ବରୁ କାନ ଖୋଲି ଶୁଣିନିଅ, ତୁମେ କମ୍ପ୍ଲେନ କରିବ ଯାହାଙ୍କୁ ମୁଁ ପା' ନିଇତି ପିସି ଦେଉଅଛି ତାହାଙ୍କୁ! ପିସି ଅର୍ଥ ପର୍ସେଣ୍ଟେଜ! ଅର୍ଥାତ୍, ଅର୍ଜିତ ବା ଉପଲବ୍ଧ ଉପୁରି ଅର୍ଥରୁ ତଳୁ ଉପରଯାଏ ସଭିଙ୍କର ଭାଗ ରହିଛି। ମୋ ବିରୁଦ୍ଧରେ ତୁମେ ରିପୋର୍ଟ କଲେ, ହାୟର ଅଫିସର ଓଲଟି ତୁମକୁ ଶୋଧିବେ! ତୁମ ଫାଇଲ ଆଉ ଆଗକୁ ଗତି କରିପାରିବ ନାହିଁ, ସ୍ଥାଣୁ ପାଲଟିଯିବ!''

ଏବେ ପ୍ରତିଦିନ ରୋଚକ ଖବର ଶୁଣିବାକୁ ଓ ଜାଣିବାକୁ ମିଳୁଛି ଯେ, ସରକାରୀ ପଦାଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିପଙ୍କରେ ଉବୁଟୁବୁ ଓ ଜୁବୁଡୁବୁ! ପ୍ରଚୁର ଟଙ୍କା, ସୁନାଗହଣା ଘରେ ଠୁଳକରି ରଖିବା ସହ ବିଭିନ୍ନ ଜାଗାରେ ନିଜ ନାମରେ, ନିଜ ସ୍ତ୍ରୀ, ପୁଅ, ଝିଅ, ଭାଇ ଓ ଅନ୍ୟ ପ୍ରିୟପରିଜନମାନଙ୍କ ନାମରେ ଭୂସମ୍ପତ୍ତି, ଫାର୍ମ ହାଉସ, ସୁରମ୍ୟ ଅଟ୍ଟାଳିକା, ବହୁତଳ ପ୍ରାସାଦ ରହିଛି। ଆୟ ବହିର୍ଭୂତ ସମ୍ପତ୍ତିର ମାଲିକ ବୋଲି ତଦନ୍ତ ଓ ଖୋଳତାଡ଼ ହେଉଛି।

ଲାଗୁଛି, ଆମ ସାମାଜିକ ଜୀବନରେ ଦୁର୍ନୀତି ସର୍ବଜନଆଦୃତ ହୋଇସାରିଛି। ଆମ ସମସ୍ତଙ୍କ ଦ୍ୱାରା ଦୁର୍ନୀତି ଲାଳିତପାଳିତ ପ୍ରତିପୋଷିତ ହୋଇ ଦୂବରୁ ଦାରୁ ପର୍ଯ୍ୟାୟକୁ ଉନ୍ନୀତ ହେଉଛି। ଛୋଟଛୋଟ ଦୁର୍ନୀତି ଆମମାନଙ୍କର ସହଯୋଗ ଓ ସମର୍ଥନରେ ବଡ଼ବଡ଼ ଦୁର୍ନୀତିରେ ରୂପାନ୍ତରିତ ହୋଇଯାଉଛି। ଯାହା ହାତରେ କ୍ଷମତା ଅଛି, ସେ ନିର୍ବିଘ୍ନରେ ତା'ର ଅପବ୍ୟବହାର କି ଅପପ୍ରୟୋଗ କରିପାରୁଛି। ସେବା ନାଁରେ ଶୋଷଣ ଚାଲିଛି। ପରୋପକାର ନାଁରେ ଅସାଧୁ ଉପାୟ ଅବଲମ୍ବନ ହେଉଛି। ସର୍ବତ୍ର ଚାଲିଛି ପୃଷ୍ଠପୋଷକତା, ସୁପାରିସ, ପ୍ରିୟାପ୍ରୀତିତୋଷଣ, ସଂକୀର୍ଣ୍ଣ ମନୋଭାବ ପୋଷଣ, ଚାପପ୍ରୟୋଗ, ପ୍ରଭାବବିସ୍ତାର, ଅର୍ଥଆତ୍ମସାତ୍ ଇତ୍ୟାଦି ଇତ୍ୟାଦି।

ଉଦ୍‌ବେଗର ବିଷୟ ଯେ, ସମାଜରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଉପାଦେୟତାକୁ ଲୋକମାନେ ଆଦୌ ଗୁରୁତ୍ୱ ଦିଅନ୍ତିନାହିଁ। ନୀତି, ଆଦର୍ଶ, ସାଧୁତା ଓ ସ୍ୱଦେଶପ୍ରେମକୁ ହୀନଦୃଷ୍ଟିରେ ଦେଖନ୍ତି, ବ୍ୟଙ୍ଗ ପରିହାସ କରନ୍ତି। ଅତଏବ ସେଇଦୃଷ୍ଟିରୁ ଆମ ସମାଜରେ ଦୁର୍ନୀତି ରହିଆସୁଛି, ରହିଛି ଆଗକୁ ମଧ୍ୟ ରହିଥିବ ଏମିତି। ସତରେ ଦୁର୍ନୀତିର ନାହିଁ ଇତି !

**ବୀମାବିହାର, ମର୍କତନଗର**
**ସେକ୍ଟର:୬, କଟକ,**
**ମୋ:୯୪୩୭୦୯୦୯୮୫**

## ପାଠକ ଶ୍ରେଷ୍ଠ ବିଚାରକ

### ଜବରଦଖଲ ହଟାଯାଉ

ମହାଶୟ,

ଜବରଦଖଲ ଯୋଗୁ ରାସ୍ତାକଡ଼ରେ ଥିବା ଘର, କ୍ୟାବିନ ଉପରକୁ ଗାଡ଼ି ମାଡ଼ିଯାଇ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଦୋଷ ପୋଲିସ ନା ଚାଳକ କାହାକୁ ଦେବା ? ଏପରି ଏକ ଘଟଣା ଘଟିଛି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମତିରଣ ଓ ପଲାଇ ଗ୍ରାମପଞ୍ଚାୟତଠାରେ। ଦୀର୍ଘଦିନ ଧରି ବରଦା-ବାଉଜଙ୍ଗ ରାସ୍ତାର ମାତକାତପୁର ଓ ବନ୍ଦରେଶ୍ୱର ଗ୍ରାମ ସର୍ବସାଧାରଣ ରାସ୍ତାକଡ଼ରେ ଜମି ମାଲିକମାନେ ସିମେଣ୍ଟ ଖୁଣ୍ଟରେ ଲୁହାକଣ୍ଟା ତାର ବାନ୍ଧିଛନ୍ତି। ତା'ସହ ଗୋଚର, ଦଣ୍ଡା ଓ ଅନାବାଦୀ ଜମିରେ ଘର କରିଛନ୍ତି। ଏହି ବାଟଦେଇ ହଜାର ହଜାର ସଂଖ୍ୟାରେ ଗାଡ଼ି ଯାତାୟାତ କରେ। ରାସ୍ତା ସଙ୍କୁଚିତ ହେବା ଫଳରେ ଦୈନିକ ଦୁର୍ଘଟଣା ଘଟି ଅନେକେ ଆହତ ହେଉଛନ୍ତି। ବର୍ତ୍ତମାନ ରାସ୍ତା ଚଉଡ଼ା ପାଇଁ ଅର୍ଥ ଆସିଛି। କିନ୍ତୁ ସରକାରୀ ଜମି ମାଡ଼ି ବସିଥିବା ବ୍ୟକ୍ତି ଗଣ୍ଡଗୋଳ କରିବା ପାଇଁ ବାହାରି ପଡୁଛନ୍ତି। ପରିସ୍ଥିତି ଅଣାୟତ୍ତ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବା ସହ ସବୁ ପ୍ରତିବନ୍ଧକ ଦୂରକରି ରାସ୍ତା କାମ ଆଗେଇନେବା ଆବଶ୍ୟକ।

**-ରାଜକିଶୋର ସାମଲ,ବାଲିଚନ୍ଦ୍ରପୁର,ଯାଜପୁର**

### ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଭିଜିତ୍


@ ଗୋବର୍ଦ୍ଧନ


@ ଜଗତଜ୍ୟୋତି


@ ସ୍ନେହାଞ୍ଜଳି


@ ତାପସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ସ୍ୱାମୀଙ୍କୁ ବିରୋଧକରି ରୋଗଣା ସ୍ତ୍ରୀଙ୍କୁ ନିର୍ଯାତନା

- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ କରିବା ମହଙ୍ଗା ପଡ଼ିଲା
- ରକ୍ତ,ପରିସ୍ରା ପରୀକ୍ଷା କଲାନି ନିଦାନ ବିଭାଗ
- ନିରାମୟ କେନ୍ଦ୍ରରୁ ମିଳିଲାନି ମାଗଣା ଔଷଧ
- ଡାକ୍ତର ଲେଖିଲେ କିଣିବାକୁ ଔଷଧ, ମିଳିଲାନାହିଁ ବେଡ୍

**ନୟାଗଡ଼ ଅଫିସ,୧୬।୩**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ କରିବାରୁ ସ୍ୱାମୀଙ୍କୁ ଦୋଷ ଦେଇ ରୋଗିଣା ସ୍ତ୍ରୀ ଉପରେ ନିର୍ଯାତନା ଦେବା ପରି ଘଟଣା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଘଟିଛି। ପ୍ରତିଶୋଧ ପରାୟଣ ହୋଇ ନିଦାନ ବିଭାଗର କେତେଜଣ କର୍ମଚାରୀ ସମ୍ପୃକ୍ତା ମହିଳାଙ୍କ ରକ୍ତ ଓ ପରିସ୍ରା ପରୀକ୍ଷା କଲେନି। ବରଂ ବାହାରେ ଟଙ୍କା ଦେଇ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେଲେ। ସେହିପରି ନିରାମୟରୁ ମାଗଣା ଔଷଧ ନ ଦେଇ ଡାକ୍ତର ବାହାରୁ ଔଷଧ କିଣିବାକୁ ଲେଖିଲେ। ଏପରି କି ବେଡ୍ ନ ଥିବା ଦର୍ଶାଇ ତାଙ୍କୁ ଆଡ୍‌ମିଶନ କରା ନ ଯାଇ ଘରକୁ ଫେରାଇ ଦିଆଯାଇଥିଲା। ଏହାକୁ ନେଇ ସମ୍ପୃକ୍ତା ମହିଳା ମେଡିକାଲ ଅଫିସରଙ୍କ ନିକଟରେ ଅଭିଯୋଗ କରି ନ୍ୟାୟ ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, କରଡା ବ୍ରାହ୍ମଣ ଶାସନର ବସନ୍ତ ପ୍ରଧାନ ନାମ୍ନୀ ଜଣେ ମହିଳା ଜ୍ୱରରେ ପୀଡ଼ିତ ହୋଇ ଗୁରୁବାର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଓପିଡିରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡାକ୍ତର ରକ୍ତ ଓ ପରିସ୍ରା ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ରୋଗୀ ନିଦାନ ବିଭାଗକୁ ଯାଇ ଡାକ୍ତରଙ୍କ ପ୍ରେସ୍‌କ୍ରିପଶନ ଦେଖାଇଥିଲେ। ନିଦାନ ବିଭାଗର କର୍ମଚାରୀ ଡାକ୍ତରଙ୍କ ଲେଖା ଦେଖି ବାହାରେ ପରୀକ୍ଷା କରିବାକୁ କହିଥିଲେ। ତୁମ ସ୍ୱାମୀ ଆମ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ କରୁଥିବାରୁ ଆମେ ପରୀକ୍ଷା କରି ପାରିବୁ ନାହିଁ କହି ସମ୍ପୃକ୍ତ ମହିଳାଙ୍କୁ ଏଣୁତେଣୁ କଥା କହିଥିଲେ। ନିଦାନ ବିଭାଗ କର୍ମଚାରୀଙ୍କ ଜୁଲମ ବିରୋଧରେ ସେ ପ୍ରତିବାଦ ନ କରି ବାହାରେ ପରୀକ୍ଷା କରାଇ ଡାକ୍ତରଙ୍କୁ ରିପୋର୍ଟ ଦେଖାଇଲେ। ଏପରି ସମୟରେ ଡାକ୍ତର ବାହାରୁ ଔଷଧ କିଣିବାକୁ ପ୍ରେସ୍‌କ୍ରିପଶନ ଲେଖିଥିଲେ। ମହିଳା ଜଣକ ନିରାମୟରୁ ଔଷଧ ନେବେ ବୋଲି ବାରମ୍ବାର କହୁଥିଲେ ମଧ୍ୟ ଡାକ୍ତର ତାଙ୍କ କଥା ଶୁଣି ନ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏତିକିରେ ମହିଳଙ୍କ ଉପରେ ନିର୍ଯାତନା କମି ନ ଥିଲା। ଶେଷରେ ସେ ହଟହଟା ହୋଇ ୮୧୦ ଟଙ୍କାର ଔଷଧ କିଣି ଘରକୁ ଫେରିଥିଲେ। ରୋଗୀଙ୍କ ଅଭିଯୋଗ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସେବାକୁ ଦେଖିଲେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ କରିବା କେତେ ଯେ ଭୟଙ୍କର ବସନ୍ତ ପ୍ରଧାନ ନାମକ ଏହି ମହିଳା ରୋଗୀଙ୍କ ଘଟଣାକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇ ଯାଉଛି।

ଏନେଇ ବସନ୍ତଙ୍କ ସ୍ୱାମୀ ଋଷି ପ୍ରଧାନ କୁହନ୍ତି, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଚାଷୀ ଓ ଶ୍ରମିକଙ୍କ ସମସ୍ୟା, ଦୁଃଖି ଦରିଦ୍ର ଲୋକଙ୍କ ଅସୁବିଧାକୁ ଦେଖିଲେ ମୁଁ ପ୍ରତିବାଦ କରି ଏହାର ସମାଧାନ କରିବାକୁ ଚେଷ୍ଟା କରେ। ଏଥିପାଇଁ ଅନେକ ଥର ଆନ୍ଦୋଳନ କରିଛୁ। ଅନେକ କିଛି ପରିବର୍ତ୍ତନ ହୋଇଛି। ଏଭଳିସ୍ଥଳେ ନିଦାନ ବିଭାଗରେ ରୋଗୀ ଫେରିବା, ଠିକ ସମୟରେ ପରୀକ୍ଷଣ ନ ହେବା, କର୍ମଚାରୀ କାର୍ଯ୍ୟାଳୟକୁ ନ ଆସିବା ନେଇ ପ୍ରତିବାଦ କରିଛି। ପୁଣି କାୟାକଳ୍ପ ଟିମ୍ ସମ୍ମୁଖରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅଭିଯୋଗ କରିଛି। ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ମୋର ପ୍ରଚେଷ୍ଟା ଯୋଗୁ ରାଗ ରଖି ମୋର ସ୍ତ୍ରୀକୁ ସେବା ମିଳିବନି କେବେ ଭାବି ନ ଥିଲି। ଡାକ୍ତର ଓ ନିଦାନ ବିଭାଗରେ ମୋ ସ୍ତ୍ରୀ ଜ୍ୱରରେ ପୀଡ଼ିତ ହୋଇ ବାରଣ୍ଡାରେ ପଡି ରହିଥିଲେ। ଘରୁ ଟଙ୍କା ଆଣିବା ପରେ ଔଷଧ କିଣି ଘରକୁ ଫେରିଲି। ମୋ ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ ଚାଲିଛି। ହେଲେ ମୁଁ ଠିକ୍‌ରେ ଅଛି, ମୋ ସ୍ତ୍ରୀଙ୍କୁ ନ୍ୟାୟ ମିଳିବ ବୋଲି ଆଶା ରହିଛି। ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଅଭିଯୋଗ ମିଳିଛି। ଘଟଣାର ତଦନ୍ତ ପାଇଁ ମେଡିକାଲ ଅଫିସରଙ୍କୁ କୁହାଯାଇଛି। ଚିକିତ୍ସା କରୁଥିବା ଡାକ୍ତର, ନିଦାନ ବିଭାଗର କର୍ମଚାରୀ ଓ ଅଭିଯୋଗକାରୀଙ୍କୁ ଡକାଇ ଘଟଣାର ତଦନ୍ତ କରିବାକୁ ପରାମର୍ଶ ଦେଇଛନ୍ତି ।

# ୨୦ ଦିନରେ ଗ୍ରାମରୁ ୨ ଥର ଚୋରି

**ମାମଲା ରୁଜୁ କରି ବସିଛି ପୋଲିସ**

**ରଣପୁର,୧୬।୩(ସ୍ୱ.ପ୍ର.)**

ଗୋଟିଏ ଗ୍ରାମରେ ୨୦ଦିନ ଭିତରେ ୨ଥର ଚୋରି ହୋଇଛି। ଚୋରମାନେ ଘର ବାରିପଟେ ପଶି ୨ ପରିବାରର ଟଙ୍କା ସୁନା ଚୋରି କରି ନେଇ ଯାଇଛନ୍ତି। ସ୍ଥାନୀୟ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋରମାନଙ୍କ ଟେର ପାଇ ପାରୁନାହାଁନ୍ତି। ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଚୋରି କରି ଚାଲିଛନ୍ତି ବୋଲି ଏଠାରେ ଆଲୋଚନା ଜୋର ଧରିଛି।


ଘର ନିକଟସ୍ଥ ପଡ଼ିଆରେ ପଡିଥିବା ଆଟାଚି ଓ ବାକ୍ସ।

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଲେଖନପୁର ଗ୍ରାମରେ ଗତ ୨୩ ତାରିଖରେ ଚିନ୍ତାମଣି ମହାରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ସହିତ ୬୦ ହଜାର ଟଙ୍କା ଚୋରମାନେ ଲୁଟି ନେଇଥିଲେ। ଏହି ଘଟଣାର ୨୦ଦିନ ନ ପୂରୁଣୁ ପୁଣି ସେହି ଗ୍ରାମର ପ୍ରଫୁଲ କୁମାର ସାହୁଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ କଳାକନା ବୁଲାଇଛନ୍ତି। ପରିବାର ଲୋକମାନେ ଶୋଇଥିବା ସୁଯୋଗ ନେଇ ଚୋରମାନେ ବାରିପଟେ କବାଟ ଭାଙ୍ଗି ଘରେ ପଶି ଥିଲେ। ପରିବାରର ସଦ୍ୟସ୍ୟମାନେ ଅନ୍ୟ ଘରେ ଶୋଇଥିଲେ। ସେହି ଘରର କବାଟ ବାହାର ପଟୁ ବନ୍ଦ କରି ଅନ୍ୟଏକ ଘରେ ଥିବା ଆଟାଚ ଓ କାଠ ଆଲମିରାକୁ ଭାଙ୍ଗି ସେଥିରେ ଥିବା ପ୍ରାୟ ବିଭିନ୍ନ ସୁନା ଅଳଙ୍କାର ଓ ନଗଦ ଟଙ୍କା ନେଇ ଯାଇଛନ୍ତି। ଅଳଙ୍କାର ଓ ଟଙ୍କା ନେବା ପରେ ସେହି ଆଟାଚକୁ ବାରିପଟ ବିଲ ମଝିରେ ପକାଇଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୬୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଚୋରମାନଙ୍କ କୌଣସି ଟେର ମିଳି ପାରିନାହିଁ। ଏହି ଘଟଣାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୋଲିସ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା ବଢ଼ାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

PARADIP PORT AUTHORITY
MARINE DEPARTMENT
No. MD/ACCTS-WK-R-2/2023/350
Dated, the 14th March'2023
e-Tender Call Notice (e-TCN)
Name of the Work : "Supply of 01 no. 20 Knots Speed Patrol Boat along with manning crew on hire for a period of five years". Estimated Cost : Total Estimated cost Rs.11,80,78,000/- Plus GST. Estimated cost put to tender : Rs.5,84,32,000/- Excluding Fuel Cost and GST. Last date & time for submission of bids through on-line bidding is till 1500 hours on Dt.27.04.2023. Technical Bids shall be opened at 1630 hours on Dt.28.04.2023. For details, please log on to the Website : https://eprocure.gov.in/eprocure/app .
Dy. Conservator
Paradip Port Authority
PPA/PR/233/2022-23, Dt.15.03.23

ଦ.ପୂ. ରେଳପଥ - ଟେଣ୍ଡର
ଏନ୍‌ଆଇଟି ନଂ. ଏସ୍‌ଟି-ଓଏଲ୍-ଡିଆରଜି-୦୨, ତାରିଖ: ୧୫।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ଆରଭିଏନ୍‌ଏଲ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ଡ୍ରାଫ୍ଟ/ଟେଣ୍ଟେଟିଭ୍/ଅନୁମୋଦିତ ଇଞ୍ଜିନିୟରିଂ ସ୍କେଲ୍ ପ୍ଲାନ୍ (ଇଏସ୍‌ପି) ଅନୁଯାୟୀ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ପ୍ରସ୍ତୁତି, ଡିଜାଇନିଂ । ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଇଏସ୍‌ପିରେ ଦର୍ଶାଯାଇଥିବା ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଯେପରିକି କଳା, ସବୁଜ ଓ ନାଲି ରଙ୍ଗରେ ଡିଜାଇନ୍ ଓ ପ୍ରସ୍ତୁତ କରାଯିବା ଆବଶ୍ୟକ, ଏହା ସହିତ ସଦ୍ୟତମ ସଂସ୍କରଣର ଅଟୋକାଡ୍‌ରେ ଇଏସ୍‌ପି ଅନୁଯାୟୀ କୌଣସି ସଂଶୋଧନ ସହିତ ସ୍କେଚ୍/ଟେଣ୍ଟେଟିଭ୍/ଅନୁମୋଦିତ ଏସ୍‌ଆଇପି ଆଧାରରେ ଏକ ଲଘୁ ରଙ୍ଗିନ ରେଖାଚିତ୍ର ଦୈର୍ଘ୍ୟ ୧ ସେମି = ୧୦ ମିଟର ଏବଂ ଅନୁପ୍ରସ୍ଥ ୧ ସେମି = ୫ ମିଟର ସ୍କେଲ୍‌ରେ ପ୍ରସ୍ତୁତ କରାଯିବା ଆବଶ୍ୟକ, ମାନକ ରେଳପଥ କାର୍ଯ୍ୟପ୍ରଣାଳୀ ସହିତ ଦକ୍ଷିଣ ପୂର୍ବ ରେଳପଥର ମାନକ କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ସ୍ୱାକ୍ଷର ସ୍ତମ୍ଭ ପାଇଁ ନାମ ଓ ପଦବୀ କିମ୍ବା ଦକ୍ଷିଣ ପୂର୍ବ ରେଳପଥର ଷ୍ଟେଶନ ୟାର୍ଡ ଏବଂ ସ୍ୱାଧୀନ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍ ନିମନ୍ତେ ରେଳପଥ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଟ୍ରେସିଂ କାଗଜରେ ଦାଖଲ କରିବା ଆବଶ୍ୟକ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ସଫ୍ଟ କପିକୁ ରେଳପଥ ଇଞ୍ଜିନିୟରମାନଙ୍କ ଇ-ମେଲ୍‌ରେ ତଥା ନକଲକୁ ଏକ ସିଡିରେ ପଠାଯିବା ଆବଶ୍ୟକ । ବିଜ୍ଞାପିତ ଟେଣ୍ଡର ମୂଲ୍ୟ: ₹୨୬,୪୬,୨୪୦/- । ଅମାନତ ରାଶି: ₹୫୨,୯୦୦/- । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ।
(PR-1202)

# ଦକ୍ଷିଣକାଳୀଙ୍କ ମନ୍ଦିର ପଡ଼ିଆରେ ସଙ୍ଗୀତ ସନ୍ଧ୍ୟା

**ନୟାଗଡ଼ ଅଫିସ,୧୬।୩**

ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀଙ୍କ ମନ୍ଦିର ପଡ଼ିଆରେ ଏକ ସଙ୍ଗୀତ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାଳିଆ ନିଶା ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା। ସମ୍ପାଦକ ଲକ୍ଷ୍ମଣ ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗୀତିକାର, ସ୍ୱନାମଧନ୍ୟ ଔପନାସିକ ତପନ ପଟ୍ଟନାୟକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଲିଖିତ 'ଆସିଛି ଦେଖି ତୋ କଳା ବଦନକୁ' ସ୍ମରଣୀୟ ଭକ୍ତି ସଙ୍ଗୀତକୁ ନବ କିଶୋର ମିଶ୍ର ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣକୃଷ୍ଣ ମହାରଣା, ବିଜୟାନନ୍ଦ ମହାପାତ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ବିଶ୍ୱନାଥ ମହାପାତ୍ର, ଭାୟୋଲିନ ବାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତଥିଲେ।


କାର୍ଯ୍ୟକ୍ରମରେ କଳାକାର ସଂଗୀତ ପରିବେଷଣ କରୁଛନ୍ତି।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
Corrigendum-I to Notice Inviting Tender (NIT)
Tender Notice No. TPWODL/SD/O/SER/ 176/ Corrigendum/ 001
Rate Contract for Furniture Works at TPWODL
The time period is hereby extended for Submission of Tender Participation Fee and Authorization Letter through e-mail till 21st March 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

JHRKHAND STATE BEVERAGES CORPORATION LTD. RANCHI
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com Utpad Bhawan, Ground Floor, Near New Police Station, Kanke Road, Ranchi - 834008
E-Tender Notice No :- JSBCL/06Date- 16.03.2023
NOTICE INVITING E-TENDER
E-TENDER FOR EMPANELMENT OF PLACEMENT AGENCY
E- Tenders are invited for empanelment of placement agency for supply of manpower for retail vending shops of JSBCL in the designated five (05) zones within the state of Jharkhand through e-tender process. Detailed tender document is available at https://jharkhandtenders.gov.in & http://jsbcl.in Interested companies/firms/parties may visit the website for more details.

Important dates

| S.N. | Particulars | Date | Time |
|---|---|---|---|
| 1 | Date of Uploading of tender document on website. | 16/03/2023 | |
| 2 | Starting Date for submission of E-Tender | 17/03/2023 | |
| 3 | Last date/closing date for submission of E-Tender | 23/03/2023 | 04:00 P.M. |
| 4 | Last date for submission of document (Hard copy) in the JSBCL office. | 23/03/2023 | 06:00 P.M. |
| 5 | Online opening of Technical Bid. | 25/03/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.
Sd/-
Managing Director,
Jharkhand State Beverages Corporation Ltd.
Jharkhand, Ranchi
PR 292731 Excise(22-23)D

# ବାଜିବନି ଡିଜେ, ଫୁଟିବନି ବାଣ

- ନୋଟିସ ଜାରି କଲା ଚାନ୍ଦପୁର ଥାନା ପୋଲିସ
- ଚାନ୍ଦପୁର ଦଶଦୋଳ ମେଳଣ ପାଇଁ କଟକଣା
- ଡିଜେ ବନ୍ଦକୁ ସ୍ୱାଗତ କଲେ ବୁଦ୍ଧିଜୀବୀ

**ନୟାଗଡ଼ ଅଫିସ/ ରଣପୁର,୧୬।୩(ସ୍ୱ.ପ୍ର.)**

ଶୁକ୍ରବାର ରାତିରେ ରଣପୁର ବ୍ଲକ ଚାନ୍ଦପୁରରେ ହେବ ଦଶଦୋଳ ମେଳଣ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏତିକିବେଳେ ଗୁରୁବାର ପୂର୍ବାହ୍ନରେ ଚାନ୍ଦପୁର ଥାନା ପୋଲିସ ଦଶଦୋଳ ମେଳଣ ଉପରେ କଟକଣା ଲଗାଇ ବାଜିବନି ଡିଜେ ଓ ଫୁଟିବନି ବାଣ ନୋଟିସ୍ ଜାରି କରିଛି। ଏ ସଂକ୍ରାନ୍ତରେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଡିଜେ ଉପରେ କଟକଣାକୁ ନେଇ ବୁଦ୍ଧିଜୀବୀଙ୍କ ସମେତ ଅନେକ ସ୍ୱାଗତ କରିଛନ୍ତି। କାହିଁ କେଉଁ କାଳରୁ ଚାନ୍ଦପୁରରେ ଦଶଦୋଳ ମେଳଣ ପାରମ୍ପରିକ ରୀତିରେ ହୋଇ ଆସୁଥିବାବେଳେ ଆତସବାଜି ଓ ଡିଜେ ବାଜୁଥିଲା। ତେବେ ଧିରେ ଧିରେ ଚାନ୍ଦପୁର ମେଳଣରେ ୨୫ରୁ ୩୦ ଡିଜେ ବାଜିଲା। ମାତ୍ରାଧିକ ଡିଜେ ବାଜିବା ପରେ ସାଧାରଣରେ ଅସନ୍ତୋଷ ଓ ପ୍ରତିବାଦ ଉଠିଥିଲା। ଏପରି କି ଅଧିକାଂଶ ରୋଗୀ ଓ ବୃଦ୍ଧାବୃଦ୍ଧ ଏହାକୁ ନେଇ ପ୍ରତିବାଦ କରିଥିଲେ। ଆତସବାଜି ବନ୍ଦ ଉପରେ କଟକଣା ଲଗାଇବା ନେଇ ବିଚାର କରିବାକୁ ଦାବି ଉଠିଛି। ସେହିଭଳି ୨୫ରୁ ୩୦ ସ୍ଥାନରେ ଡିଜେ ମାତ୍ର ଗୋଟିଏ ବାଜିବାକୁ ଅନୁମତି ଦେବାକୁ କେତେଜଣ ଲୋକ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷେ ଚାନ୍ଦପୁର ଥାନା ପୋଲିସ ନୋଟିସରେ ଉଲ୍ଲେଖ କରିଛି ଦଶମ ଶ୍ରେଣୀ ପରୀକ୍ଷା ଚାଲିଛି। ଏ ସମୟରେ ବାଣ ଫୁଟାଇବା ଓ ଡିଜେ ବଜାଇଲେ ଶବ୍ଦ ପ୍ରଦୂଷଣ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବ। ସେହିପରି ଦଶଦୋଳ ମେଳଣ ପଡ଼ିଆଠାରୁ ମାତ୍ର ୧୦୦ ମିଟର ଦୂରରେ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ରହିଥିବାରୁ ବାଣ ଫୁଟାଇବା ଓ ଡିଜେ ବଜାଇଲେ ରୋଗୀମାନଙ୍କ ଅଚାନକ ହୃଦ୍‌ଘାତ ହୋଇଯିବାର ଭୟ ରହିଛି। ପୁଣି ବୟସ୍କ ବ୍ୟକ୍ତି ଓ ଛୋଟ ପିଲାଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଅପରପକ୍ଷେ ଚାନ୍ଦପୁର ଦଶଦୋଳ ମେଳଣସ୍ଥଳ ଜନବସତିର ମଧ୍ୟଭାଗରେ ରହୁଥିବାରୁ ସାଧାରଣ ଲୋକ ପ୍ରତିବାଦ କରୁଛନ୍ତି। ପୁଣି ଉପଜିଲାପାଳଙ୍କ ମାଇକ ପରିମିଶନରେ ଡିଜେ ବଜାଇବାକୁ ବାରଣ କରାଯାଇଛି। ଏଣୁ ପୋଲିସ ସାଧାରଣ ଲୋକଙ୍କ ସହଯୋଗ ମାଗି ଦଶଦୋଳ ଯାତ୍ରା ଉପରେ କଟକଣା ଲଗାଇଛି।

## ଆନ୍ଦୋଳନ ପରେ ଆଶ୍ୱସ୍ତି

ଦଶଦୋଳ ମେଳଣରେ ଫୁଟିବନି ବାଣ ଓ ବାଜିବନି ଡିଜେ ନେଇ ପୋଲିସର ସଚେତନତା ପରେ ଚାନ୍ଦପୁରରେ ପ୍ରତିବାଦ ହୋଇଥିଲା। ଏପରି କି ଚାନ୍ଦପୁର ଲୋକ ଥାନା ସମ୍ମୁଖରେ ଗୁରୁବାର ଧାରଣା ଦେଇ ପୋଲିସ କଟକଣାରେ ପରିବର୍ତ୍ତନ କରିବାକୁ ଅଡି ବସିଥିଲେ। ଆନ୍ଦୋଳନ ବଢୁଥିବା ଦେଖିବା ପରେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପୋଲିସ ପ୍ରଚେଷ୍ଟା କରିଥିଲା। ମେଳଣରେ ୪ଟା ଡିଜେ, ଶବ୍ଦ ବିହିନ ବାଣ ଫୁଟିବାକୁ ନିଷ୍ପତ୍ତି ହୋଇଛି। ଚାନ୍ଦପୁର ଥାନା ଆଇଆଇସି କଟକଣାର ମାତ୍ରା କିଛି ଉଠାଇ ୪ଟା ଡିଜେ, ଶବ୍ଦ ବିହିନ ବାଣ ଫୁଟିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି।

sf | SUNDARAM HOME
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨। କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪।
ଶାଖା କାର୍ଯ୍ୟାଳୟ: ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭ ।
ଦଖଲ ନୋଟିସ
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)
ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କୁ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧ୍ୟାଦେଶର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି । ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଅଧିନିୟମର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି । ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି ଦେଣନେଣ କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ଦ୍ୱାରା ଚାର୍ଜ ଲାଗୁ କରାଯିବ ।

| କ୍ର. ସଂ. | ଫାଇଲ୍ ନଂ. | ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ / ପ୍ରକାଶନ ତାରିଖ | ନୋଟିସ ପରିମାଣ | ଦଖଲ ତାରିଖ | ମୋଟ ବକେୟା |
|---|---|---|---|---|---|---|
| ୧ | ୬୬୨୦୦୦୩୬ | ଶ୍ରୀ କୁମାର ହର୍ଷବର୍ଦ୍ଧନ ସାହୁ (ଋଣଗ୍ରହୀତା) ସ୍ଥାନ- ସନ୍ତରା, ପୋଷ୍ଟ- ଦଳା, ଯାଜପୁର ରୋଡ୍, ଭୁବନେଶ୍ୱର-୭୫୫୦୧୯ । ଶ୍ରୀ ଲଳାଟେନ୍ଦୁ ସାହୁ (ସହ-ଋଣଗ୍ରହୀତା) ଶ୍ରୀ କୈଳାସ ଚନ୍ଦ୍ର ସାହୁ (ସହ-ଋଣଗ୍ରହୀତା) | ୦୨।୦୧।୨୦୨୩ | ଟ. ୭୬,୫୬,୮୫୯/- | ୧୬।୦୩।୨୦୨୩ | ଟ. ୮୦,୬୨,୩୧୩/- |
| ୨ | ବିବିଆର୍୨୦୧୬୦୦୨୦ | | ୦୨।୦୧।୨୦୨୩ | ଟ. ୧,୧୫,୫୨,୦୩୧/- | ୧୬।୦୩।୨୦୨୩ | ଟ. ୧,୨୨,୧୯,୨୬୫/- |
| ୩ | ବିବିଆର୍୨୦୧୭୦୦୨୮ | | ୦୨।୦୧।୨୦୨୩ | ଟ. ୭୨,୬୯,୮୬୩/- | ୧୬।୦୩।୨୦୨୩ | ଟ. ୭୬,୮୫,୪୦୧/- |
| ୪ | ବିବିଆର୍୨୦୨୨୦୦୦୧ | | ୦୨।୦୧।୨୦୨୩ | ଟ. ୧୭,୩୮,୦୮୫/- | ୧୬।୦୩।୨୦୨୩ | ଟ. ୧୮,୧୭,୯୧୬/- |
| ୫ | ବିବିଆର୍୨୦୨୨୦୦୦୨ | | ୦୨।୦୧।୨୦୨୩ | ଟ. ୨୧,୦୮,୭୮୩/- | ୧୬।୦୩।୨୦୨୩ | ଟ. ୨୨,୦୯,୫୬୨/- |
| ୬ | ବିବିଆର୍୨୦୨୨୦୦୦୬ | | ୦୨।୦୧।୨୦୨୩ | ଟ. ୧୨,୮୮,୩୫୧/- | ୧୬।୦୩।୨୦୨୩ | ଟ. ୧୩,୪୯,୯୩୬/- |

ସମ୍ପତ୍ତିର ଅନୁସୂଚୀ: ଯାଜପୁର ଜିଲ୍ଲା, ସାବକ ତହସିଲ: ସୁକିନ୍ଦା, ହାଲ୍ ତହସିଲ: ବ୍ୟାସନଗର, ମୌଜା/ରାଜସ୍ୱ ଗ୍ରାମ: ଚୋରଦାଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ହାଲ୍ କିନ୍ତୁ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦, ପ୍ଲଟ୍ ନଂ.୨୮୦, କ୍ଷେତ୍ର ଏ.୦.୩୨୦ ଡେସି., ପ୍ଲଟ୍ ନଂ. ୨୮୪/୧୫୧୫, କ୍ଷେତ୍ର ଏ.୦.୩୩୦ ଡେସି., ପ୍ଲଟ୍ ନଂ.୨୮୪ କ୍ଷେତ୍ର ଏ.୦.୨୫୫ ଡେସି. ଏବଂ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦/କେଏର୍‌ଏ ପ୍ଲଟ୍ ନଂ.୨୮୦/୧୫୧୬ କ୍ଷେତ୍ର ଏ.୦.୧୪୦ ଡେସି. ଏବଂ ପ୍ଲଟ୍ ନଂ.୨୮୪/୧୫୧୭ କ୍ଷେତ୍ର ଏ.୦.୦୭୫ ଡେସି ଅଧୀନରେ, ମୋଟ କ୍ଷେତ୍ର ଏ.୧.୧୨୦ ଡେସି, ଯାହା ସାବକ ଖାତା ନଂ.୨୦, ସାବକ ପ୍ଲଟ୍ ନଂ.୨୫, କ୍ଷେତ୍ର ଏ.୦.୪୯ ଡେସି. ପରିମାପର ଅର୍ଥାତ୍ ଏ.୦.୪୯୦ ଡେସି. ଏବଂ ସାବକ ଖାତା ନଂ.୧୦୩, ସାବକ ପ୍ଲଟ୍ ନଂ.୨୬, କ୍ଷେତ୍ର ଏ.୦.୮୮ ପରିମାପର ଅର୍ଥାତ୍ ଏ.୦.୮୮୦ ଡେସି ମୋଟ କ୍ଷେତ୍ର ଏ୧.୩୭ ଡେସି ଅର୍ଥାତ୍ ଏ.୧.୩୭୦ ଡେସି. ଅନୁରୂପ ଅଟେ, କିସମ: ଘରବାରି (ହୋମଷ୍ଟିଡ୍) । ଚଉହଦୀ: ଉତ୍ତର: ଗୋପୀନାଥ ପୃଷ୍ଟି, ଦକ୍ଷିଣ: ଧ୍ରୁବ ବାଳା ଏବଂ ନାରଣ ମହାନ୍ତି, ପୂର୍ବ: ଅଦ୍ୱୈତ ପ୍ରଧାନ, ପଶ୍ଚିମ: ସଡ଼କ ।
ତାରିଖ: ୧୬।୦୩।୨୦୨୩
ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିଜିତ୍



@ ଗୋବର୍ଦ୍ଧନ



@ ଜଗତଜ୍ୟୋତି



@ ସ୍ନେହାଞ୍ଜଳି



@ ତାପସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମେ ସ୍ଥାୟୀ ଜମି ପଟ୍ଟା ଦିଅ, ତା'ପରେ ଶିଳ୍ପ କର

- ଜମି ବିବାଦକୁ ନେଇ ପ୍ରଶାସନ, ସ୍ଥାନୀୟ ଲୋକଙ୍କ ଛକାପଞ୍ଝା
- ହରିଆବାଙ୍କ ଗାଁରେ ମୃତ୍ତିକା ଖନନ ପରୀକ୍ଷାକୁ ବିରୋଧ
- ଘଟଣାସ୍ଥଳରେ ମାଜିଷ୍ଟ୍ରେଟ, ପୋଲିସ ଅଧିକାରୀ, ଫୋର୍ସ ମୁତୟନ

ମହାକାଳପଡ଼ା,୧୬।୩(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହେବା ନେଇ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ଏକ ମୃତ୍ତିକା ଖନନ ଟିମ୍ ସହ ସ୍ଥାନୀୟ ତହସିଲଦାର ମାନସ କୁମାର ତ୍ରିପାଠୀ, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ ମହାନ୍ତି, ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକର ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗାଁରେ ପ୍ରଶାସନ ପକ୍ଷରୁ ମୃତ୍ତିକା ଖନନ କରି ପରୀକ୍ଷା କରାଯାଉଥିଲା। ଏ ସମ୍ପର୍କରେ ଖବର ପାଇ ଗାଁର ୨ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ମିଳିତ ହୋଇ ମୃତ୍ତିକା ଖନନକୁ ବିରୋଧ କରିବା



ହରିଆବାଙ୍କ ଗାଁରେ ମୃତ୍ତିକା ଖନନ ପରୀକ୍ଷାକୁ ଲୋକମାନେ ବିରୋଧ କରୁଛନ୍ତି।

ସହ କାମ ବନ୍ଦ କରିଛନ୍ତି। ସେମାନଙ୍କ କହିବା କଥା, ପ୍ରଥମେ ଆମକୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କର, ପରେ ଶିଳ୍ପ କର ଏଥିରେ ଆମର ଆପତ୍ତି ନାହିଁ।

ଗାଁ ଲୋକଙ୍କ କହିବା କଥା, ଏହି ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ବର୍ଷ ହେବ ବସବାସ କରି ଆସୁଛୁ। ୧୯୭୬ରେ ଲୋକଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସରକାର ବଣ୍ଟନ କରିଥିବା ଜମି ପଟ୍ଟା ଜଙ୍ଗଲ କିସମ ବୋଲି ଜଣାପଡ଼ିଥିଲା। ହେଲେ ଏହି ଜମିରେ ସରକାରୀ ଭାବେ ଆବାସ ଗୃହ, ଆବାସିକ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦି ମିଳୁନାହିଁ। ଆମକୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ନ କରିବା ପର୍ଯ୍ୟନ୍ତ ପ୍ରଶାସନ କାର୍ଯ୍ୟକୁ ବିରୋଧ କରାଯିବ ବୋଲି ଆନ୍ଦୋଳନକାରୀଙ୍କ ମଧ୍ୟମରେ ସତ୍ୟବ୍ରତ ମାଇତି, ରତନ କାଞ୍ଜିଲାଲ, ଜଗନ୍ନାଥ ସର୍ଦ୍ଦାର, ସନ୍ତୋଷ ସର୍ଦ୍ଦାର, ଗଜେନ୍ଦ୍ର ମଣ୍ଡଳ, ରେଣୁବାଳା ଜେନା, ଆରତି ମାଇତି, ପାର୍ବତୀ ଜେନା, ଅର୍ଚ୍ଚନା ପ୍ରଧାନ, ଗୀତାରାଣୀ ଶାବଳ, ତପତି ଶାବଳ, କବିତା ଆଡ଼ି, ଆଶାଲତା ମଣ୍ଡଳଙ୍କ ସମେତ ୨ ଶହରୁ ଅଧିକ ଲୋକ ଉପସ୍ଥିତ ରହି ମୃତ୍ତିକା ଖନନ ସ୍ଥାନର ଚତୁଃପାର୍ଶ୍ୱକୁ ଜଗି ରହିଥିଲେ। ରିପୋର୍ଟ ଲେଖାହେବା ବେଳକୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକମାନଙ୍କ ସହ ପ୍ରଶାସନ ଆଲୋଚନା କରିଥିଲେ ମଧ୍ୟ କିଛି ସମସ୍ୟା ସମାଧାନ ହୋଇନାହିଁ। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରେ ଲୋକମାନଙ୍କ ଜମି ଜମା ସମସ୍ୟାକୁ ନେଇ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଉଛି। ଏବେ ମୃତ୍ତିକା ଖନନ କରାଯାଇ ସ୍ଥିତି ପରଖା ଯାଉଛି। ଲୋକମାନଙ୍କୁ କେତେଜଣ ବ୍ୟକ୍ତି ସେମାନଙ୍କ ଜମି ଚାଲିଯିବ ବୋଲି କହୁଛନ୍ତି। କିନ୍ତୁ ଯେଉଁ ଜାଗାରେ ମୃତ୍ତିକା ପରୀକ୍ଷଣ କରାଯାଉଛି ତାହା ସରକାରୀ ଜମି। ତେଣୁ ଆଇନ ଅନୁସାରେ ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଧସିଲା ପୁରୁଣା ପୋଲ ଆପ୍ରୋଚ୍ ରାସ୍ତା



ପୁରୁଣା ପୋଲ ଆପ୍ରୋଚ୍ ରାସ୍ତା ଧସି ଯାଇଛି।

ରସୁଲପୁର,୧୬।୩(ଡି.ଏନ.ଏ.):

## ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱହୀନତା

- ଯାତାୟାତ ବାଧାପ୍ରାପ୍ତ, ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ
- ତୁରନ୍ତ ମରାମତି ପାଇଁ ଯନ୍ତ୍ରୀଙ୍କ ନିର୍ଦ୍ଦେଶ

ରସୁଲପୁର ବ୍ଲକ ଅନ୍ତର୍ଗତ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ର ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମ ସହ ମଧୁବନ ଲକ୍ଷ୍ମୀ ବଜାରକୁ ସଂଯୋଗ କରୁଥିବା ପୁରୁଣା ପୋଲ ଆପ୍ରୋଚ୍ ରାସ୍ତା ଧସି ଯାଇଛି। ଫଳରେ ଉକ୍ତ ପୋଲ ଦେଇ ଯାତାୟାତ ଠପ୍ ହୋଇଛି। ପୋଲରେ ଯାତାୟାତ ବିପଦସଂକୁଳ ହୋଇପଡ଼ିଥିବାରୁ ବିଭାଗ ପକ୍ଷରୁ ଏହି ବାଟ ଦେଇ ଗମନାଗମନକୁ ବନ୍ଦ କରିଦିଆଯାଇଛି। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ପୁରୁଣା ପୋଲ ଦେଇ ଏକତଳା, ବଣ୍ଟରା, ବିଲଶାସନ ଆଦି ଗ୍ରାମର ଶତାଧିକ ଲୋକ ମଧୁବନ ବଜାର, ବିଦ୍ୟାର୍ଥୀମାନେ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯା-ଆସ କରୁଛନ୍ତି। ମୂଳ ଖରସ୍ରୋତା ଉପରେ ନିର୍ମାଣ ହୋଇଥିବା ଏହି ପୋଲକୁ ବିଭାଗ ପକ୍ଷରୁ ଅକାମି ଦର୍ଶାଇ ସେହି ସ୍ଥାନରେ ନୂତନ ପୋଲ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ ସମୟରେ ଠିକା ସଂସ୍ଥା ପକ୍ଷରୁ ପୁରୁଣା ପୋଲରେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରାପ୍ରତି ଧ୍ୟାନ ଦେବା ନିୟମ ରହିଛି। ମାତ୍ର ପୁରୁଣା ପୋଲକୁ ସୁରକ୍ଷା ଦିଆ ନ ଯାଇ ଠିକାସଂସ୍ଥା ପକ୍ଷରୁ ନୂତନ ପୋଲ କାର୍ଯ୍ୟ ଚାଲୁ ରଖାଯିବା ସହ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ନୂତନ ପୋଲର ପିଲାର ଖୋଳିବା ସମୟରେ ମେଶିନରେ କମ୍ପନ ସୃଷ୍ଟି ହୋଇ ପୁରୁଣା ପୋଲର ଆପ୍ରୋଚ୍ ରାସ୍ତା ଧସି ଯାଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳ ଜନସାଧାରଣ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ବିଭାଗକୁ ଅବଗତ କରାଯିବା ପରେ କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ଠିକା ସଂସ୍ଥା ପକ୍ଷରୁ ଆପ୍ରୋଚ ରାସ୍ତା ମରାମତି ଆରମ୍ଭ ହୋଇଛି। ଶୁକ୍ରବାର ମରାମତି ଶେଷ କରାଯାଇ ପୁରୁଣା ପୋଲରେ ଯାତାୟାତ ସ୍ୱାଭାବିକ କରାଯିବ ବୋଲି ଯନ୍ତ୍ରୀ ମହାରଣା ପ୍ରକାଶ କରିଛନ୍ତି।

## ଅସ୍ତରଙ୍ଗରୁ ସନ୍ଦିଗ୍ଧ ପାରା ଉଦ୍ଧାର ଘଟଣାର ତଦନ୍ତ ଚାଲିଛି :ଏସ୍‌ପି

ପୁରୀ ଅଫିସ, ୧୬।୩:

ପୁରୀ ଜିଲା ଅସ୍ତରଙ୍ଗ ଥାନା ନାନପୁରରୁ ସନ୍ଦିଗ୍ଧ ପାରା ଉଦ୍ଧାର ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଏସ୍‌ପି କନ୍‌ୱର ବିଶାଲ ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପାରାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବିଭିନ୍ନ ଆଇନଗତ ଦିଗ ନେଇ ଅନୁସନ୍ଧାନ କରାଯିବା ସହ କେତେଜଣ ଏକ୍ସପର୍ଟଙ୍କ ସହାୟତା ନିଆଯାଉଛି। ପାରା ଗୋଡ଼ରେ ଯେଉଁ ରିଙ୍ଗ୍ ଲାଗିଛି ତାହା ବିଷୟରେ ଅନୁଧ୍ୟାନ କରାଯାଉଛି। ସବୁ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଏସ୍‌ପି ସିଂ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାନପୁରରୁ ଏକ ସନ୍ଦିଗ୍ଧ ପାରାକୁ ଉଦ୍ଧାର କରାଯାଇଥିଲା।

PARADIP PORT AUTHORITY
MARINE DEPARTMENT
No. MD/ACCTS-WK-R-2/2023/350
Dated, the 14th March'2023
e-Tender Call Notice (e-TCN)
Name of the Work : "Supply of 01 no. 20 Knots Speed Patrol Boat along with manning crew on hire for a period of five years". Estimated Cost : Total Estimated cost Rs.11,80,78,000/- Plus GST. Estimated cost put to tender : Rs.5,84,32,000/- Excluding Fuel Cost and GST. Last date & time for submission of bids through on-line bidding is till 1500 hours on Dt.27.04.2023. Technical Bids shall be opened at 1630 hours on Dt.28.04.2023. For details, please log on to the Website : https://eprocure.gov.in/eprocure/app .
Dy. Conservator
Paradip Port Authority
PPA/PR/233/2022-23, Dt.15.03.23

ଦ.ପୂ. ରେଳପଥ - ଟେଣ୍ଡର
ଏନ୍‌ଆଇଟି ନଂ. ଏସ୍‌ଟି-ଓଏଲ୍-ଡିଆରଜି-୦୨, ତାରିଖ: ୧୫।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ଆର୍‌ଭିଏନ୍‌ଏଲ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ଡ୍ରାଫ୍ଟ/ଟେଣ୍ଟେଟିଭ୍/ଅନୁମୋଦିତ ଇଞ୍ଜିନିୟରିଂ ସ୍କେଲ୍ ପ୍ଲାନ୍ (ଇଏସ୍‌ପି) ଅନୁଯାୟୀ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ପ୍ରସ୍ତୁତି, ଡିଜାଇନିଂ । ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଇଏସ୍‌ପିରେ ଦର୍ଶାଯାଇଥିବା ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଯେପରିକି କଳା, ସବୁଜ ଓ ନାଲି ରଙ୍ଗରେ ଡିଜାଇନ୍ ଓ ପ୍ରସ୍ତୁତ କରାଯିବା ଆବଶ୍ୟକ, ଏହା ସହିତ ସଦ୍ୟତମ ସଂସ୍କରଣର ଅଟୋକାଡ୍‌ରେ ଇଏସ୍‌ପି ଅନୁଯାୟୀ କୌଣସି ସଂଶୋଧନ ସହିତ ସ୍କେଚ/ଟେଣ୍ଟେଟିଭ୍/ଅନୁମୋଦିତ ଏସ୍‌ଆଇପି ଆଧାରରେ ଏକ ଲଘୁ ରଙ୍ଗିନ ରେଖାଚିତ୍ର ଦୈର୍ଘ୍ୟ ୧ ସେମି = ୧୦ ମିଟର ଏବଂ ଅନୁପ୍ରସ୍ଥ ୧ ସେମି = ୫ ମିଟର ସ୍କେଲରେ ପ୍ରସ୍ତୁତ କରାଯିବା ଆବଶ୍ୟକ, ମାନକ ରେଳପଥ କାର୍ଯ୍ୟପ୍ରଣାଳୀ ସହିତ ଦକ୍ଷିଣ ପୂର୍ବ ରେଳପଥର ମାନକ କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ସ୍ୱାକ୍ଷର ସ୍ତମ୍ଭ ପାଇଁ ନାମ ଓ ପଦବୀ କିମ୍ବା ଦକ୍ଷିଣ ପୂର୍ବ ରେଳପଥର ଷ୍ଟେଶନ ୟାର୍ଡ ଏବଂ ସ୍ୱାଧୀନ ଇଣ୍ଟରଲକଡ଼ ଲେଭଲ କ୍ରସିଂ ଗେଟ୍ ନିମନ୍ତେ ରେଳପଥ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଟ୍ରେସିଂ କାଗଜରେ ଦାଖଲ କରିବା ଆବଶ୍ୟକ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ସଫ୍ଟ କପିକୁ ରେଳପଥ ଇଞ୍ଜିନିୟରମାନଙ୍କ ଇ-ମେଲ୍‌ରେ ତଥା ନକଲକୁ ଏକ ସିଡିରେ ପଠାଯିବା ଆବଶ୍ୟକ । ବିଜ୍ଞାପିତ ଟେଣ୍ଡର ମୂଲ୍ୟ: ₹୨୬,୪୬,୭୪୦/- । ଅମାନତ ରାଶି: ₹୫୨,୯୦୦/- । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ।
(PR-1202)

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
Corrigendum-I to Notice Inviting Tender (NIT)
Tender Notice No. TPWODL/SD/O/SER/ 176/ Corrigendum/ 001
Rate Contract for Furniture Works at TPWODL
The time period is hereby extended for Submission of Tender Participation Fee and Authorization Letter through e-mail till 21st March 2023, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

JHRKHAND STATE BEVERAGES CORPORATION LTD. RANCHI
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com Utpad Bhawan, Ground Floor, Near New Police Station, Kanke Road, Ranchi - 834008
E-Tender Notice No :- JSBCL/06Date- 16.03.2023
NOTICE INVITING E-TENDER
E-TENDER FOR EMPANELMENT OF PLACEMENT AGENCY
E- Tenders are invited for empanelment of placement agency for supply of manpower for retail vending shops of JSBCL in the designated five (05) zones within the state of Jharkhand through e-tender process. Detailed tender document is available at https://jharkhandtenders.gov.in & http://jsbcl.in Interested companies/firms/parties may visit the website for more details.

Important dates

| S.N. | Particulars | Date | Time |
|---|---|---|---|
| 1 | Date of Uploading of tender document on website. | 16/03/2023 | |
| 2 | Starting Date for submission of E-Tender | 17/03/2023 | |
| 3 | Last date/closing date for submission of E-Tender | 23/03/2023 | 04:00 P.M. |
| 4 | Last date for submission of document (Hard copy) in the JSBCL office. | 23/03/2023 | 06:00 P.M. |
| 5 | Online opening of Technical Bid. | 25/03/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.
Sd/-
Managing Director,
Jharkhand State Beverages Corporation Ltd.
Jharkhand, Ranchi
PR 292731 Excise(22-23)D

# ଚଅପୋଇ ଦୋଳ ମିଳନ ଉଦ୍‌ଯାପିତ

ବ୍ରହ୍ମବରଦା,୧୬।୩(ଡି.ଏନ.ଏ.):



ଚଅପୋଇ ଦୋଳ ମିଳନରେ ସାମିଲ ହୋଇଥିବା ବିମାନ।

ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତସ୍ଥିତ ଚଅପୋଇ ଖେଳ ପଡ଼ିଆଠାରେ ୬୧ତମ ଚଅପୋଇ ବାର୍ଷିକଦୋଳ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଡ଼ିଆରେ ଥାନପତି ବିମାନ ବିରାଜମାନ ହେବାପରେ ଆଖପାଖ ଅଞ୍ଚଳରୁ ପ୍ରାୟ ୧୮ରୁ ଉର୍ଦ୍ଧ୍ୱ ବିମାନ ପହଞ୍ଚିଥିଲେ। ଠାକୁର ବାଡ଼ିଆମାନେ ବାଜା, ବାଣ ସହ କୀର୍ତ୍ତନ ମାଧ୍ୟମରେ ରୋଷଣି କରି ଥାନପତି ବିମାନ ପାଖରେ ପହଞ୍ଚିବା ପରେ ସମସ୍ତ ବିମାନର ଠାକୁରଙ୍କ ନିକଟରେ ମୁଖ୍ୟ ପୁରୋହିତ ଭୋଗ ଲଗାଇଥିଲେ। ପରେ ଠାକୁର ବାଡ଼ିଆଙ୍କୁ ବିଦାୟୀ ଦିଆଯାଇଥିଲା। ଶତାଧିକ ଜନସମାଗମକୁ ଆଖି ଆଗରେ ରଖି ବ୍ରହ୍ମବରଦା ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କମିଟି ସଭାପତି ବାବାଜୀ ବେହେରା, ଉପସଭାପତି ଅନିରୁଦ୍ଧ ପାଢ଼ୀ, ସମ୍ପାଦକ ଇନ୍ଦ୍ରମଣି ସୁତାର, ସହସମ୍ପାଦକ ଶ୍ୟାମସୁନ୍ଦର ରଥ, କୋଷାଧ୍ୟକ୍ଷ ଯୁଧିଷ୍ଠିର ନାୟକ, କମିଟି ସଦସ୍ୟ କାର୍ତ୍ତିକ ଚନ୍ଦ୍ର ମହାଳିକ, ପ୍ରକାଶ ଚନ୍ଦ୍ର ବାରିକ, ଜନାର୍ଦ୍ଦନ ଷଡ଼ଙ୍ଗୀ, ବନମାଳି ବେହେରା, ପଙ୍କଜ ରାଉତ, ବିଦ୍ୟାଧର କରଣ, କୈଳାସ ମୁଦୁଲି, ଉଚ୍ଛବ ରାଉତ ଓ କେଶବ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

SUNDARAM HOME
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨।
କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ-୬୦୦୦୧୪।
ଶାଖା କାର୍ଯ୍ୟାଳୟ: ଏ/୧୦୮, ୨ୟ ମହଲା, ମାର୍ଫତ୍ ସୁନ୍ଦରମ ଫାଇନାନ୍ସ, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧୦୦୭ ।

ଦଖଲ ନୋଟିସ
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)

ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କୁ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧ୍ୟାଦେଶର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି । ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଅଧିନିୟମର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି । ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି ଦେଣନେଣ କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ଦ୍ୱାରା ଚାର୍ଜ ଲାଗୁ କରାଯିବ ।

| କ୍ର. ସଂ. | ଫାଇଲ୍ ନଂ. | ଋଣଗ୍ରହୀତା, ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ / ପ୍ରକାଶନ ତାରିଖ | ନୋଟିସ ପରିମାଣ | ଦଖଲ ତାରିଖ | ମୋଟ ବକେୟା |
|---|---|---|---|---|---|---|
| ୧ | ୬୬୨୦୦୦୩୬ | ଶ୍ରୀ କୁମାର ହର୍ଷବର୍ଦ୍ଧନ ସାହୁ (ଋଣଗ୍ରହୀତା) ସ୍ଥାନ- ସନ୍ତରା, ପୋଷ୍ଟ- ଦଳା, ଯାଜପୁର ରୋଡ୍, ଭୁବନେଶ୍ୱର-୭୫୫୦୧୯ । ଶ୍ରୀ ଲଳାଟେନ୍ଦୁ ସାହୁ (ସହ-ଋଣଗ୍ରହୀତା) ଶ୍ରୀ କୈଳାସ ଚନ୍ଦ୍ର ସାହୁ (ସହ-ଋଣଗ୍ରହୀତା) | ୦୨।୦୧।୨୦୨୩ | ଟ. ୭୬,୫୬,୮୫୯/- | ୧୬।୦୩।୨୦୨୩ | ଟ. ୮୦,୬୨,୩୧୩/- |
| ୨ | ବିବିଆର୍‌୨୦୧୬୦୦୨୦ | | ୦୨।୦୧।୨୦୨୩ | ଟ. ୧,୧୫,୫୨,୦୩୧/- | ୧୬।୦୩।୨୦୨୩ | ଟ. ୧,୨୨,୧୯,୨୬୫/- |
| ୩ | ବିବିଆର୍‌୨୦୧୭୦୦୨୮ | | ୦୨।୦୧।୨୦୨୩ | ଟ. ୭୨,୬୯,୮୬୩/- | ୧୬।୦୩।୨୦୨୩ | ଟ. ୭୬,୮୫,୪୦୧/- |
| ୪ | ବିବିଆର୍‌୨୦୨୨୦୦୦୧ | | ୦୨।୦୧।୨୦୨୩ | ଟ. ୧୭,୩୮,୦୮୫/- | ୧୬।୦୩।୨୦୨୩ | ଟ. ୧୮,୧୭,୯୧୬/- |
| ୫ | ବିବିଆର୍‌୨୦୨୨୦୦୦୨ | | ୦୨।୦୧।୨୦୨୩ | ଟ. ୨୧,୦୮,୭୮୩/- | ୧୬।୦୩।୨୦୨୩ | ଟ. ୨୨,୦୯,୫୬୨/- |
| ୬ | ବିବିଆର୍‌୨୦୨୨୦୦୦୬ | | ୦୨।୦୧।୨୦୨୩ | ଟ. ୧୨,୮୮,୩୫୧/- | ୧୬।୦୩।୨୦୨୩ | ଟ. ୧୩,୪୯,୯୩୬/- |

ସମ୍ପତ୍ତିର ଅନୁସୂଚୀ: ଯାଜପୁର ଜିଲ୍ଲା, ସାବକ ତହସିଲ: ସୁକିନ୍ଦା, ହାଲ୍ ତହସିଲ: ବ୍ୟାସନଗର, ମୌଜା/ରାଜସ୍ୱ ଗ୍ରାମ: ଚୋରଦାଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ହାଲ୍ କିନ୍ତୁ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦, ପ୍ଲଟ୍ ନଂ.୨୮୦, କ୍ଷେତ୍ର ଏ.୦.୩୨୦ ଡେସି., ପ୍ଲଟ୍ ନଂ. ୨୮୪/୧୫୧୫, କ୍ଷେତ୍ର ଏ.୦.୩୩୦ ଡେସି., ପ୍ଲଟ୍ ନଂ.୨୮୪ କ୍ଷେତ୍ର ଏ.୦.୨୫୫ ଡେସି. ଏବଂ ଚୂଡ଼ାନ୍ତ ହୋଇ ନ ଥିବା ଖାତା ନଂ.୧୨୦/କେଏଚ୍‌ଏ ପ୍ଲଟ୍ ନଂ.୨୮୦/୧୫୧୬ କ୍ଷେତ୍ର ଏ.୦.୧୪୦ ଡେସି. ଏବଂ ପ୍ଲଟ୍ ନଂ.୨୮୪/୧୫୧୭ କ୍ଷେତ୍ର ଏ.୦.୦୭୫ ଡେସି ଅଧୀନରେ, ମୋଟ କ୍ଷେତ୍ର ଏ.୧.୧୨୦ ଡେସି, ଯାହା ସାବକ ଖାତା ନଂ.୨୦, ସାବକ ପ୍ଲଟ୍ ନଂ.୨୫, କ୍ଷେତ୍ର ଏ.୦.୪୯ ଡେସି. ପରିମାପର ଅର୍ଥାତ୍ ଏ.୦.୪୯୦ ଡେସି. ଏବଂ ସାବକ ଖାତା ନଂ.୧୦୩, ସାବକ ପ୍ଲଟ୍ ନଂ.୨୬, କ୍ଷେତ୍ର ଏ.୦.୮୮ ପରିମାପର ଅର୍ଥାତ୍ ଏ.୦.୮୮୦ ଡେସି ମୋଟ କ୍ଷେତ୍ର ଏ୧.୩୭ ଡେସି ଅର୍ଥାତ୍ ଏ.୧.୩୭୦ ଡେସି. ଅନୁରୂପ ଅଟେ, କିସମ: ଘରବାରି (ହୋମଷ୍ଟିଡ୍) । ଚଉହଦୀ: ଉତ୍ତର: ଗୋପୀନାଥ ପୃଷ୍ଟି, ଦକ୍ଷିଣ: ଧ୍ରୁବ ବାଳା ଏବଂ ନାରଣ ମହାନ୍ତି, ପୂର୍ବ: ଅଦ୍ୱୈତ ପ୍ରଧାନ, ପଶ୍ଚିମ: ସଡ଼କ ।

ତାରିଖ: ୧୬।୦୩।୨୦୨୩
ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

## ସଂକ୍ଷେପରେ

### ଜନବସତିରୁ ହରିଣ ଉଦ୍ଧାର



ଉଦଳା,୧୬।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ଅଧୀନ ୧୨ନଂ. ୱାର୍ଡରୁ ଗୁରୁବାର ଏକ ହରିଣ ଉଦ୍ଧାର କରାଯାଇଛି। ଶିମିଳିପାଳରୁ ଖସି ଆସି ଜନବସତିରେ ପଶିଥିବା ଏହି ହରିଣକୁ ସ୍ଥାନୀୟ ଲୋକେ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସକାଳେ କିଛି ଲୋକ ପ୍ରାତଃଭ୍ରମଣରେ ଯାଉଥିବା ବେଳେ ଏକ ହରିଣକୁ କୁକୁର ଗୋଡ଼ାଉଥିବା ଦେଖିବାକୁ ପାଇଥିଲେ। ପରେ କୁକୁରଙ୍କ କବଳରୁ ହରିଣକୁ ଉଦ୍ଧାର କରିଥିଲେ। ଖବର ପାଇ ଉଦଳା ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣଟିକୁ ସାଙ୍ଗରେ ନେଇ ଦେବକୁଣ୍ଡ ଅଞ୍ଚଳରେ ଛାଡ଼ି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୭ ତାରିଖରେ ଉଦଳା ବନାଞ୍ଚଳ ଅଧୀନ ଖୀରପଦା ଗ୍ରାମରେ ମଧ ଗୋଟିଏ ହରିଣକୁ କୁକୁରଙ୍କ କବଳରୁ ଉଦ୍ଧାର କରାଯାଇଥିଲା ବେଳେ ତାହାର ମୃତ୍ୟୁ ହୋଇଥିଲା। ସେହିପରି ନଭେମ୍ବର ମାସରେ ଏକ ସମ୍ବର ଜନବସତିକୁ ପଶି ଆସିଥିବା ବେଳେ ତାହାର ମୃତ୍ୟୁ ହୋଇଥିଲା। ଶିମିଳିପାଳରେ ନିଆଁ ଲାଗିଥିବାରୁ ବନ୍ୟପ୍ରାଣୀ ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣା,୧୬।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମାଛଗଡ଼ ପଞ୍ଚାୟତ କମାରମରା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଗ୍ରାମର ଜୁଡୁ ମୁଣ୍ଡା(୪୫)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ଜଣାପଡ଼ିଥିବା ପୋଲିସ କହିଛି। ବୁଧବାର ରାତିରେ ଜୁଡୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ପରେ ଶୌଚ ପାଇଁ ଯାଉଛି କହି ଯାଇ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ଘର ଲୋକ ଖୋଜା ଖୋଜି ପରେ ଘରଠାରୁ ୨ ଶହମିଟର ଦୂରରେ ଥିବା ଏକ ବର ଗଛରେ ପିନ୍ଧା ଲୁଗା ବେକରେ ବାନ୍ଧି ଫାଶୀ ଲଗାଇ ଝୁଲିପଡ଼ିଥିବା ଦେଖିଥିଲେ। ପାଟଣା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ପାଟଣା ଥାନାରେ (ନଂ.୮/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସାହାରପଡ଼ା ଫାଣ୍ଡି ଏଏସ୍ଆଇ ଶିବପ୍ରସାଦ ଆଇଚ କହିଛନ୍ତି। ଘରୋଇ ବିବାଦରୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ଅନ୍ଧାରୀ ଛକ-ସାହାଡ଼ାକୋଳି ରାସ୍ତା ନିର୍ମାଣରେ ଦୁର୍ନୀତି

- ନିମ୍ନମାନର କାମ କରି ଟଙ୍କା ଚଲୁ ଉଦ୍ୟମ
- ଗ୍ରାମ ଉନ୍ନୟନ ବିଭାଗ, ଠିକାଦାରଙ୍କ ମନମାନି



ଅନ୍ଧାରୀ ଛକ- ସାହାଡ଼ାକୋଳ ରାସ୍ତା ନିର୍ମାଣ ଚାଲିଛି।




ରାସ୍ତା ନିର୍ମାଣ ପାଇଁ ଲାଗିଥିବା ସୂଚନା ଫଳକ।

କୋରେଇ,୧୬।୩(ଡି.ଏନ.ଏ.)

କୋରେଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ୧୩ଟି ରାସ୍ତାର ମରାମତି ଓ ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଛି। ଏଥିମଧ୍ୟରୁ ଏନ୍ଏଚ ୨୧୫ ଅନ୍ଧାରୀ ଛକ କିଆପଦା ଭାୟା ସାହାଡ଼ାକୋଳି ୩.୪ କି.ମି.ରାସ୍ତାକୁ ଉଦାହରଣ ଭାବେ ନିଆଯାଇଛି। ଏହି ରାସ୍ତାର ଉନ୍ନତିକରଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୬ କୋଟି ୭୨ ଲକ୍ଷ ୨୧ ହଜାର ଟଙ୍କାର ବ୍ୟୟ ବରାଦ ହୋଇଥିଲା। ଠିକାଦାର ଉଦୟଭାନୁ ପତିଙ୍କୁ ସେହି କାମର ଟେଣ୍ଡର ମିଳିଥିଲା। କୌଣସି କାରଣରୁ କାମ ବିଳମ୍ବ ହୋଇଥିଲେ ମଧ୍ୟ ଚଳିତବର୍ଷ ୨୦୨୩ ଏହି ରାସ୍ତାର ସମ୍ପ୍ରସାରଣ କାମ ଆରମ୍ଭ ହୋଇଛି। କାମ ଆରମ୍ଭରୁ ଜମି ଅଧିଗ୍ରହଣ ଓ ଚାଷ ଜମିରୁ ମାଟି ତାଡିବାକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଇଛି। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ କାମ ପାଇଁ ୩ କୋଟି ୪୮ଲକ୍ଷ ୮୮ ହଜାର ଟଙ୍କାର ବିଲ ଅନୁମୋଦିତ ହୋଇଥିବା ବେଳେ କଂକ୍ରିଟ କାମ ପାଇଁ ୧ କୋଟି ୨୦ ଲକ୍ଷ ୫୮ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଛି। ସେହିପରି ୩୦୦ ମିଟର ଷ୍ଟୋନ ପ୍ୟାକିଂ ପାଇଁ ୧୩ ଲକ୍ଷ ୯୯ ହଜାର, ରେଟିଂ ୱାଲ ୩୧୫ ମିଟର ୩୧ ଲକ୍ଷ ୮୫ ହଜାର, କଂକ୍ରିଟ ଡ୍ରେନେଜ ପାଇଁ ୧୦ ଲକ୍ଷ, କେଏମ୍ ଷ୍ଟୋନ ସାଇନ ବୋର୍ଡ ଏବଂ ଲୋଗୋ ଇତ୍ୟାଦି ପାଇଁ ୨ ଲକ୍ଷ, ୧୨ଟି କ୍ରସ ଡ୍ରେନେଜ ଷ୍ଟ୍ରକଚର୍ ପାଇଁ ୧୦ ଲକ୍ଷ ୮୫ ହଜାର, ୫ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୭ ଲକ୍ଷ ୫୦ ହଜାର, ଏବଂ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ମେଣ୍ଟେନାନ୍ସ ପାଇଁ ୨୪ ଲକ୍ଷ ୯୪ ହଜାର ଟଙ୍କାକୁ ମିଶାଇ ସମୁଦାୟ ୬ କୋଟି ୭୨ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ଏଗ୍ରିମେଣ୍ଟରେ ଉଲ୍ଲେଖ ରହିଛି। ହେଲେ ସେହି କାମ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର ନିଜ ମର୍ଜିରେ କେବଳ ମାଟି,ଦଷ୍ଟ ଓ ସାମାନ୍ୟ ବଜୁରୀ ଦେଇ ରାସ୍ତାର ମୁଳଦୁଆ ତିଆରି କରୁଛନ୍ତି। ଆବଶ୍ୟକ ଅନୁଯାୟୀ ପାଣି ଦିଆଯାଇ ରୋଲିଂ କରାଯାଉନାହିଁ। କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଯେନେତେନ ପ୍ରକାର କାମ କରି ଅର୍ଥରାଶି ହରିଲୁଟ କରିବାକୁ ଠିକାଦାର ମସୁଧା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାକ ଚାଷଜମି ରହିଥିବା ବେଳେ ଜମି ଅଧିଗ୍ରହଣ ପାଇଁ ୧୧ ଲକ୍ଷ ଟଙ୍କା ବରାଦ ହୋଇଛି। ବିଡମ୍ବନାର ବିଷୟ ଠିକାଦାର କୌଣସି ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ଧମକଚମକ ଦେଇ ଜମି ଅଧିଗ୍ରହଣ କରୁଥିବା ଏକାଧିକ ଚାଷୀ କହିଛନ୍ତି। ସ୍ଥାନୀୟ କେତେଜଣ ପ୍ରଭାବଶାଳୀ ନେତାଙ୍କୁ ହାତ କରି ବ୍ୟାସନଗର ତହସିଲର ଅଗୋଚରରେ ରାସ୍ତା କଡରେ ଥିବା ଚାଷଜମି, ଗୋଚର, ଓ ସରକାରୀ ଜମିକୁ ତାଡ଼ି ରାସ୍ତାର ମୁଳଦୁଆ ତିଆରି ନିମନ୍ତେ ପ୍ରଚୁର ମାଟି ସଂଗ୍ରହ କରାଯାଉଛି। ଫଳରେ ବିଶାଳ ଗର୍ତ୍ତ ସୃଷ୍ଟି ହେବା ସହିତ ଏକାଧିକ ଏକର ଚାଷ ଜମି ନଷ୍ଟ ହୋଇଯିବା ସହ ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ସ୍ଥାନୀୟ ଚାଷୀ ଅମୂଲ୍ୟ ରାଉତ ଓ କୃପାସିନ୍ଧୁ ରାଉତ ଅଭିଯୋଗ କରିବାରୁ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ପାଇଥିବା ଗୁଣ୍ଡାମାନେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ବିଲ ମଝିରେ ଥିବା ଏକ ପୋଖରୀରୁ ପାଣି ଗାଡ଼ି ନେବା ପାଇଁ ଅନେକ ଲୋକଙ୍କ ବିଲ ହିଡ କାଟି ଠିକାଦାର ଜଳ ପରିବହନ କରୁଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଜଣେ ଚାଷୀ କାଳନ୍ଦୀ ଚରଣ ରାଉତ କୋରେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ହେଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ସମସ୍ତେ ଚୁପ ରହୁଛନ୍ତି। ଏହି କାରଣରୁ ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ବଡଧରଣର ମୂଳଚାଲ ହୋଇଥିବା ସ୍ପଷ୍ଟ ବାରିହୋଇ ପଡୁଛି। ଦୁର୍ନୀତିଖୋର ଅଧିକାରୀ ଓ ଠିକାଦାର ମିଳିମିଶି ସରକାରୀ ଅର୍ଥ ହେରଫେର କରୁଥିବା ଅଭିଯୋଗ ହେଉଛି। ମୋଟା ଅଙ୍କର ଦରମା ପାଉଥିବା ବାବୁମାନଙ୍କ ପାଇଁ ସରକାରୀ ନିୟମ ଯେମିତି କେବଳ ପ୍ରହସନ ପାଲଟିଛି। ଏନେଇ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ଚାନ୍ଦଙ୍କୁ ପଚାରିବାରେ ବ୍ୟାସନଗର ତହସିଲରୁ ଅନୁମତି ନେଇ ମାଟି ସଂଗ୍ରହ କରାଯାଉଛି। କାମ ସଠିକ ଭାବେ ନ ହେଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ୨ୟ ଦିନରେ ଡ୍ରାଇଭର ସଂଘର ଆନ୍ଦୋଳନ

ଧର୍ମଶାଳା,୧୬।୩(ଡି.ଏନ.ଏ.):

୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ଚାଲିଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ୧୬ ନଂ. ଜାତୀୟ ରାଜପଥର ଜାରକା ଛକଠାରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ବ୍ଲକ ଅଞ୍ଚଳର ଶତାଧିକ ଡ୍ରାଇଭର ଜାରକା ଛକ ନିକଟରେ ଏକତ୍ରିତ ହୋଇ ପ୍ଲାକାର୍ଡ ଧରି ବିଭିନ୍ନ ନାରାବାଜି କରି ସରକାରଙ୍କ ପ୍ରତି ନିଜର ଅସନ୍ତୋଷ ଜାହିର କରିଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବ୍ଲକ୍ ଡ୍ରାଇଭର ସଂଘ ସଭାପତି ଲୋକନାଥ ପୁରୀ, ସମ୍ପାଦକ ଅମୂଲ୍ୟ କୁମାର ମଲିକ, ଉପସଭାପତି ବାବୁଲି ନାୟକ, ପ୍ରକାଶ ପରିଡ଼ା, ବାଦଲ ପରିଡ଼ା, ଅକ୍ଷୟ କୁମାର ଦାସ, ଉଦୟନାଥ ଦାସ, ଗଣେଶ୍ୱର ଦାସ, ସାଧୁ ସାହୁ, ଶିଲୁ ଦାସ, ଅନନ୍ତ ଚରଣ ସାମଲ ଓ ଅଖିଳ ସାମଲ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର କନ୍ତପଡ଼ାଠାରେ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ଆନ୍ଦୋଳନ ଚଳାଇଛନ୍ତି।

# ଦୀନବନ୍ଧୁ ନାୟକଙ୍କ ପାଦ ପ୍ରଦୀପ ପୁସ୍ତକ ଉନ୍ମୋଚିତ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଯାଜପୁର ରୋଡ,୧୬।୩(ଡି.ଏନ.ଏ.):

ନାଟ୍ୟକାର ଦୀନବନ୍ଧୁ ନାୟକଙ୍କ ପାଦ ପ୍ରଦୀପ ପୁସ୍ତକ ବୁଧବାର ତରାପୁର ହିଙ୍ଗୁଳା ପୀଠରେ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଶ୍ରମିକନେତା ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚନ୍ଦ୍ରମଣି ମଲ୍ଲିକ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୁସ୍ତକର ଲେଖକ ନାୟକ ଉପସ୍ଥିତ ରହି ଗତ ୬ ଦଶନ୍ଧିର ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଚାକିରି ଜୀବନରେ ନାଟକ ଲେଖିବା, ନିର୍ଦ୍ଦେଶନା ଦେବା, ନିଜେ ଅଭିନୟ କରିବାର କାହାଣୀ ବଖାଣିଥିଲେ। ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟକ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇଥିଲେ। ଶିକ୍ଷାବିତ ଦୁଷ୍ମନ୍ତ ନାୟକ, ପ୍ରଫେସର ସୁକାନ୍ତ ରାଉତ, ସାହିତ୍ୟିକ ବିନୋଦ ବିହାରୀ ସାହୁ ଏବଂ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ସମ୍ପର୍କରେ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଶେଷରେ ଭଗବାନ ରଥ, କୃଷ୍ଣଚନ୍ଦ୍ର ସାହୁ, ପୁରୁଷୋତ୍ତମ ନାୟକ ଓ ବିନୋଦ ବିହାରୀ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜେଲଗଲେ ଅଭିଯୁକ୍ତ

ନିଶ୍ଚିନ୍ତକୋଇଲି,୧୬।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଅଞ୍ଚଳର ଶଶିକାନ୍ତ ଜେନା। ଏନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ। ତାଙ୍କଠାରୁ ପୋଲିସ ୩ ସୁନା ଚେନ୍, ଖେଳଣା ବନ୍ଧୁକ, ଛୁରୀ ଓ ବେନାମୀ ନମ୍ବର ପ୍ଲେଟ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୦୮/୨୩)ରୁଜୁ କରି ପୋଲିସ ଅଧିକ ତଦନ୍ତ ଚାଳାଇଛି। ଗତ ୧୩ ତାରିଖରେ କଟକ-ଚାନ୍ଦବାଲି ରାସ୍ତାରେ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟି ୨ ଅଭିଯୁକ୍ତ ବାଇକରେ ଚମ୍ପଟ ମାରିଥିଲେ। ସ୍ଥାନୀୟ କଲେଜ ଛକ ନିକଟରେ ଗାଡ଼ିରୁ ତେଲ ସରିଯିବାରୁ ପେଟ୍ରୋଲ ଟାଙ୍କିକୁ ତେଲ ପକାଇବାକୁ ଯାଇଥିଲେ। ସେମାନଙ୍କୁ ପିଛା କରି ଆସୁଥିବା ଲୋକେ ଉଭୟଙ୍କୁ ଧରି ପିଟିଥିଲେ। ଏହି ସମୟରେ ଜଣେ ଫେରାର ହୋଇଯାଇଥିଲେ। ଶଶିକାନ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ।

# ଯୁବକଙ୍କ ପ୍ରେରଣାର ଉତ୍ସ ହୋଇ ରହିବେ ଦିଲୀପ




ସାମାଜିକ କର୍ମୀ ଦିଲୀପ କୁମାର ସେଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ରସୁଲପୁର,୧୬।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ଭ ପଞ୍ଚାୟତ ମିର୍ଜାପୁର ଗ୍ରାମର ଯୁବ ସାମାଜିକ କର୍ମୀ ଦିଲୀପ କୁମାର ସେଠୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, କୋରେଇ ବିଧାୟକଙ୍କ ପ୍ରତିନିଧି ଶ୍ରୀଧର ବିଶ୍ୱାଳ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ଦାସ, ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା, ଜିଲାପରିଷଦ ସଦସ୍ୟ ଅମର ମହାନ୍ତି, ସମିତିସଭ୍ୟ ଅଜୟ ପଣ୍ଡା, ପୂର୍ବତନ ସରପଞ୍ଚ ଗୋଲକ ବିହାରୀ ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ ସାମଲ, ଯୁବନେତା ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ଯୁବ ସାମାଜିକ କର୍ମୀ ସେଠୀଙ୍କ ଶାନ୍ତ, ସରଳ, ନିଷ୍କପଟ ପଣିଆ ଗୁଣ ତାଙ୍କୁ ସମସ୍ତଙ୍କ ପାଖରେ ଆଦରଣୀୟ କରିପାରିଥିଲା। ମୃତ୍ୟୁର ୧୨ଦିନ ପରେ ବି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଆଖିରୁ ଲୁହ ଶୁଖିନି। ଦିଲୀପଙ୍କୁ ଆଦରରେ ଲୋକେ ଦିଲୁଆ ବୋଲି ସମ୍ବୋଧନ କରୁଥିଲେ। ସବୁ ବର୍ଗର ଲୋକେ ତାଙ୍କୁ ଭଲ ପାଉଥିଲେ, ଆଦର କରୁଥିଲେ। ତାଙ୍କର ମହତ ଗୁଣ ଯୁବକଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଦିଲୁଆଙ୍କ ସାଥୀ ଲଳିତ ନାରାୟଣ ସାହୁ, ସୁନିଲ ମନୋହର ସାମନ୍ତରାୟ, ସୁରେଶ ପତି, ସରୋଜ ରାଉତ, ମନୋରଞ୍ଜନ ସିଂ, ଲକ୍ଷ୍ମୀଧର ପଣ୍ଡା, ମନୋଜ ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭା ଓ ଏକାଦଶାହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଯାଜପୁର ମାଳଆନନ୍ଦପୁର ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱ ଖାଉଟି ଅଧିକାର ଦିବସରେ ଉପସ୍ଥିତ ଅତିଥି।

# ବିଶ୍ୱ ଖାଉଟି ଅଧିକାର ଦିବସ

ଯାଜପୁର ଟାଉନ,୧୬।୩(ଡି.ଏନ.ଏ.):

ଯାଜପୁର ଜିଲା ପ୍ରଶାସନ ତଥା ବୈଧ ମାପ ବିଜ୍ଞାନ ଓ କଫି ଅନୁଷ୍ଠାନ ଆନୁକୂଲ୍ୟରେ ମାଳଆନନ୍ଦପୁର ଉତ୍ତରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ହୃଷୀକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ପଣ୍ଡା ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଭାସ୍କର ବେହେରା ଖାଉଟିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ଏବଂ ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ ଖାଉଟି କଲ୍ୟାଣ ଉଦ୍ଦେଶ୍ୟରେ ହେଉଥିବା ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସମିତିସଭ୍ୟା ସସ୍ମିତା ବେହେରା, ସ୍ୱେଚ୍ଛାସେବୀ ଉପଭୋକ୍ତା, ସ୍ୱୟଂ ସହାୟିକା ଗୋଷ୍ଠୀ, ଛାତ୍ର ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ନନି ଗୋପାଳ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ପୁରସ୍କାର ବିତରଣ ଉତ୍ସବ

ଧର୍ମଶାଳା,୧୬।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜାରକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଇଓ ନିକୁଞ୍ଜ ବିହାରୀ ମହାନ୍ତି ମୁଖ୍ୟ ଅତିଥି, ଏବିଓ ନମିତା ମହାନ୍ତି ମୁଖ୍ୟବକ୍ତା, ସିଆର୍‌ସିସି ସୁଶାନ୍ତ କୁମାର ଦଳାଇ ଓ ଶିକ୍ଷକନେତା ଅଭିରାମ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସେମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବାସନ୍ତୀ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ, ଏସଏମସି ସଭ୍ୟା ଉର୍ମିଳା ଦୋରା, ସୁଶାନ୍ତ ଭୂୟାଁ, ଗୀତାଞ୍ଜଳି ବାରିକ, ପ୍ରସନ୍ନା ନାୟକ, ସସ୍ମିତା ମହାପାତ୍ର ଓ ସତ୍ୟରଞ୍ଜନ ପଣ୍ଡା ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁଷମା ପତି, ବିଦ୍ୟୁଲତା ରାଉତ ଓ କୁମୁଦିନୀ ପାଢ଼ୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ଧନ୍ୟବାଦ ଦେଇଥିଲେ।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ମାଛଚାଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ

**ମତ୍ସ୍ୟଜୀବୀ ସଚେତନତା ଶିବିର**

- ଉନ୍ମୋଚିତ ହେଲା ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି

ରସୁଲପୁର,୧୬।୩(ଡି.ଏନ.ଏ.):




ମତ୍ସ୍ୟଜୀବୀ ସଚେତନତା ଶିବିର ମଞ୍ଚାସୀନ ଅତିଥି।

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଦିଆନଚକର ଖରସ୍ରୋତା ନଦୀ ତଟରେ ଗୁରୁବାର ମତ୍ସ୍ୟଜୀବୀଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋକଡ଼ିଆ ମତ୍ସ୍ୟଜୀବୀ ସମବାୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ତଥା ସମିତି ପ୍ରତିଷ୍ଠାତା ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସଚେତନତା ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଥିଲେ, କୃଷି ଓ କୃଷକଙ୍କ ବିକାଶ ପାଇଁ ୨୦୨୩-୨୪ ବଜେଟ୍‌ରେ ୨୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରକର ମାଛ ଚାଷର ବିକାଶ ଉପରେ ବିଶେଷ ପ୍ରାଧାନ୍ୟ ଦେଉଛନ୍ତି। ଆଗକୁ ମାଛ ଚାଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏହାଛଡ଼ା ଯୋକଡ଼ିଆ ଅଞ୍ଚଳର ୯୨ ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସାମାଜିକ କର୍ମୀ ଇଂ. ବିଶ୍ୱଜିତ୍ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବ୍ୟାସନଗର ପୌର ପରିଷଦ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ପ୍ରମୋଦ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗ୍ରାମୀଙ୍କ ବଡ଼ପୁଅ ଅଚ୍ୟୁତା ନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଯୋକଡ଼ିଆ ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ ବି. ମୂର୍ତ୍ତି ସମ୍ପାଦକୀୟ ବିବରଣୀ ପାଠ କରିଆରେ ମତ୍ସ୍ୟଜୀବୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ପରେ ସାହସୀ ଯୁବକ ରାଜେନ୍ଦ୍ର ବିଶ୍ୱାଳ, ଡି. ଜଗଦିଶଙ୍କୁ ମୁଖ୍ୟଅତିଥି ନେତାଜୀ ସୁଭାଷ ବୋଷ ସାହସୀ ସମ୍ମାନରେ ସମ୍ମାନିତ କରିଥିଲେ। ସାହସୀ ଯୁବକ ଦ୍ୱୟ ନଦୀରେ ଭାସି ଯାଉଥିବା ୨ ପିଲାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଜାତୀୟସ୍ତରରେ ପୁରସ୍କୃତ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି କରାଯାଇଥିଲା। ପ୍ରାରମ୍ଭରେ ପାଣିକୋଇଲି ଷ୍ଟାର୍ ଇଣ୍ଡିଆ ଗ୍ରୁପର କଳାକାର ସୁଶ୍ରୀ ରୋଜାଲିନ ବାରିକ ଓ ନିଶିପ୍ରଭା ପାତ୍ର ଉତ୍କଳ ସଂଗୀତ ଗାନ କରିଥିବାବେଳେ ନୃତ୍ୟାଙ୍ଗନା ଆଶାରଣୀ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ଆୟୋଜିତ ବାୟୋଫ୍ଲକ ମାଛଚାଷର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ମନ୍ତ୍ରୀ ସ୍ୱାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଶିବାଙ୍ଗୀ ପଟ୍ଟନାୟକ, ସହାକାରୀ ମତ୍ସ୍ୟ ଅଧିକାରୀ ସନ୍ଦୀପ ଶଙ୍କର ପଟ୍ଟନାୟକ, ଜିଲା ଉଦ୍ୟାନକୃଷି ଅଧିକାରୀ ସୂର୍ଯ୍ୟମଣୀ ମହାରଣା, ଜିଲା କୃଷି ଅଧିକାରୀ କମଳ ନାୟକ, ପ୍ରାଣୀଧନ ଚିକିତ୍ସା ଅଧିକରୀ ଡ. ପଦ୍ମନାଭ ଦାଶ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ପାତ୍ର ଓ ରସୁଲପୁର ବ୍ଲକ ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ ବି. ମୂର୍ତ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମନକରପୁର ହବିବ୍ ମସ୍‌ଜିଦରେ ଜଲ୍‌ସା

**କେନ୍ଦ୍ରାପଡ଼ା ଅଫିସ, ୧୬।୩:** କେନ୍ଦ୍ରାପଡ଼ା ସହରର ମନକରପୁର ମୁସଲିମସାହିସ୍ଥିତ ହବିବ ମସ୍‌ଜିଦରେ ଦସ୍ତାର ହିଫଜ ଓ କେରତର ଦସ୍ତାରବନ୍ଦି ଜଲସା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ସରିଫର ମୌଲାନା ମହମ୍ମଦ ହନିଫ ମିସବାହୀ, ଶୈଖୁଲ ହଦିସ ଦାରୁଲ ଓଲୁମ ମୁଜାହିଦେ ମିଲ୍ଲତ, ମୌଲାନା ମୁଫତି ମୁଶାରଫ ରଜା, ମୌଲାନା ଜାହିଦ ରଜା ଗୌସି, ମୌଲାନା ମହମ୍ମଦ ଜାଭେଦ ଅଖତର, ମୌଲାନା ଜାକିର ହୋସେନ ମିସବାହୀ, ମୌଲାନା ଫୈଜୁଲ ହବିବ, ମୌଲାନା ତାହିର ରଜା, ମୌଲାନା ସୟଦ ଖୁରସିଦ, ମୌଲାନା ଗୁଲାମ ମହମ୍ମଦ, ମୌଲାନା ଅଜମାତୁଲ୍ଲା ହସମତି, ମୌଲାନା କାରୀ ବଦରୁଜ ଜମା, ମୌଲାନା ଖଲିଲ ଅହେମ୍ମଦ ମିସବାହୀ ଓ ମୌଲାନା ଅବଦୁଲ ହକିମ ଫୈଜି ପ୍ରମୁଖ ବିଜ୍ଞ ଧାର୍ମିକ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ। ସେମାନେ ସମାଜରେ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରବଚନ ପ୍ରଦାନ କରିଥିଲେ। ଏଥିସହ ପବିତ୍ର କୋରାନକୁ ହିଫଜ୍ ବା ମୁଖସ୍ତ କରିଥିବା ଛାତ୍ର ହାଫିଜ ମହମ୍ମଦ ଅଜିମୁଦ୍ଦିନଙ୍କୁ ପଗଡି ପିନ୍ଧାଇ 'ଦସ୍ତାରବନ୍ଦି' କରିଥିଲେ। ଶେଷରେ ହବିବ ମସ୍‌ଜିଦର ଇମାମ ସାହେବ ମୌଲାନା ଜାଭେଦ ଅଖତର ସଭାକୁ ସାଫଲ୍ୟ ମଣ୍ଡିତ କରିଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

### ଜେଲ ଗଲେ ଅଭିଯୁକ୍ତ

**ନିଶ୍ଚିନ୍ତକୋଇଲି, ୧୬।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ସେ ହେଲେ ଯାଜପୁର ଅଞ୍ଚଳର ଶଶୀକାନ୍ତ ଜେନା। ଏନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ସାଲେପୁର ଏସ୍‌ଡିପିଓ ବିମଳ ପ୍ରସାଦ ବାରିକ। ତାଙ୍କଠାରୁ ପୋଲିସ ୩ଟି ସୁନା ଚେନ୍, ଖେଳଣା ବନ୍ଧୁକ, ଛୁରୀ ଓ ବେନାମୀ ନମ୍ବର ପ୍ଲେଟ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୦୮/୨୩)ରୁଜୁ କରି ପୋଲିସ ଅଧିକ ତଦନ୍ତ ଚାଲାଇଛି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ କଟକ-ଚାନ୍ଦବାଲି ରାସ୍ତାରେ ଏକ ଦମ୍ପତିଙ୍କଠାରୁ ସୁନା ଚେନ ଲୁଟି ୨ ଅଭିଯୁକ୍ତ ବାଇକରେ ଚମ୍ପଟ ମାରିଥିଲେ। ସ୍ଥାନୀୟ କଲେଜ ଛକ ନିକଟରେ ଗାଡ଼ିରୁ ତେଲ ସରିଯିବାରୁ ପେଟ୍ରୋଲ ଟାଙ୍କିକୁ ତେଲ ପକାଇବାକୁ ଯାଇଥିଲେ। ସେମାନଙ୍କୁ ପିଛା କରି ଆସୁଥିବା ଲୋକେ ଉଭୟଙ୍କୁ ଧରି ନିସ୍ତୁକ ପିଟିଥିଲେ। ଏହି ସମୟରେ ଜଣେ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଶଶୀକାନ୍ତଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିଲେ।

# ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ନେଇ ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ, ୧୬।୩**

- ବଜାରରେ ମିଳୁନାହିଁ କ୍ଷୀର, ଅଣ୍ଡା ସହ ଅନ୍ୟ ସାମଗ୍ରୀ
- ଯାତାୟାତ ଓ ପରିବହନ କ୍ଷେତ୍ରରେ ବିଶୃଙ୍ଖଳା ବଢୁଛି

ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ କେନ୍ଦ୍ରାପଡ଼ା ଜିଲାର ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଗୋଟିଏ ଦିନ ଆନ୍ଦୋଳନ ଯୋଗୁ ସାମଗ୍ରୀ ପରିବହନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି। ବଜାରରେ କ୍ଷୀର, ଅଣ୍ଡା ଆଦୌ ମିଳୁନାହିଁ। ସେହିପରି ପରିବା ଦାମ ଅଚାନକ ବଢ଼ିଯାଇଛି। ରାଶନ ସାମଗ୍ରୀଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ ବ୍ୟବସାୟୀ ଏବେ ଗ୍ରାହକଙ୍କଠାରୁ ଦୂରେଇ ରହିବା ଆରମ୍ଭ କଲେଣି। ସେହିପରି ବସ୍, ଟ୍ରକ୍, ଟ୍ରେକର ଆଦି ଯାତ୍ରୀ ଓ ସାମଗ୍ରୀ ପରିବହନ ଗାଡ଼ି ବନ୍ଦ ରହିବାରୁ ଯାତାୟତ କ୍ଷେତ୍ରରେ ନାନା ସମସ୍ୟା ସୃଷ୍ଟି କରିଛି। ଏହି ଆନ୍ଦୋଳନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଚାଟରାପାଟଣାର ମୁକ୍ତିକାନ୍ତ ସ୍ୱାଇଁ କହିଛନ୍ତି, କଟକ ବଡ଼ ମେଡିକାଲରେ ତାଙ୍କର ସମ୍ପର୍କୀୟ ଚିକିତ୍ସିତ ହେଉଛନ୍ତି। ଭୋର ୪ଟାରୁ କେନ୍ଦ୍ରାପଡ଼ାରୁ କଟକ ଯିବାକୁ ଗାଡ଼ି ଖୋଜୁଥିଲେ ମଧ୍ୟ କିଛି ପାଇଲି ନାହିଁ। ବସ୍, ଟ୍ରେକର ଚଳାଚଳ ବନ୍ଦ ରହିଥିବାରୁ ପୂର୍ବାହ୍ନ ୧୧ଟାରେ ଘରକୁ ଫେରିବାକୁ ବାଧ୍ୟ ହୋଇଛି। ସେହିପରି ସେକ୍ ଅରମାନ କହିଛନ୍ତି, ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପାଇଁ ବିଭିନ୍ନ କମ୍ପାନୀର କ୍ଷୀର ପରିବହନ ଗାଡ଼ି ପହଞ୍ଚି ପାରିନାହିଁ। ଫଳରେ ଗ୍ରାହକ ସକାଳଠାରୁ କ୍ଷୀର ନ ପାଇ ଫେରୁଛନ୍ତି। କ୍ଷୀର ଓ ଅଣ୍ଡା ପରିବହନ ଗାଡ଼ି ପହଞ୍ଚିବାକୁ ନେଇ ସେ ଅନିଶ୍ଚିତତାରେ ଅଛନ୍ତି। ମନୋଜ କୁମାର ସିଂହ କହିଛନ୍ତି, ବଜାରରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ହାଟ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ହେଉଥିଲେ ମଧ୍ୟ ପରିବା ଓ ରାଶନ ସାମଗ୍ରୀ ଅପରାହ୍ନ ୨ଟା ସୁଦ୍ଧା ପହଞ୍ଚି ନାହିଁ। ସ୍ଥାନୀୟ ଅଞ୍ଚଳର ଚାଷୀ ଏହାକୁ ଏକ ସୁଯୋଗ ଭାବି ଚଢ଼ା ଦରରେ ପରିବା ଓ ଦୋକାନୀମାନେ ରାଶନ ସାମଗ୍ରୀ ବିକ୍ରି କରୁଛନ୍ତି। ସେହିପରି କେତେଜଣ ବ୍ୟବସାୟୀ ଦୀର୍ଘକାଳୀନ ଆନ୍ଦୋଳନ ସମ୍ଭାବନା ଦେଖି କଳାବଜାର ପାଇଁ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରିଛନ୍ତି।


ଗାଡ଼ି ଚଳାଚଳ ବନ୍ଦ ଥିବାରୁ ଜଣେ ଚାଷୀ ବିଲାତି ତୋଳି ବିଲରେ ରଖିଛନ୍ତି।

ଏପରି କି କେତେଗୋଟି ପେଟ୍ରୋଲ ପମ୍ପ ଆନ୍ଦୋଳନର ଦ୍ୱିତୀୟ ଦିନରେ ବନ୍ଦ ହୋଇଛି। ଏଭଳି ସ୍ଥିତି ଆଉ ୨ଦିନ ରହିଲେ ଗ୍ରାହକଙ୍କୁ ଶୋଷଣର ଶିକାର ହେବାକୁ ପଡ଼ିବ ବୋଲି ମତ ଦେଇଛନ୍ତି। ସିଦ୍ଧ ବଳଦେବଜୀଉ ଦୁଗ୍ଧ ସଂଗ୍ରାହକ ସମବାୟ ସମିତି ସଭାପତି କେଶବ ଦାସ କହିଛନ୍ତି, କ୍ଷୀର ପରିବହନ ହେଉ ନ ଥିବାରୁ ଚାଷୀ ଏବେ ସମସ୍ୟାରେ ଅଛନ୍ତି। କ୍ଷୀର ବିକ୍ରି ହେଉ ନ ଥିବାରୁ ଗୋପାଳନ ଖର୍ଚ୍ଚ ତୁଲାଇ ହେଉନାହିଁ। ସେହିପରି ପାଟକୁରାର ଚାଷୀ ଏବେ ଉତ୍ପାଦିତ ଫସଲର ବାହାରକୁ ଚାଲାଣ ହୋଇ ପାରୁ ନ ଥିବାରୁ ଚାଷରେ ବଡ଼ ଧରଣର କ୍ଷତି ଆଶଙ୍କା କରିଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀ ଡ୍ରାଇଭର ସଂଘର କର୍ମକର୍ତ୍ତା ରଞ୍ଜନ କୁମାର ଦାସ, ରଞ୍ଜନ ମହାନ୍ତି, ମହମ୍ମଦ ଆଜମଲ, ପ୍ରକାଶ ଚନ୍ଦ୍ର ଦାସ, ସତ୍ୟବ୍ରତ ମଲ୍ଲିକ, ସେକ ମୁସ୍ତାକିମ ପ୍ରମୁଖ କହିଛନ୍ତି, ଦେଶ ପରିଚାଳନାରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚକ ନ ଗଡ଼ିଲେ ଦେଶର ବିକାଶ ଠପ୍ ହେବ। ପିଇବା ପାଣିଠାରୁ ଆରମ୍ଭ କରି ଜୀବନ ବଞ୍ଚାଇବା ଔଷଧ, ସାମଗ୍ରୀ ପରିବହନରେ ଗାଡ଼ିଚାଳକ ସଦାସର୍ବଦା ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି। ଦେଶ ବିକାଶରେ ଏହି ଗାଡ଼ି ଚାଳକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ସଦାସର୍ବଦା ଅବହେଳାର ଶିକାର ହେଉଛନ୍ତି। ସମସ୍ୟା ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାର ସମାଧାନ ନ ହେବାରୁ ମହାସଂଘ ପକ୍ଷରୁ ବଡ଼ ଧରଣର ଆନ୍ଦୋଳନ ଡାକରା ଦିଆଯାଇଛି। ଏ ସମ୍ପର୍କରେ ସିଏସ୍‌ଓ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରକୁ ନେଇ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ। ଏପରି ସ୍ଥିତି ସୃଷ୍ଟି ହେଲେ ଜିଲା ପ୍ରଶାସନ ପକ୍ଷରୁ କୃତ୍ରିମ ଅଭାବ ସୃଷ୍ଟିକାରୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

**ପଟ୍ଟାମୁଣ୍ଡାଇ ୧୬।୩ (ସ୍ୱ.ପ୍ର.)**

## ୫୧୦ ଆଶାୟୀ ଯୁବତୀଯୁବକ ଯୋଗଦେଲେ

ରାଜ୍ୟର ବେକାର ଯୁବତୀଯୁବକମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବାକୁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଆୟୋଜନ କରାଯାଉଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଗୁରୁବାର ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡିଓ ସୁଭାଂଶୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନିଯୁକ୍ତି ପରାମର୍ଶମେଳାକୁ ବ୍ଲକୟସ୍ତରରେ ସଫଳ କରିବାକୁ ଏହି କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ ସମସ୍ତ ଅଧିକାରୀ ଓ ଯୋଗ ଦେଇଥିବା ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ସିଡିପିଓ ମୁକ୍ତରୀ ବେଗମ ନିଯୁକ୍ତି ପରାମର୍ଶ ମେଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା କର୍ମ ନିୟୋଜନ ଅଧିକାରୀ ଘନଶ୍ୟାମ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ସ୍ୱାଗତ ଭାଷଣ ଓ ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଙ୍ଗୀତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମେଳାରେ ଭୁବନେଶ୍ୱର, ପାରାଦୀପ ଓ ବାଲେଶ୍ୱର ସିପେଟ, ଏଲଆଣ୍ଡଟି, ୱାଜର ଆଡ଼ଭାଇଜର, ଗ୍ରାମ ତରଙ୍ଗ, କ୍ୱାରମ ସ୍କିଲ ଆଦି ୧୧ ନିଯୁକ୍ତି ତାଲିମ ଭିତ୍ତିକ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ମେଳାରେ ଯୋଗ ଦେଇଥିବା ୫୧୦ ବେକାର ଯୁବତୀଯୁବକମାନଙ୍କୁ ତାଲିମ ପ୍ରଦାନ ପାଇଁ ଚୟନ କରିଥିଲେ। ଏହି ନିଯୁକ୍ତି ପରାମର୍ଶ ମେଳାକୁ ଅଭିଲିପ୍ସା ମଲ୍ଲ, ସୁମିତ୍ରା ବିଶ୍ୱାଳ, ସସ୍ମିତା ରାଉତ, ବନଜା ନନ୍ଦିନୀ ମିଶ୍ର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ପରିଚାଳନା କରିଥିଲେ।


ନିଯୁକ୍ତିମେଳାରେ ଯୋଗ ଦେଇଥିବା ଆଶାୟୀ ଯୁବତୀଯୁବକମାନେ।

# ଗୋଚର ଜମିରେ ବେଆଇନ ନିର୍ମାଣ ଅଭିଯୋଗ

**ବାଲିକୁଦା, ୧୬।୩ (ସ୍ୱ.ପ୍ର.)**

## ବାଲିକୁଦା ବ୍ଲକରେ ୨୭୦୦ ହେକ୍ଟର ଗୋଚର ଜମି ଜବରଦଖଲ କରି ଅଟ୍ଟାଳିକା ନିର୍ମାଣ

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର ବିଭିନ୍ନ ଗୋଚର ଜମିରେ ସରକାରୀ ପ୍ରକଳ୍ପ କରାଯିବା ସହ ଆଉ କେତେଜଣ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସୁପ୍ରିମକୋର୍ଟ ଆଇନଜୀବୀ ସୁଶାନ୍ତ କାନୁନ୍‌ଗୋ ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ଦାବି କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗୋରୁମାନଙ୍କ ଖାଦ୍ୟାଭାବ ଦୂର କରିବାକୁ ସରକାର ବିଭିନ୍ନ ଗାଁରେ ଗୋଚର ଜମି ସଂରକ୍ଷିତ ରଖିଛନ୍ତି। ଏହି ଜମିକୁ କାହାକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ବାଲିକୁଦା ବ୍ଲକର ବିଭିନ୍ନ ଗୋଚର ଜମିକୁ ବେଆଇନ ଭାବେ କେତେଜଣ ବ୍ୟକ୍ତି ଅକ୍ତିଆର କରିଛନ୍ତି। ବ୍ଲକରେ ୨୭୦୦ ହେକ୍ଟର ଗୋଚର ଜମି ରହିଛି। କିନ୍ତୁ ବ୍ଲକର ବିଭିନ୍ନ ଗାଁରେ ଥିବା ଗୋଚର ଓ ଶ୍ମଶାନ ଜମିକୁ ଅଧିକାଂଶ ସ୍ଥାନରେ ଜବରଦଖଲକାରୀମାନେ କବ୍‌ଜା କରି ଅଟ୍ଟାଳିକା ନିର୍ମାଣ କରୁଛନ୍ତି। ଜିଲା ପ୍ରଶାସନ ମଧ୍ୟ ଏଥିରେ ପଛଘୁଞ୍ଚା ଦେଉନାହିଁ। କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପୋଖରୀ, ରାସ୍ତା, ଅଙ୍ଗନୱାଡି ଗୃହ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଏଏନ୍‌ଏମ୍ ସେଣ୍ଟର ଇତ୍ୟାଦି ନିର୍ମାଣ ଚାଲିଛି ବୋଲି କାନୁନ୍‌ଗୋ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଗୋଚର କରାଯାଇଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ଆରଡିସିଙ୍କ ନିକଟରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ବୋଲି ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ, ମହିଳା ଗୁରୁତର

**ରାଜକନିକା, ୧୬।୩ (ଡି.ଏନ୍.ଏ)**

ରାଜକନିକା ଥାନା କୋଠସାହି ଗାଁରେ ପାରିବାରିକ କଳହର କରୁଣ ପରିଣତି ଘଟିଛି। କୋଠସାହି ଗାଁର ସଞ୍ଜୁ ଦାସ(୩୦) କିରୋସିନ୍ ଢାଳି ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପଡୋଶୀଙ୍କ ଦ୍ୱାରା ଉଦ୍ଧାର ହୋଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ପାରିବାରିକ କଳହରୁ ଏପରି ଚରମ ନିଷ୍ପତ୍ତି ସଞ୍ଜୁ ନେଇଥିବା ଗ୍ରାମବାସୀ କହୁଥିବା ଜଣାପଡିଛି।

# ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶିକ୍ଷଣ ଶିବିର

**ରାଜନଗର, ୧୬।୩ (ଡି.ଏନ.ଏ.)**

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜନଗର ବିଡିଓ ସମୀର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳର ସୁରକ୍ଷା ଓ ଏହାର ରକ୍ଷଣା ବେକ୍ଷଣ ଉପରେ କାର୍ଯ୍ୟ କରିବାକୁ ବିଡିଓ ବେହେରା ପରାମର୍ଶ ଦେଇଥିଲେ। ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ପ୍ରଶିକ୍ଷକ ଲଳିତ ସାହୁ, ବାନାମ୍ବର ସାହୁ, ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବାତ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ, ସେ ନେଇ ଆଲୋଚନା କରିଥିଲେ। ଏଥିରେ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଉମେଶ ଚନ୍ଦ୍ର ଦାସ, ବାଇଧର ସେଠୀ, ସତ୍ୟବାନ ସେଠୀ, ବାସୁଦେବ ସାହୁ, ଗଙ୍ଗାଧର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଯୋଗଦେଇଥିବା ଅତିଥିମାନେ।

# 'ନଳିନୀବାବୁଙ୍କ ସମୟରେ ରାଜନଗରର ବିକାଶ ହୋଇଛି'

**ରାଜନଗର, ୧୬।୩ (ଡି.ଏନ.ଏ.)**

## ବିଜେଡି ପରେ କଂଗ୍ରେସର ଖବରଦାତା ସମ୍ମିଳନୀ

ଭିତରକନିକା ମହୋତ୍ସବ ଶେଷ ହେବା ପରେ ଏହାର ଶ୍ରେୟ ବିଜେଡି ଖାତାକୁ ଯିବାରୁ ଆରମ୍ଭ ହୋଇଛି କାଦୁଅ ଫିଙ୍ଗା ରାଜନୀତି। ଭିତରକନିକା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ଅଭିଭାଷଣରେ ୧୯୯୦ରେ ଛାତ୍ର ଜୀବନ ପରେ ଭିତରକନିକା ପରିବେଶ ବଞ୍ଚିବ ଓ ରାଜନଗରର ବିକାଶ ହେବ ଏବଂ ଅଞ୍ଚଳର ଖଟିଖିଆ, ମେହନତି ଓ ମଳିମୁଣ୍ଡିଆଙ୍କୁ ସମୃଦ୍ଧ କରିବାକୁ ସେ ରାଜନୀତିକୁ ଆସିଥିଲେ ବୋଲି କହିଥିଲେ। ବିଧାୟକଙ୍କ ମଳିମୁଣ୍ଡିଆ ଶବ୍ଦକୁ ନେଇ ରାଜନଗରରେ ରାଜନୀତି ଜୋର ଧରିଛି। ୧୪ ତାରିଖରେ କଂଗ୍ରେସ ପକ୍ଷରୁ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ ପରେ ବିଜେଡି ପ୍ରେସ୍ ବିବୃତିରେ ତା'ର ପ୍ରତିକ୍ରିୟା ରଖିଥିଲା। ବୁଧବାର ବିଜେଡି ଖବରଦାତା ସମ୍ମିଳନୀ କରି ରାଜନଗରରେ କଂଗ୍ରେସ ଓ ତାଙ୍କ ନେତୃତ୍ୱ ଉପରେ ବର୍ଷିଥିଲା। ଗୁରୁବାର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ରାଜନଗରର ବିକାଶ ନଳିନୀବାବୁଙ୍କ ସମୟରେ ହୋଇଥିଲା ବୋଲି କୁହାଯାଇଛି। ମାତ୍ର ବିଜେଡି ପକ୍ଷରୁ କଂଗ୍ରେସର ସମ୍ମିଳନୀ ପରେ ପ୍ରେସ୍ ବିବୃତିରେ କଂଗ୍ରେସର ନେତୃତ୍ୱକୁ ସମାଲୋଚନା କରାଯାଇଛି।

ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ପିସିସି ସଭ୍ୟ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ରାଜନଗର ମାଟି ନାମାଚାର୍ଯ୍ୟ ବାୟାବାବା, ସନ୍ଥ କ୍ଷେତ୍ରବାସୀ ବାବାଙ୍କ ମାଟି। ଯେଉଁ ମାଟିରୁ ନାରୀ ସଶକ୍ତୀକରଣର ଯୁଗ ଆରମ୍ଭ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ଓ ରାଜନଗରର ନଳିନୀକାନ୍ତ ମହାନ୍ତି ଦୀର୍ଘ ସମୟ ଧରି ଏହି ମାଟିରୁ ପ୍ରତିନିଧିତ୍ୱ କରିଥିଲେ। ସେହି ମାଟିର ବିଧାୟକ ସାହୁଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ, ସ୍ପୃହଣୀୟ ଓ କ୍ଷମଣୀୟ ନୁହେଁ ବୋଲି କହିଛନ୍ତି। ବିଧାୟକ କ୍ଷମା ମାଗିବା ପରିବର୍ତ୍ତେ ଏହାକୁ ରାଜନୀତିକରଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଜେଡି ପକ୍ଷରୁ ନଳିନୀବାବୁ ତାଙ୍କ ଭାଷଣରେ ୧୫୧୨ ଲାଇନ କହୁଥିଲେ ବୋଲି ଯାହା କୁହାଯାଇଛି, ତାହା ହେଲା ରାଜନଗରକୁ ୧୫୧୨ ନାମକ ବସ୍ ଚାଲୁଥିଲା। ଆମ ଅଞ୍ଚଳକୁ ଅନ୍ୟ ଅଞ୍ଚଳ ଲୋକେ ୧୫୧୨ ଆଖ୍ୟା ଦେଉଥିଲେ। ମନ୍ତ୍ରୀ ପଦ ପାଇବା ପରେ ଦୁର୍ଗାମଣ୍ଡପ ନିକଟରେ ଶପଥ କରି ଅଞ୍ଚଳବାସୀଙ୍କୁ ଯେଉଁମାନେ ୧୫୧୨ କହୁଥିଲେ, ଆଉ କହିବେନି। ଏଠାକୁ ସରକାରୀ ବସ୍ ଚାଲିବ କହି କେରେଡାଗଡ଼ ଜଗନ୍ନାଥ ଧାମରୁ ପୁରୀ ଯାଏ ବସ୍ ଚଳାଇ ଥିଲେ। ୧୯୯୦ରେ ବର୍ତ୍ତମାନର ବିଧାୟକ ପରିବେଶ ସୁରକ୍ଷା ମଞ୍ଚ ନାଁରେ ରାଜନୀତିକୁ ଆସିଥିଲେ। ସେ ସମୟରେ ସେ ନଳିନୀବାବୁଙ୍କ ଅନ୍ଧ ସ୍ତାବକ ଥିଲେ। ରାଜନଗରର ହଂସୁଆ ସେତୁ, ଖୋଲା ଓ ହଂସିଣା ସେତୁ ନଳିନୀବାବୁଙ୍କ ଅବଦାନ। ରାଜନଗରରେ ତହସିଲ, ସବ୍‌ରେଜିଷ୍ଟ୍ରି, ଟ୍ରେଜେରୀ, ଆଇସିଡିଏସ୍, ଡିଏଫ୍‌ଓ କାର୍ଯ୍ୟାଳୟ ଓ ସମସ୍ତ ମହାବିଦ୍ୟାଳୟ ନଳିନୀବାବୁ ପ୍ରତିଷ୍ଠା କରିଥିଲେ। ରାଜନଗରର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଓ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା, ଜଳସେଚନ ପାଇଁ କ୍ରିକ୍ ଏବଂ ବ୍ୟାଙ୍କ ନିର୍ମାଣ ପଛରେ ନଳିନୀବାବୁଙ୍କ ସ୍ୱାକ୍ଷର ରହିଛି। ସେତେବେଳେ ରାଜନଗରର ଭିତ୍ତିଭୂମି ନଳିନୀବାବୁଙ୍କ ସମୟରେ ହୋଇଥିଲା। ଆଜି କିଏ ପିଚୁ କରିଛି ବୋଲି ପିସିସି ସଭ୍ୟ ମହାନ୍ତି କହିଛନ୍ତି। ରାଜନଗର ବିକାଶର ଇତିହାସ ନଳିନୀବାବୁଙ୍କୁ ବାଦ୍ ଦେଇ ଲେଖାଯାଇପାରିବ ନାହିଁ। ବିକାଶ ସରକାରଙ୍କ ନିରନ୍ତର ପ୍ରକ୍ରିୟା। ବିଧାୟକଙ୍କ ନିଷ୍ଠା ଓ ଚେଷ୍ଟା ଉପରେ ଅଞ୍ଚଳର ବିକାଶ ହୋଇଥାଏ ବୋଲି କଂଗ୍ରେସ ପକ୍ଷରୁ ଜବାବ ଦିଆଯାଇଛି। ଏଥିସହ ବାସ୍ତବତା ନ ଜାଣି ପଦ ପଦବୀର ଅପମର୍ଯ୍ୟାଦା କରି ବ୍ଲକ ବିଜେଡି ସଭାପତି ପ୍ରେସ୍ ବିବୃତିରୁ ନିବୃତ ରୁହନ୍ତୁ ବୋଲି ମହାନ୍ତି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

## ରାଜନଗର ବିକାଶର ହଂସୁଆ ସେତୁ ନଳିନୀ ନୁହେଁ, ବସନ୍ତଙ୍କ ଅବଦାନ

ବିଜେଡି ପକ୍ଷରୁ ପ୍ରେସ୍ ବିବୃତିରେ ବ୍ଲକ କଂଗ୍ରେସ ଖବରଦାତା ସମ୍ମିଳନୀରେ ଯେଉଁ ଉଦ୍ଭଟ ଓ କପୋଳକଳ୍ପିତ ବିକାଶର କଥା କୁହାଗଲା ତାହାର ସ୍ପଷ୍ଟ ଚିତ୍ର ଦେଉଛି। ତତ୍‌କାଳୀନ ମନ୍ତ୍ରୀ ବସନ୍ତ ବିଶ୍ୱାଳ ରାଜନଗରରେ ହଂସୁଆ ସେତୁର ଶିଳାନ୍ୟାସ କରି ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ସେତେବେଳର ବିଧାୟକ ନଳିନୀ ବାବୁ ଓ ତାଙ୍କର ସହକର୍ମୀମାନେ ଥଟ୍ଟାକରି ବିଭିନ୍ନ ସଭା ସମିତିରେ ନକଲମ ପୋଲ ହେବ ଏବଂ 'ନଈରେ ଭାସୁଛି ସୋଲ, ବସନ୍ତ ବିଶ୍ୱାଳ କରିବ ପୋଲ' କହି ଥଟ୍ଟା ପରିହସ କରିଥିଲେ। ଉଦ୍‌ଘାଟନ କରିଦେଲେ ବୋଲି କ'ଣ ପୋଲ ସେ କରିଦେଲେ। ରାଜନଗରକୁ ଚିର ଅବହେଳିତ କରି ରଖିବାକୁ ରାଜନଗରରେ ପୋଲ କରିବାକୁ ଚାହୁଁ ନ ଥିଲେ, ତତ୍କାଳୀନ ନେତୃତ୍ୱ। ବର୍ତ୍ତମାନର ବିଧାୟକ ସାହୁଙ୍କ ପାଇ ୩୨ନଂ ଜୋନରେ ହଂସିଣା ଓ ଖୋଲା ପୋଲ ନିର୍ମାଣ ହୋଇଛି। ୨୦୦୦ରେ ମୁଖ୍ୟମନ୍ତ୍ରୀ ତତ୍‌କାଳୀନ ମନ୍ତ୍ରୀ ନଳିନୀବାବୁଙ୍କୁ ଦୁର୍ନୀତି ଅଭିଯୋଗରେ ମନ୍ତ୍ରୀ ମଣ୍ଡଳରୁ ବିତାଡିତ କରିଥିଲେ। ସେତେବେଳକୁ ନଳିନୀ ବାବୁ ୨ଟି ଟର୍ମରେ ୭ବର୍ଷ ପୂର୍ତ୍ତ ବିଭାଗର ମନ୍ତ୍ରୀ ରହି ସାରିଥିଲେ। ମାତ୍ର ୭ ବର୍ଷ ମଧରେ ବ୍ଲକରେ ମାତ୍ର ୮୦୦ ମିଟର ପିଚୁ ରାସ୍ତା କରିଥିଲେ। ଏହା କ'ଣ ତାଙ୍କ ବିକାଶ। ରାଜନଗରରେ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି ପ୍ରତିଷ୍ଠା ସ୍ଥାନୀୟ ସାମାଜିକ କର୍ମୀ ଲକ୍ଷ୍ମୀଧର ଲେଙ୍କାଙ୍କ ଅବଦାନକୁ କେହି ଭୁଲିଯିବା ଉଚିତ୍ ନୁହେଁ। ଅଂଶୁମାନ ମହାନ୍ତି ୫ ବର୍ଷ ବିଧାୟକ ଥିବା ସମୟରେ ଥରୁଟିଏ ମଧ ପଞ୍ଚାୟତ ସମିତି ବୈଠକକୁ ଆସିନାହାନ୍ତି। ବିରୋଧୀ ଦଳର ବିଧାୟକ ଭାବେ ରାଜନଗରର କେଉଁ ଗୋଟିଏ ସମସ୍ୟାକୁ ନେଇ ସେ ରାଜରାସ୍ତାକୁ ଓହ୍ଲାଇ ଥିଲେ, କହିପାରିବେ ବୋଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ବିଜେଡିର ୨୩ବର୍ଷର ଶାସନ ସମୟରେ ରାଜନଗର ନିର୍ବାଚନମଣ୍ଡଳୀର ସବୁ ରାସ୍ତା ଚକାଚକ୍ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ରୀର୍ବାଦ ଓ ବିଧାୟକଙ୍କ ନେତୃତ୍ୱରେ ରାଜନଗରର ବିକାଶ ଶିଖରରେ ପହଞ୍ଚିଛି ବୋଲି ବ୍ଲକ ବିଜେଡି ସଭାପତି ପ୍ରତିହାରୀ କହିଛନ୍ତି।

## ସଂକ୍ଷେପରେ

### ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ପାରଳାଖେମୁଣ୍ଡି, ୧୬।୩ (ଡି.ଏନ୍.ଏ.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ହାଟପଦା ଛକ ନିକଟସ୍ଥ ସମୁଡିଆ ସାହିଠାରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି । ତାଙ୍କ ନାମ ଜ୍ୟୋତି ସାହୁ। ତାଙ୍କ ଝୁଲନ୍ତା ମୃତଦେହ ନିଜ ଘରୁ ଜବତ କରାଯାଇଛି। ମୃତ ଜ୍ୟୋତିଙ୍କ ସ୍ୱାମୀ ସନ୍ତୋଷ ସାହୁ ରେଳ ବିଭାଗରେ କାର୍ଯ୍ୟ କରନ୍ତି । ତାଙ୍କର ବୁଧବାର ରାତି ଡ୍ୟୁଟି ଥିବାରୁ ସେ କର୍ମସ୍ଥଳକୁ ଚାଲିଯାଇଥିଲେ। ଗୁରୁବାର ସକାଳେ ବାସଭବନରେ ପହଞ୍ଚିବା ପରେ ଜ୍ୟୋତି ତଳ ମହଲାରେ ନ ଥିବା ଦେଖିବାକୁ ପାଇଥିଲେ। ଉପର ମହଲାକୁ ଯାଇ କବାଟ ବାଡେଇଥିଲେ ମଧ୍ୟ ଜ୍ୟୋତି କବାଟ ଖୋଲି ନ ଥିଲେ। ଏହାପରେ ସେ କିଛି ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ କବାଟ ଭାଙ୍ଗି ଭିତରକୁ ପଶି ଜ୍ୟୋତି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିବା ବେଳେ ପୋଲିସ ପହଞ୍ଚିଥିଲା। ଜ୍ୟୋତିଙ୍କ ବାପଘର ରାଉରକେଲା ହୋଇଥିବାରୁ ସେମାନେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

### ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଭାଜପା ନେତାଙ୍କ ସମର୍ଥନ

କବିସୂର୍ଯ୍ୟନଗର, ୧୬।୩(ଡି.ଏନ.ଏ.) ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରାକୁ କବିସୂର୍ଯ୍ୟନଗର ଡ୍ରାଇଭର ସଂଘର ସମର୍ଥନ ଦେଖିବାକୁ ମିଳିଛି। ଗୁରୁବାର ସହର ପ୍ରବେଶ ପଥରେ ସଂଘ ଡ୍ରାଇଭରମାନେ ପିକେଟିଂ କରିଥିଲେ। ଗୁରୁବାର ଦ୍ୱିତୀୟ ଦିନରେ ଭାଜପା ନେତା ଶ୍ୱେତ ଦୋରା ସାମିଲ ହୋଇ ସମର୍ଥନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶୀଘ୍ର ଡ୍ରାଇଭରଙ୍କ ନାଯ୍ୟ ଦାବି ପୂରଣ କରିବାକୁ ଦାବି କରିଥିଲେ।

### ସ୍ୱଚ୍ଛ ଭାରତ ଅଭିଯାନ ବୈଠକ

କାଶୀନଗର, ୧୬।୩–କାଶୀନଗର ବିଡିଓଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲା ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ତରଫରୁ ବ୍ଲକ ସଭା ଗୃହରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାଇଆମ୍ମା, ବ୍ଲକ ଉପାଧ୍ୟକ୍ଷା ଏସ୍. କଲ୍ୟାଣୀ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣାଙ୍କ ସହ ଗଜପତି ଜିଲା ପରିମଳ ବିଭାଗ ଅଧିକାରୀ ଜି. ସୁନୀଲ ବାବୁ ଯୋଗଦେଇ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ପଞ୍ଚାୟତସ୍ତରରୁ ଏହି ଅଭିଯାନକୁ ଅଧିକରୁ ଅଧିକ କ୍ରିୟାଶୀଳ କରି ସଫଳ କରିବା ପାଇଁ ସଂକଳ୍ପ କରିବାକୁ କହିଥିଲେ। ପଞ୍ଚାୟତ ମଧ୍ୟରେ ଥିବା ପ୍ରତ୍ୟେକ ଗ୍ରାମ ତାର ବାହ୍ୟ ମଳ ମୁକ୍ତ ବଳବତ୍ତର ରଖିବା ସହ କଠିନ ଓ ତରଳ ବର୍ଜ୍ୟବସ୍ତୁ ସୁପରିଚାଳନା କରିପାରିଲେ ସେହି ଗ୍ରାମଗୁଡିକୁ ବାହ୍ୟମଳ ମୁକ୍ତ ଗ୍ରାମ କୁହାଯିବ ବୋଲି ବକ୍ତବ୍ୟ ରଖିଥିଲେ। ଶିଆଳି ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ପଞ୍ଚାୟତ ଗୁଡିକରେ ଆଗରୁ ସ୍ୱଚ୍ଛତା ପାଇଁ କରିଥିବା କାମର ବିଲ୍ ହୋଇନଥିବା ଏବଂ ସୌରଚାଳିତ ଦ୍ୱାରା ପରିଚାଳିତ ହେଉଥିବା ପାନୀୟ ଜଳ ପ୍ରକଳ୍ପଗୁଡିକ କାମ କରୁନଥିବା ଅଭିଯୋଗ ଆଣିଥିଲେ।

# ପ୍ଲାଷ୍ଟିକ୍, ପଲିଥିନ ଖାଇ ଗୋରୁ ମୃତ

**ଦାରିଙ୍ଗବାଡି, ୧୬।୩(ଡି.ଏନ୍.ଏ.)** କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଇକୋ ରିଟ୍ରିଟ ଚଳିତ ମାର୍ଚ୍ଚ ପହିଲାରେ ଶେଷ ହୋଇଛି। ଡିସେମ୍ବର ପହିଲାରୁ ଆରମ୍ଭ ହୋଇଥିବା ଏହି ରିଟ୍ରିଟ ୩ ମାସ ଧରି ଚାଲିଥିଲା। ତେବେ ଏହି ଇକୋ ରିଟ୍ରିଟରୁ ପ୍ରତିଦିନ ବାହାରୁଥିବା ପଲିଥିନ, ପ୍ଲାଷ୍ଟିକ ଖାଇ ଏକାଧିକ ଗୋରୁଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ୩ ମାସ ମଧ୍ୟରେ ଏକାଧିକ ଗୋରୁଙ୍କ ମୃତ୍ୟୁ ଘଟି ସେମାନଙ୍କ କଙ୍କାଳଗୁଡିକ ଏଣେତେଣେ ପଡିଥିବା ଦେଖିବାକୁ ମିଳିଛି। ସେଥିମଧ୍ୟରୁ ୩ଟି ଗୋରୁଙ୍କ ବ୍ୟବଚ୍ଛେଦ କରାଯାଇଛି। ସମସ୍ତଙ୍କ ପେଟରୁ ଗଦାଗଦା ପଲିଥିନ, ପ୍ଲାଷ୍ଟିକ ବାହାରିଥିବା ବେଳେ ଫୁଡ୍ ପଏଜନ୍ ହୋଇ ମୃତ୍ୟୁ ଘଟିଥିବା ଦାରିଙ୍ଗବାଡି ଗୋଷ୍ଠୀ ପ୍ରାଣୀଧନ ଡାକ୍ତର ଦୀପକ କୁମାର ପ୍ରଧାନ କହିଛନ୍ତି। ଆହୁରି କିଛି ଗୋରୁଙ୍କୁ ଚିକିତ୍ସା କରାଯାଇଛି ଏବଂ ଘଟଣାର ତଦନ୍ତ କରାଯାଉଥିବା ପ୍ରଧାନ କହିଛନ୍ତି। ତହସିଲଦାର ଡ. ଅଶୋକ କୁମାର ଦାସ ଘଟଣାସ୍ଥଳ ବୁଲି ଦେଖିବା ସହ ଇକୋ ରିଟ୍ରିଟରୁ ବାହାରିଥିବା ବର୍ଜ୍ୟବସ୍ତୁକୁ ଶୀଘ୍ର ପୋତିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଏନେଇ ସାରିଙ୍ଗିପିରେ ବସବାସ କରୁଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଚାଷୀଙ୍କ ଗୋରୁଗୁଡିକ ଏଭଳି ଇକୋ ରିଟ୍ରିଟର ବର୍ଜ୍ୟବସ୍ତୁ ଖାଇ ମୃତ୍ୟୁବରଣ କରିଥିବାରୁ ଚାପା ଉତ୍ତେଜନା ଦେଖାଯିବା ସହ ପ୍ରଶାସନର ଏଭଳି ଦାୟିତ୍ୱହୀନତା କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏନେଇ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ନିକଟରେ ସମସ୍ତ ଘଟଣା ଜଣାଇଥିବା ଗ୍ରାମବାସୀ କହିଛନ୍ତି। ଏଭଳି ୨୦୨୨ରେ ମଧ୍ୟ ଇକୋ ରିଟ୍ରିଟ ଯୋଗୁଁ ଏକାଧିକ ଗୋରୁ ପ୍ଲାଷ୍ଟିକ ଖାଇ ମୃତ୍ୟୁବରଣ କରିଥିଲେ ବୋଲି ଅଭିଯୋଗ ହୋଇଛି।


ମୃତ ଗୋରୁ

■ଇକୋ ରିଟ୍ରିଟ୍‌ର ପ୍ରଭାବ
■ପେଟରୁ ବାହାରିଲା ପଲିଥିନ

# ୧୨ ଜଣ ଋଣି ଥାନାରେ ଅଭିଯୋଗ କଲେ

**ନକଲି ସୁନା ବନ୍ଧକ ରଖି ଋଣ ଟଙ୍କା ଆତ୍ମସାତ୍ ଘଟଣା**

**ନୟାଗଡ଼ ଅଫିସ, ୧୬।୩:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶିଖରପୁର କାନରା ବ୍ୟାଙ୍କରେ ନକଲି ସୁନା ବନ୍ଧକ ରଖି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଛି। ଏହି ଘଟଣାରେ ବ୍ୟାଙ୍କରେ ନିୟୋଜିତ ହୋଇଥିବା ବଣିଆ ଫେରାର ହୋଇଯିବା ଘଟଣାରେ ଋଣିମାନେ ତଦନ୍ତ ପାଇଁ ଶରଣକୁଳ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଘଟଣାର ତଦନ୍ତ କରାଯିବ ବୋଲି ଆଇଆଇସି ଜୟଦୀପ ମହାନ୍ତି କହିଛନ୍ତି। ଆଇଆଇସିଙ୍କ ସୂଚନା ଅନୁସାରେ ବ୍ୟାଙ୍କ ପକ୍ଷରୁ ଏଯାବତ ଋଣ ଜାଲିଆତି ନେଇ ଅଭିଯୋଗ ହୋଇନି। ତେବେ ବଣିଆ କେତେଜଣ ଲୋକଙ୍କ ନାମରେ ସୁନା ବନ୍ଧକ ରଖି ଟଙ୍କା ନେଇଥିବା ଅଭିଯୋଗ ହୋଇଛି ବୋଲି କହିଛନ୍ତି।

ସୂଚନା ଅନୁସାରେ କାନାରା ବ୍ୟାଙ୍କ ତରଫରୁ ନିୟୋଜିତ ଶରଣକୁଳ ଅଞ୍ଚଳର ବଣିଆ ୨ବର୍ଷ ଭିତରେ ୨୧ ଜଣଙ୍କ ନାମରେ ସୁନା ବନ୍ଧକ ପକାଇ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଚଳିତ ବର୍ଷ ବ୍ୟାଙ୍କର ଅଡିଟ୍ ଆରମ୍ଭ ହୋଇଛି। ଅଡିଟ୍‌ରେ ବନ୍ଧକ ସୁନା ଅଳଙ୍କାର ପରୀକ୍ଷା ଅନ୍ୟ ଜଣେ ବଣିଆଙ୍କ ଦ୍ୱାରା କରାଯାଇଥିଲା। ପରୀକ୍ଷାରୁ କେତେଜଣ ଋଣିଙ୍କ ସୁନା ନକଲି ବୋଲି ଜଣାପଡିଥିଲା। ଏଥିରେ ବ୍ୟାଙ୍କର ବଣିଆ ସନ୍ଦେହ ଘେରକୁ ଆସିଥିଲେ। ବଣିଆ ମଧ୍ୟ ନିଜର ଦୋଷ ସ୍ୱୀକାର କରି ଧିରେ ଧିରେ ଟଙ୍କା ପରିଶୋଧ କରିବାକୁ କହିଥିଲେ। ତେବେ ଠକେଇ ସଂଖ୍ୟା ୨୧ରେ ପହଞ୍ଚିଥିଲା। ବଣିଆଙ୍କ ଠକେଇ ଜଣାପଡିବା ପରେ ଠକେଇର ଶିକାର ହୋଇଥିବା ଋଣିମାନେ ଉତ୍ତ୍ୟକ୍ତ ହୋଇଥିଲେ। ଯଦିଓ ଋଣୀମାନେ ଟଙ୍କା ଉଠାଣ କରିଛନ୍ତି ତେବେ ବଣିଆ ନିଜର ଅସୁବିଧା ଦେଖାଇ ଋଣ ଟଙ୍କା ନେଇ ଯାଇଛି। ଏଭଳି ସ୍ଥଳେ ବଣିଆକୁ ବଡଗୋରଡା ଗାଁ କୋଠଘରେ ଅଟକ ରଖା ଯାଇ କିଛି ଋଣୀ ପଚରାଉଚୁରା କରିଥିଲେ। ବଣିଆ ଋଣ ଟଙ୍କା ପରିଶୋଧ କରିବାର ପ୍ରତିଶ୍ରୁତି ଦେଇ ଖସି ଆସି ୨୦ ଲକ୍ଷ ଟଙ୍କାର ଏକ ଷ୍ଟେଟ୍ ବ୍ୟାଙ୍କର ଚେକ୍ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଦେଇଥିଲେ। ତେବେ ବଣିଆଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାପଡିଛି। ଅପରପକ୍ଷେ ବଣିଆ ଗତ ରବିବାରଠାରୁ ଫେରାର ଅଛନ୍ତି। ଏନେଇ ଶାଖା ପରିଚାଳକ ରୋଜାଲିନ ପୃଷ୍ଟି କୁହନ୍ତି, ବ୍ୟାଙ୍କ ଦ୍ୱାରା ନିୟୋଜିତ ବଣିଆ ୨୧ଜଣ ଲୋକଙ୍କ ନାଁରେ ନକଲି ସୁନା ବନ୍ଧକ ରଖି ପ୍ରାୟ ୧କୋଟି ଠକେଇ କରିଥିବା ଜଣାପଡିଛି। ଅଡିଟ୍‌ରେ ଏହା ଧରାପଡିଛି। ଅଡିଟ୍ ଶେଷ ପରେ ଜାଲିଆତିର ପ୍ରକୃତ ସ୍ଥିତି ଜଣାପଡିବ। ଏନେଇ ରିଜିଓନାଲ ମ୍ୟାନେଜରଙ୍କୁ ଅବଗତ କରାଯାଇଛି। ପ୍ରକୃତ ଜାଲିଆତି ଧରା ପଡିବା ପରେ ରିଜିଓନାଲ ମ୍ୟାନେଜର ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଅପହରଣ, ହତ୍ୟା ମାମଲା
# ୫ ଅଭିଯୁକ୍ତଙ୍କୁ ଜେଲ, ମାରଣାସ୍ତ୍ର ଜବତ

**ଚିକିଟି, ୧୬।୩(ଡି.ଏନ.ଏ.)** ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଜିତେନ୍ଦ୍ର ପ୍ରଧାନଙ୍କୁ ବୁଧବାର ଅପହରଣ ଓ ହତ୍ୟା ଉଦ୍ୟମ ମାମଲାରେ ଗୁରୁବାର କେ. ନୂଆଗାଁ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ଲାଲମେଣ୍ଟା ଗ୍ରାମର ୪ ଜଣ ଓ ଗୁମ୍ମା ବୀରସିଂହପୁର ଗ୍ରାମର ଜଣେ ବୋଲି ଜଣାପଡିଛି। ଏ ନେଇ ନଂ. ୧୧୨/୨୩ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିବା କେ.ନୂଆଗାଁ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଏହା ପ୍ରେମ ବ୍ୟାପାରକୁ ନେଇ ଘଟଣା ଘଟିଥିବା କୁହାଯାଇଛି।

ପ୍ରକାଶଯେ, ବୁଧବାର ରାତି ପ୍ରାୟ ୮ଟାରେ ଲକ୍ଷ୍ମୀପୁର ଗ୍ରାମର ଜିତେନ୍ଦ୍ର ପ୍ରଧାନ ଘରକୁ ଯାଇ ନିସ୍ତୁକମାଡ଼ ମାରି କାର (ନଂ ଓଆର୦୭ଇ୭୬୬୬) ତାଙ୍କୁ ଉଠାଇ ଦ୍ରୁତଗତିରେ ଚିକିଟି ପେଣ୍ଠ ଅଭିମୁଖେ ଆସୁଥିବା ବେଳେ ଜିତେନ୍ଦ୍ରଙ୍କ ଚିତ୍କାର ଶୁଣି ଚିକିଟି ଫାଣ୍ଡି ପୋଲିସ ଏବଂ ସ୍ଥାନୀୟ ଲୋକେ କାର ପିଛା କଲେ ସୁଦ୍ଧା କାବୁ କରି ନ ପାରି କେ.ନୂଆଗାଁ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ଜଣାଇଥିଲେ। ଥାନା ଅଧିକାରୀ କେ. ନୂଆଗାଁ ଛକରେ କାରକୁ ଅଟକାଇ ଅପହରଣ କରାଯାଇଥିବା ଯୁବକଙ୍କୁ ଉଦ୍ଧାର କରିବା ସହିତ ୫ ଅଭିଯୁକ୍ତଙ୍କୁ ଧରିଥିଲେ। ଏ ନେଇ ଗୁରୁବାର କେ. ନୂଆଗାଁ ଥାନାରେ ନଂ ୧୧୨/ ୨୩ ଅପହରଣ, ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତ ସହ ଜବତ କାର ।

### ଜାତୀୟ ରାଜପଥ କଡ଼ରୁ ମୃତଦେହ ଜବତ

**ଗୋପାଳପୁର, ୧୬।୩(ଡି.ଏନ.ଏ.)** ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧୀନ ରଣ୍ଟା –ଗୋଳନ୍ଥରା ଗ୍ରାମ ରାସ୍ତା ମଝି ଝିକାରୀ ନାଳ ନିକଟରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ରଣ୍ଟା–ଗୋଳନ୍ଥରା ଗ୍ରାମ ଜାତୀୟ ରାଜପଥ କଡ଼ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ି ରହିଥିଲା। ଲୋକେ ଦେଖିବା ପରେ ଗୋଳନ୍ଥରା ଥାନା ପୋଲିସକୁ ଖବର ଦେଇଥିଲେ। ଏସ୍‌ଆଇ ଜ୍ଞାନରଞ୍ଜନ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମୃତଦେହ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ. ୫/୨୩ ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ମୃତ ବ୍ୟକ୍ତି ଜଣକ ମାନସିକ ବିକୃତ ଥିବା ପୋଲିସ ସନ୍ଦେହ କରୁଥିବା ବେଳେ ତାଙ୍କ ବୟସ ୪୫ ହେବ ବୋଲି ଅନୁମାନ କରିଛି। ପରିଚୟ ମିଳୁନଥିବା ବେଳେ ୭୨ ଘଣ୍ଟା ପର୍ଯ୍ୟନ୍ତ ମୃତଦେହକୁ ମୃତଦେହ ସଂରକ୍ଷଣ ଗୃହରେ ରଖାଯିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ଶିକାରୀ ଗିରଫ ପରେ ସନ୍ଦେହ ବଢ଼ିଲା
# ୨ ହାତୀର ହାର୍ଟ, କିଡ୍‌ନୀ, ଲିଭର ପରୀକ୍ଷା ପାଇଁ ଗଲା

**ଭଞ୍ଜନଗର, ୧୬।୩(ଡି.ଏନ୍.ଏ.)** ତିନି ଦିନ ବ୍ୟବଧାନରେ ଦୁଇଟି ହାତୀ ମୃତ୍ୟୁବରଣ କରିବା ମାମଲାକୁ ନେଇ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀଙ୍କ ମୁଣ୍ଡ ବ୍ୟଥା ବଢ଼ିଯାଇଛି। ଗତ ସୋମବାର ମୁଜାଗଡ଼ ରେଞ୍ଜ ଝିଲିମିଲି ଘାଇ ନିକଟରେ ମୃତ୍ୟୁବରଣ କରିଥିବା ହାତୀଟି କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କରିଛି ତାହା ଆଜି ସୁଧା ସ୍ୱଷ୍ଟ ହୋଇପାରିନାହିଁ । ଏଭଳି ପରିସ୍ଥିତିରେ ଗୁରୁବାର ବନ ବିଭାଗ ପକ୍ଷରୁ ଜଣେ ପୁରୁଣା ଶିକାରୀଙ୍କୁ ବାରାହା ଶିକାର ପାଇଁ ତାର ବିଛାଇବା ଅଭିଯୋଗରେ ଗିରଫ କରାଯାଇଛି। ଗିରଫ ଶିକାରୀ ଜଣଙ୍କ ହେଲେ ବିଞ୍ଜିଗିରିର ପାଣ୍ଡୁ ପାତ୍ର । ପାଣ୍ଡୁ ବିଞ୍ଜିଗିରି ଅଞ୍ଚଳରେ ବାରାହା ଶିକାର ପାଇଁ ହୁକିଂ କରି ତାର ବିଛାଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ଝିଲିମିଲି ଜଳଭଣ୍ଡାର ନିକଟରେ ମୃତ୍ୟୁବରଣ କରିଥିବା ହାତୀଟି ବିଷକ୍ରିୟା ଯୋଗୁ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ପରୋକ୍ଷରେ ସୂଚନା ଦିଆଯାଇଥିଲା। କିନ୍ତୁ ଜଣେ ଶିକାରୀ ଗିରଫ ପରେ ବିଦ୍ୟୁତ୍ ଆଘାତରେ ହାତୀଟି ମୃତ୍ୟୁବରଣ କରିଥିବା ସନ୍ଦେହ ବଢ଼ିଯାଇଛି। ମୃତ୍ୟୁ ଦିନ ହାତୀର କାନରେ ଆଘାତ ଚିହ୍ନ ଥିଲା। ଉକ୍ତ ଆଘାତ ଚିହ୍ନ ବିଦ୍ୟୁତ୍ ଆଘାତ ଚିହ୍ନ ହୋଇଥିବା ବର୍ତ୍ତମାନ ଆଲୋଚନା ହେଉଛି। କିନ୍ତୁ ବନ ବିଭାଗ ପକ୍ଷରୁ ଏନେଇ କିଛି କୁହାଯାଉନାହିଁ। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ହାତୀ ମୃତ୍ୟୁସହ ଉକ୍ତ ଶିକାରୀଙ୍କ କୌଣସି ସମ୍ପର୍କ ନାହିଁ । ଅନ୍ୟ ଅଞ୍ଚଳରେ ଉକ୍ତ ଶିକାରୀ ଜଣଙ୍କ ହୁକିଂ କରି ଶିକାର କରୁଥିବା ସୂଚନା ମିଳିଥିଲା। ତେଣୁ ସମ୍ପୃକ୍ତ ଶିକାରୀଙ୍କୁ ଗିରଫ କରାଯାଇଛି । ଦ୍ୱିତୀୟ ହାତୀଟି ଏହି ରେଞ୍ଜର ତିଳିକି ସଂରକ୍ଷିତ ଜଙ୍ଗଲରେ ମୃତ୍ୟୁବରଣ କରିଥିଲା। ଯୁଗ୍ମ ଟାସ୍କ ଫୋର୍ସ ଦୁଇଦିନ ହେବ ଭଞ୍ଜନଗରରେ ରହି ଉଭୟ ହାତୀ ମୃତ୍ୟୁର ରହସ୍ୟ ଖୋଜୁଛନ୍ତି। ଅପରପକ୍ଷେ ଦୁଇ ହାତୀର ହାର୍ଟ, କିଡନୀ, ଲିଭର ପରୀକ୍ଷା ପାଇଁ ଗୁରୁବାର ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଛି । ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ।


ଜବତ ହାତୀ ଦାନ୍ତ ।

# ଧାନ ବସ୍ତା ରଖି ଚାଷୀଙ୍କ ରାସ୍ତା ଅବରୋଧ


ଚାଷୀଙ୍କ ରାସ୍ତା ଅବରୋଧ

**ମଣ୍ଡି ନେଉନି ଧାନ**

**ଗଞ୍ଜାମ, ୧୬।୩(ଡି.ଏନ.ଏ.)** ମଣ୍ଡି ନେଉନି ଧାନ। ଟୋକନ୍‌ର ଅବଧି ସରିଥିଲେ ମଧ୍ୟ ଧାନ ବିକ୍ରି କରି ପାରୁନି ଚାଷୀ। ଏନେଇ ଗୁରୁବାର ଓଡିଶା କୃଷକ ସଭା ପକ୍ଷରୁ ଚାଷୀର ଟୋକନ ଲାପ୍ସ ହେବା ଓ ଟୋକନ ଥାଇ ବର୍ତ୍ତମାନ ଚାଷୀଙ୍କର ଧାନ କ୍ରୟ ନ କରିବା ଦାବୀରେ ଖଣ୍ଡଦେଉଳି ସମିତିର ପ୍ରାୟ ୫୦୦ଶହରୁ ଊର୍ଦ୍ଧ୍ୱ ଚାଷୀ ଓଡିଶା କୃଷକ ସଭା ଜିଲା ସଭାପତି ତଥା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ହୁମା–ପୁରୁଷୋତ୍ତମପୁର ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ଦାବୀ ପୂରଣ ନିମନ୍ତେ ପ୍ରତିଶୃତି ଦେବା ପରେ ଅବରୋଧ ହଟିଥିଲା। ଆନ୍ଦୋଳନରେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ଜିଲା ସମ୍ପାଦକ ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ରାମଚନ୍ଦ୍ର ଗୌଡ଼, ଖଲି ସ୍ୱାଇଁ. ଲକ୍ଷ୍ମୀଚରଣ ସ୍ୱାଇଁ, ସୁଶାନ୍ତ ପ୍ରଧାନ, ସନ୍ତୋଷ ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ, ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲାପ୍ସ ହୋଇଥିବା ଟୋକନ ଚାଷୀଙ୍କ ଧାନ ପୁନଃ ନବୀକରଣ କରି ସମସ୍ତ ଚାଷୀଙ୍କ ଧାନକ୍ରୟ ନ କଲେ ପୁଣି ରାସ୍ତା ଅବରୋଧ କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ ସୂଚନା ମିଳିଛି।

### ବରିଷ୍ଠ ନାଗରିକ ସଂଘର ଆୟୁର୍ବେଦ ଚିକିତ୍ସା ଶିବିର

**ଫୁଲବାଣୀ ଅଫିସ, ୧୬।୩** କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ଏକ ଆୟୁର୍ବେଦ ଚିକିତ୍ସା ଶିବିର ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଡା. ଜଗଦୀଶ ଚନ୍ଦ୍ର ବେଜ୍ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଆଣ୍ଠୁ ଗଣ୍ଠି ଜନିତ ସମସ୍ୟା ନିରୁପଣ କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ ଆୟୋଜନ କରିବା ସହ ପରିଚାଳନା କରିଥିଲେ। ସଭାପତି କମଳାକାନ୍ତ ପାଣ୍ଡେ ଓ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରୋଦା କାଜୁ ଜଙ୍ଗଲରେ ନିଆଁ

**ଗଞ୍ଜାମ, ୧୬।୩(ଡି.ଏନ.ଏ.)** ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ବରୋଦା କାଜୁ ଜଙ୍ଗଲରେ ଗୁରୁବାର ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସରପଞ୍ଚ ମମତା ବେହେରା ଓ ସରପଞ୍ଚ ପ୍ରତିନିଧି ସୁଦାମ ବେହେରା କାଜୁ ଜଙ୍ଗଲ ପାଖରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଅବଗତ କରିବା ସହ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପଟେ ତହସିଲଦାର ଅରୁଣ କୁମାର ନାୟକଙ୍କ ପରାମର୍ଶକ୍ରମେ ମଲାଡ଼ ଆରଆଇ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ନିଆଁ କେମିତି ଲାଗିଲା ତଦନ୍ତ କରିଛନ୍ତି। ବର୍ତ୍ତମାନ ଅଗ୍ନିଶମ ବିଭାଗର ଦମକଳ କର୍ମଚାରୀମାନେ ନିଆଁ ଲିଭା କାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖାହେବା ସୁଦ୍ଧା ନିଆଁ ଜଳୁଥିବା ଦେଖିବାକୁ ମିଳିଛି।

# ହୋପ୍ ଟାଏକୋଣ୍ଡୋ ଏକାଡେମୀର କୃତିତ୍ୱ

**ଗଞ୍ଜାମ, ୧୬।୩(ଡି.ଏନ.ଏ.)** ଚଳିତ ମାସ ୧୧ ଓ ୧୨ ତାରିଖରେ ପୁରୀ ରେଲୱେ କଲ୍ୟାଣ ମଣ୍ଡପଠାରେ ଓଡିଶା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୩୪ତମ ଓଡିଶା ସବ୍–ଜୁନିଅର କ୍ୟୋରୁଗୀ ଓ ୬ ତମ ପୂମ୍‌ସାଇ ଚାମ୍ପିୟନଶିପ୍ ଅନୁଷ୍ଠିତ ହାଇଥିଲା। ଏଥିରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ୪୦୦ରୁ ଊର୍ଦ୍ଧ୍ୱ ୭ ବର୍ଷରୁ ୧୪ ବର୍ଷର ବାଳିକା ଓ ବାଳକ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ଗଞ୍ଜାମ ବ୍ଲକରୁ ହୋପ୍ ଟାଏକୋଣ୍ଡୋ ଏକାଡେମୀରୁ ୪ ଜଣ ପିଲା ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ସବ୍–ଜୁନିଅର ବର୍ଗରୁ ୪୧ କେଜି ମଧ୍ୟରେ ଶିବ ପ୍ରସାଦ ଜେନା ରୌପ୍ୟ ପଦକ ହାସଲ କରିଥିବା ବେଳେ କ୍ୟାଡେଟ ବର୍ଗରୁ ୪୫ କେଜିରେ ପ୍ରତୀକ ପାଳ କାଂସ୍ୟ ପଦକ ହାସଲ କରିଛନ୍ତି। ସୁଜଳ କୁମାର ବେହେରା ଓ ପ୍ରିୟାଂଶୁ ଦାସ ଉତ୍ତମ ପ୍ରଦର୍ଶନ କରିଥିଲେ। ଓଡିଶା ଟାଏକୋଣ୍ଡୋ ଆସୋସିଏଶନ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ କେ. ମନୋଜ ପ୍ରଧାନ ଓ ହୋପ ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷକ ପ୍ରସାଦ ନାୟକ ଶୁଭେଚ୍ଛା ଜଣାଇବା ସହିତ ଗଞ୍ଜାମ ବ୍ଲକ ପାଇଁ ଏହା ଏକ ଗୌରବର ବିଷୟ ବୋଲି କହିଛନ୍ତି।


କୃତୀ ପ୍ରତିଯୋଗୀ ।

# ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ଶୁଭାରମ୍ଭ

**ରମ୍ଭା, ୧୬।୩** ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ର ଶୁଭାରମ୍ଭ ହୋଇଛି। ସଂଗୀତା ବେହେରା, ସହଯୋଗୀ ତଥା ଫର୍ମାସିଷ୍ଟ ପ୍ରଶାନ୍ତ କୁମାର ବେହେରା, ସହକାରୀ କର୍ମୀ ଏସ. ସୁଧାଂଶୁ ଆଚାରୀଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର କର, ମୁଖ୍ୟବକ୍ତା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ବିଜୟ ଚନ୍ଦ୍ର ବିଶ୍ୱାଳ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, କାହ୍ନା ସ୍ୱାଇଁ, ନୀଳକଣ୍ଠ ତରେଇ, ଛତ୍ରପୁର ଜନ ଔଷଧୀ କେନ୍ଦ୍ରର ମାଲିକ ସଞ୍ଜୀବ ଦାଶ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ବେହେରା, ନାଗରଜ ତରେଇ, ଯୋଗଗୁରୁ ଅକ୍ଷୟ ସୁବୁଦ୍ଧି, ରବୀନ୍ଦ୍ର ବେହେରା, ମହାଦେବ ମଲ୍ଲିକ, ନିରଞ୍ଜନ ବେହେରା, ସୂର୍ଯ୍ୟବ୍ରତ ବେହେରା, ଜାନବି ବେହେରା, ସୂର୍ଯ୍ୟ ନାରାୟଣ ବେହେରା, ବୁଦ୍ଧିଜୀବୀ, ଶିକ୍ଷାବିତ, ରାଜନୀତିଜ୍ଞ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।


ଜନ ଔଷଧି କେନ୍ଦ୍ର ଶୁଭାରମ୍ଭ କରୁଛନ୍ତି ଅତିଥି ।

# କଂଗ୍ରେସ, ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ

**ଜଗତ୍‌ସିଂହପୁର ଅଫିସ, ୧୬।୩**

## ୫ କୋଟି ଟଙ୍କା ବକ୍ସ କଲଭର୍ଟ କାମରେ ଘୋଟାଲାର ଗନ୍ଧ ପ୍ରସଙ୍ଗ

- ବିଭାଗୀୟ ସମନ୍ୱୟ ନ ଥିବା ସ୍ୱୀକାର କଲେ ସରକାରୀ ମୁଖ୍ୟ ସଚେତକ
- ଚିଠି ସତ୍ତ୍ୱେ ୭ ଦିନ ମଧ୍ୟରେ ରିପୋର୍ଟ ଦେଲାନି ଜଳ ସମ୍ପଦ ବିଭାଗ

ଜଗତ୍‌ସିଂହପୁର ସହରର ବଙ୍ଗଳା ଛକ ନିକଟ ଜଳ ସମ୍ପଦ ବିଭାଗ ୧୦ନମ୍ବର ଡିଷ୍ଟ୍ରିବ୍ୟୁଟାରୀରେ ଏକ ବକ୍ସ କଲଭର୍ଟ ନିର୍ମାଣ ହୋଇଛି। ଏହା ପାର୍ଶ୍ୱ ଅର୍ଥାତ୍ ପୋଷ୍ଟ ଅଫିସ ଛକ ନିକଟରୁ ଏଲ୍ଆଇସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବକ୍ସ କଲଭର୍ଟର ସମ୍ପ୍ରସାରଣ କାମ ଚାଲିଛି। ଏଥିପାଇଁ ୩,୬୦,୬୮,୫୩୯ ଟଙ୍କା ବ୍ୟୟ ବରାଦ ହୋଇଛି। କିନ୍ତୁ ଏହି କାମରେ ଦୁର୍ନୀତି ହେଉଥିବାର ଗୁରୁତର ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗ ଓ ଜିଲା ପ୍ରଶାସନ ଚୁପ ରହିଛି। ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଭାଜପା ଓ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଲାଗି ଚେତାବନୀ ଦିଆଯାଇଛି।

ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି, କଲଭର୍ଟ ପାର୍ଶ୍ୱରେ ଏକ ଫଳକ ଲାଗିଛି। ଏଥିରେ ବ୍ୟୟ ଅଟକଳ କ'ଣ ହୋଇଛି ସେ ସମ୍ପର୍କରେ ପୂର୍ଣ୍ଣ ସୂଚନା ରହିବା କଥା। କଂକ୍ରିଟ, ଷ୍ଟିଲ (ରଡ୍), ଗୋଡ଼ି ଓ ସିମେଣ୍ଟ ଆଦିର ବ୍ରାଣ୍ଡ ଓ ଗ୍ରେଡ୍, ଏସବୁର ପରିମାଣ, କାନ୍ଥ ଓ ଛାତର ଲମ୍ବ ଏବଂ ପ୍ରସ୍ଥ, ମୋଟେଇ ସାଙ୍ଗକୁ ତଳ ବେଡ୍‌ର କଂକ୍ରିଟ ଭାଗମାପ, ରଡ ବାଇଣ୍ଡିଂ ଗ୍ୟାପ (ଦୂରତା) ଆଦି ଉପରେ ସୂଚନା ରହିବା ଉଚିତ। କିନ୍ତୁ ସେସବୁ କିଛି ଲେଖାନାହିଁ। ବିଭାଗ ଏସବୁ ସୂଚନାକୁ ଅନ୍ଧାରରେ ରଖିବା ପାଇଁ ଚେଷ୍ଟା କରୁଛି। ଅନ୍ୟପଟେ କେନାଲ ଉଭୟ ପାର୍ଶ୍ୱରେ ଥିବା ଜାତୀୟ ରାଜପଥ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଆଲୋଚନା କରା ନ ଯାଇ ମନଇଚ୍ଛା କାମ ଚାଲିଛି। ପାର୍ଶ୍ୱରେ ଥିବା ପଥର ମେଶିନ ସାହାଯ୍ୟରେ ତଡ଼ାଯାଇ ଶଯ୍ୟାରେ ବିଛା ଯାଉଛି। କେବଳ ଏତିକି ନୁହେଁ ବିଦ୍ୟୁତ ଓ ଟେଲିଫୋନ୍ ବିଭାଗ ସହ ମଧ୍ୟ ଆଲୋଚନା କରାଯାଇନାହିଁ। ମେଶିନ ମନଇଚ୍ଛା ତଡାତଡି କରି କେବୁଲ ଛିଣ୍ଡାଇ ଦେଇଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଲଗାଯାଇଥିବା ପାମ ଗଛ ପ୍ରତି ଧ୍ୟାନ ଦିଆଯାଉନାହିଁ । ସୁରକ୍ଷା ପାଇଁ ତା'ଚାରିପଟେ କରାଯାଇଥିବା ପିଣ୍ଡି ମଧ୍ୟ ଭାଙ୍ଗି ଦିଆଯାଇଛି । ମାତ୍ର ଏଥିପ୍ରତି ସରକାର ଆଖି ବୁଜି ଦେଇଛନ୍ତି । ଏହା ଉପରେ ଅନୁଧ୍ୟାନ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏଥିସହ ଠିକ୍ ଭାବେ କାମ ନ ହେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି। ସେହିପରି କଂଗ୍ରେସ ଜିଲା ସଭାପତି ନଟବର ବାରିକ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଲୋକଙ୍କୁ ଜାଣିଶୁଣି ଅନ୍ଧାରରେ ରଖାଯାଉଛି। କେନାଲ ପାର୍ଶ୍ୱରେ ପଥର ପ୍ୟାକିଂ ବେଳେ ବହୁ ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ତାଡି ଦିଆଯାଉଛି। ଯଦି ତାଡି ଦିଆଯାଉଛି ସେ ପଥର ବକ୍ସ କଲଭର୍ଟ ଚଟାଣରେ ବ୍ୟବହାର ହେବ ବୋଲି ବ୍ୟୟ ଅଟକଳରେ ଉଲ୍ଲେଖ କରାଯାଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ପାମ୍ ଗଛ ମୂଳ ତାଡି ଦିଆଯାଇଥିବାରୁ ସେଗୁଡିକ ମରିଯିବାର ଆଶଙ୍କା ରହିଛି । ଟେଲିଫୋନ ଲାଇନ ତାର ଛିଣ୍ଡାଇ ଦିଆ ଯାଇଥିବାରୁ ବହୁ ଲୋକେ ଇଣ୍ଟରନେଟ୍ ସହ ଟେଲିଫୋନ ସେବାରୁ ବଞ୍ଚିତ ହୋଇଛନ୍ତି । ବିଭାଗୀୟ ସମନ୍ୱୟ ରଖା ନ ଯିବା ସତେ ଯେପରି ଅନ୍ଧାରି ଶାସନ ଭଳି ଅନୁଭବ ହେଉଛି। ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏହି କାମ ଉପରେ ତଦନ୍ତ ସହ ଠିକ୍ ଭାବେ କାମ କରା ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ପଛାଇବ ନାହିଁ ବୋଲି ବାରିକ ଚେତାବନୀ ଦେଇଛନ୍ତି ।

ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମଧ୍ୟ ବିଭାଗୀୟ ମଧ୍ୟର ସମନ୍ୱୟ ନ ଥିବା କଥା ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ଜଳ ସମ୍ପଦ ବିଭାଗ ବକ୍ସ କଲଭର୍ଟ ନିର୍ମାଣ ପୂର୍ବରୁ ଅନ୍ୟ ବିଭାଗଗୁଡିକ ସହ ସମନ୍ୱୟ ବୈଠକ କରିବାର ଥିଲା । ଏହା ହୋଇନାହିଁ । ତେଣୁ ସମନ୍ୱୟ ବୈଠକ ପାଇଁ ସେ ପଦକ୍ଷେପ ନେବେ। କିନ୍ତୁ ସହରର ପ୍ରମୁଖ ସ୍ଥାନରେ କଲଭର୍ଟ କାମ ଚାଲିଥିବାରୁ ତ୍ରୁଟି ହେବା ସହଜ ନୁହେଁ । ଏପରି ହୋଇଥିଲେ ସୁଧାର ପାଇଁ ସେ ଜଳ ସମ୍ପଦ ବିଭାଗକୁ ପରାମର୍ଶ ଦେବେ ବୋଲି କହିଛନ୍ତି। ଅନ୍ୟପଟେ ଗତ ୨ ତାରିଖରେ ୫ କୋଟି ଟଙ୍କାର କାମରେ ଦୁର୍ନୀତିର ଗନ୍ଧ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ଚେଇଁ ଉଠିଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀଙ୍କୁ ପ୍ରକାଶିତ ଖବର ଉପରେ ୭ ଦିନ ମଧ୍ୟରେ ତଥ୍ୟଭିତ୍ତିକ ରିପୋର୍ଟ ଦେବାକୁ ଚିଠି କରିଥିଲେ। କିନ୍ତୁ ଏହା ଭିତରେ ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ଶତପଥୀ କୌଣସି ଉତ୍ତର ଦେଇ ନ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରତିକ୍ରିୟାରେ କହିଛନ୍ତି, ଏହି କଲଭର୍ଟ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଗତ୍‌ସିଂହପୁର ପୌର ପରିଷଦକୁ ୫ କୋଟି ଟଙ୍କା ଆସିଥିଲା। କିନ୍ତୁ ଏହି ଟଙ୍କା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦେଇ ଦେବାକୁ ନିର୍ଦ୍ଦେଶ ଥିବାରୁ ତାହା ଆକାଉଣ୍ଟ ଟ୍ରାନ୍ସଫର କରାଯାଇଥିଲା। ଜଳ ସମ୍ପଦ ବିଭାଗ କାମ କଲାବେଳେ ଅନ୍ତତଃ ପରିଷଦ ସହ ଆଲୋଚନା କରିବାର ଥିଲା। ନ କରିବାରୁ ପରିଷଦର ପ୍ରଭୁତ କ୍ଷତି ହେଲାଣି । ବିଦ୍ୟୁତ, ବିଏସ୍ଏନ୍ଏଲ୍, ଜାତୀୟ ରାଜପଥ ଆଦି ବିଭାଗ ପକ୍ଷରୁ ମଧ୍ୟ ସମନ୍ୱୟ ବୈଠକ କରା ନ ଯିବାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ନିଆଁ ଲାଗି ତେଜରାତି ଦୋକାନ ଜଳିଗଲା

**ରାଜକନିକା, ୧୬।୩ (ଡି.ଏନ୍.ଏ)**

ରାଜକନିକା ତହସିଲ ଅନ୍ତର୍ଗତ ଓଳାଭର ବଜାରର ଗୁରୁବାର ଅପରାହ୍ନରେ ଏକ ୨ ମହଲା ବିଶିଷ୍ଟ ତେଜରାତି ଦୋକାନରେ ନିଆଁ ଲାଗିଛି। ଖବରପାଇ ନିଆଁକୁ ଆୟତ କରିବାକୁ ୨ଟି ଦମକଳ ବାହିନୀ ଗାଡ଼ି ଓ ୧୬ଜଣ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିରେ ଦୋକାନରେ ଥିବା ସମସ୍ତ ତେଜରାତି ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ହେବ ବୋଲି ଦୋକାନ ଅମିତ ନାୟକ। ତେବେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ଅନୁମାନ କରିଛନ୍ତି। ତେବେ ସନ୍ଧ୍ୟାରେ ବଜାର ଅତ୍ୟଧିକ ଗହଳି ଥିବାରୁ ନିଆଁକୁ ଆୟତ୍ତ କରିବାକୁ ଅଗ୍ନିଶମ ବାହିନୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ନିଆଁ ଲାଗିଥିବା ଦୋକାନ ପାଖରେ ଲୁଗା ଦୋକାନ, ଭେରାଇଟ ଷ୍ଟୋର, ମୋବାଇଲ ଦୋକାନ, ପ୍ରସାଧନ ସାମଗ୍ରୀ ଦୋକାନ ରହିଛି। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀଙ୍କ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରାଯାଇଛି। ସମ୍ପୂର୍ଣ୍ଣ ଓଳାଭର ବଜାର ଏକ ବିରାଟ ଅଘଟଣରୁ ବର୍ତ୍ତି ଯାଇଥିବା ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି।


ପତ୍ର ସଂଖ୍ୟା 1769 ତା.15.03.2023

**ଦୈନିକ ସାପ୍ତାହିକ ବଜାର ନିଲାମ ନୋଟିସ**

**No.C-2652:** ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ଦୈନିକ ଓ ସାପ୍ତାହିକ ବଜାର ନିମନ୍ତେ ଚଳିତ ବର୍ଷ ୨୦୨୩-୨୦୨୪ ଆର୍ଥିକ ବର୍ଷର ୧ ଏପ୍ରିଲ, ୨୦୨୩ ମାସଠାରୁ ୩୧ ମାର୍ଚ୍ଚ, ୨୦୨୪ ପାଇଁ ଆସନ୍ତା ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୨୮.୦୩.୨୦୨୩ ପୂର୍ବାହ୍ନ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in) ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍,ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ । ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୧୫.୦୩.୨୦୨୩ରିଖଠାରୁ ତା.୨୬.୦୩.୨୦୨୩ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବା ସମୟ ତା.୨୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ ।

ସ୍ୱା./-ଆୟୁକ୍ତ,
ସମ୍ବଲପୁର ମହାନଗର ନିଗମ,
ସମ୍ବଲପୁର

OIPR-13122/11/0110/2223


# ନୈତିକ ସମର୍ଥନ ଦେଲେ ବିରୋଧୀ ଦଳ

**ବାଲିଆ, ୧୬।୩ (ସ୍ୱ.ପ୍ର.)**

## ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନର ଦ୍ୱିତୀୟ ଦିନ

ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଭାଜପା ପକ୍ଷରୁ ଏହି ଆନ୍ଦୋଳନକୁ ନୈତିକ ସମର୍ଥନ ଦିଆଯାଇଛି। ବିରିଡି ବ୍ଲକ ଚାନ୍ଦପୁର ବଟଛକ ନିକଟରେ ବ୍ଲକ ଓଡିଶା ଡ୍ରାଇଭର ମହାସଂଘର ମହାମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଲକ୍ଷ୍ମୀଧର ସାହୁ, ବିଶ୍ୱଜିତ ଭୋଇ, ସମ୍ପାଦକ ନରେଶ ସାମଲ, ଉପସଭାପତି ରିତ ମହାନ୍ତି, ଅରବିନ୍ଦ ବେହେରା, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ସହ ସମ୍ପାଦକ ଜଇନୁଲା ବେଦିନ୍ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଆନ୍ଦୋଳନସ୍ଥଳରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଭାଜପା ନେତା ରାଜ କିଶୋର ବେହେରା, ପୁରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସ, ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଦାଶ. ଯୁବନେତା ଟୁଟୁ ମଲ୍ଲିକ, ଶିଶିର ମହାନ୍ତି ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଳକମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରି ଫେରିଛନ୍ତି।



ଭାଜପା ନେତୃମଣ୍ଡଳୀ ଡ୍ରାଇଭର ମହାସଂଘ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

# ଚାଷୀ ହକ୍, ସରକାରଙ୍କୁ ଚେତାଇବାକୁ ଆନ୍ଦୋଳନ ହେବ

**ବାଲିଗୁଡା, ୧୬।୩ (ସ୍ୱ.ପ୍ର.)**

ବାଲିଗୁଡା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ମା'କରକେଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ସଭାପତି ଧର୍ମାନନ୍ଦ ଖଣ୍ଡୁଆଳ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷ ଦେବ ନନ୍ଦ ଯୋଗଦେଇ କହିଥିଲେ, ରାଜ୍ୟରେ କୃଷକ ଏକତା ରହିଲେ ପଡ଼ୋଶୀ ରାଜ୍ୟ ତେଲେଙ୍ଗାନା ପରି ବାର୍ଦ୍ଧକ୍ୟ ଭତ୍ତା ୨୫୦୦ ଓ ଚାଷୀ ସୁରକ୍ଷା ଭତ୍ତା ୫୦୦୦ଟଙ୍କା ଦେବାକୁ ରାଜ୍ୟ ସରକାର ବାଧ୍ୟ ହେବେ । ରାଜ୍ୟରେ ଚାଷୀଙ୍କ ଧାନକୁ ମଣ୍ଡିରେ କ୍ରୟ କରାଯାଉ ନାହିଁ। ଏସବୁ ଧାନ ମଣ୍ଡିରେ ପଡ଼ି ନଷ୍ଟ ହେଉଛି। ଆଗାମୀ ଦିନରେ ଚାଷୀଙ୍କ ହକ୍ ପାଇଁ ଓ ରାଜ୍ୟ ସରକାରଙ୍କୁ ଚେତାଇବା ପାଇଁ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନନ୍ଦ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ, ରାଜ୍ୟ ସଦସ୍ୟ ଦେବୀ ମହାରଣା, ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ଅଶୋକ ସ୍ୱାଇଁ, ଲିଙ୍ଗରାଜ ମହାନ୍ତି, ବିଭୁତି ପରିଡା, ବିଜୟ ପରିଡା, ମିଟୁ ଦାସ, ଗଙ୍ଗାଧର ଖଟୁଆ, ବ୍ରହ୍ମାନନ୍ଦ ମହାନ୍ତି, ବାବାଜୀ ଚରଣ ଜେନା, ରବୀନ୍ଦ୍ର ରାଉତ ଓ ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ କୃଷକଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରହିବ ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ଶପଥ ନେଇଥିଲେ।



ବୈଠକରେ ଯୋଗଦେଇଥିବା ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ।

## ନବ ନିର୍ମାଣ କୃଷକ ସଙ୍ଗଠନର ବୈଠକ


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-5148

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

**Tender Call Notice No.H.O./P&C/EST-E-1226/02/2016 7626, Dated 13.03.2023**

**NOTICE INVITING TENDER THROUGH e-Procurement-2nd**

Name of the Work: Construction of Internal Road and Drains in Proposed MSME Park (North) at Panchapada, Jharsuguda.
Estimated Cost: Rs.728.28 Lakhs (approx.)
Period of Completion: 05 (Five) Calendar Months
Pre-Bid meeting is to be conducted on dtd.24.03.2023 at 3.30 PM.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/ EST/E-165/ 2022-23 | 17.00 hours of 20.03.2023 | 17.00 hours of 04.04.2023 |

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

**Sd./-Chief General Manager (P&C)**
**IDCO, Bhubaneswar**
**OIPR-14003/11/0327/2223**


# ଧାନ ବିହନ ଉଦ୍ଭାବନ କରି ପ୍ରେରଣା ପାଲଟିଛନ୍ତି କ୍ଷେତ୍ରମୋହନ

**ରଘୁନାଥପୁର, ୧୬।୩ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ନୁଆଗଡ଼ ଗ୍ରାମର କ୍ଷେତ୍ରମୋହନ ବେହେରା ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସେ କୃଷିଭିତ୍ତିକ ସଂସ୍ଥା ଲାଲ (ଲିଭ ଆଣ୍ଡ ଲେଟ ଲିଭ) ପ୍ରତିଷ୍ଠା କରିବା ପରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଦେଶୀ ପ୍ରଜାତିର ଧାନ କେଣ୍ଡାକୁ ସିଲେକ୍ସନ ପ୍ରୋସେସରେ ପିଅର ଲାଇନ ମେଣ୍ଟେନ କରି ୭ ଜଣ ଚାଷୀ ୭ ପ୍ରକାର ଧାନ ବିହନ ଉଦ୍ଭାବନ କରିଛନ୍ତି। ରାଜ୍ୟର ୧୫ ଜିଲା ସମେତ ଛତିଶଗଡ଼ରେ ୨୫ ହଜାର ଚାଷୀ ଉକ୍ତ ଧାନ ବିହନକୁ ଚାଷ କରି ଉପକୃତ ହୋଇଛନ୍ତି। ଏହାଛଡ଼ା କ୍ଷେତ୍ରମୋହନଙ୍କ ଅନ୍ୟ ଏକ କୃତିତ୍ୱ ହେଉଛି ବିନା ମାଟିରେ ଘାସ ଚାଷ। ଏଭଳି ଚାଷ ଅଞ୍ଚଳରେ ଆଦୃତ ଲାଭ କରିଥିବାବେଳେ ଅନେକ ଗୋ ଚାଷୀ ତାଙ୍କରି ପ୍ରେରଣାରେ ଘରେ ଘାସ ଚାଷ କରି ସଫଳ ହୋଇଛନ୍ତି।

ଚାଷୀକୁଳରେ ଜନ୍ମଗ୍ରହଣ କରିଥିବା କ୍ଷେତ୍ରମୋହନ ଏପର୍ଯ୍ୟନ୍ତ ଆସିବା ପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ। ପିଲାଦିନେ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲା। ସେ ୧୯୮୬ରେ ବିଏ ଏଲଏଲବି ପାସ କରିଥିଲେ। ଏହାପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ବନବାସୀ କଲ୍ୟାଣ ଆଶ୍ରମରେ ସେବାବ୍ରତୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ ସେ ମାସିକ ୩୦୦ ଟଙ୍କାରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ମୋହିନିମୋହନ ମିଶ୍ରଙ୍କ ସଂସ୍ପର୍ଶରେ ଆସି ସ୍ୱେଚ୍ଛାସେବୀ ସଂସ୍ଥା ଲାଲ୍ ଗଠନ କରି ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୧୯୯୯ ମହାବାତ୍ୟା ପରେ ଜଗତ୍‌ସିଂହପୁର ଜିଲାରେ ଧାନ ବିହନ ଅଭାବ ପରିଲକ୍ଷିତ ହୋଇଥିଲା। ଉକ୍ତ ସମସ୍ୟାରୁ ମୁକୁଳିବା ପାଇଁ କ୍ଷେତ୍ରମୋହନ ନିଜର ବୁଦ୍ଧିବିଦ୍ୟା ଖଟାଇଥିଲେ। ରାଜ୍ୟ ବିହନ ନିଗମର ପୂର୍ବତନ ମୁଖ୍ୟ ଉତ୍ପାଦନ ଅଧିକାରୀ ହରିଶ୍ଚନ୍ଦ୍ର ଭୂୟାଁଙ୍କ ସହଯୋଗରେ ପ୍ରଥମେ ଏନ୍ଆରଆଇରୁ ବ୍ରିଡ୍ ସିଡସ ଆଣି ନିଜ ଅଞ୍ଚଳର ୪ ପଞ୍ଚାୟତର ୪୪୦ ଜଣ ଚାଷୀ ଭାଇଙ୍କୁ ନେଇ ୪ ଶହ ଏକର ଜମିରେ ଚାଷ କରିଥିଲେ। ସେତେବେଳେ ବିହନ ସମସ୍ୟା ଦୂର କରିବା ପାଇଁ ରାଜ୍ୟ କୃଷି ବିଭାଗ ଚିନ୍ତାରେ ଥିବାବେଳେ ଚାଷୀଙ୍କୁ ନେଇ କ୍ଷେତ୍ରମୋହନ କରିଥିବା ପରିକଳ୍ପନା ସାକାର ରୂପ ନେଇଥିଲା। କ୍ଷେତ୍ରମୋହନଙ୍କ କାର୍ଯ୍ୟଦକ୍ଷତା ଦେଖି କୃଷିବିଭାଗ ବିହନ ଗ୍ରାମ ଜରିଆରେ ବିହନ ଉତ୍ପାଦନ ପାଇଁ ଖସଡ଼ା ପ୍ରସ୍ତୁତ କରିଥିଲା। କାପାର୍ଟ, ଏଏଚଭିଏସ୍, ନାବାର୍ଡ ଏବଂ ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟର ୭ ଜିଲାରେ ବିହନ ଗ୍ରାମ ଆରମ୍ଭ ହୋଇଥିଲା। ସେତେବେଳେ କ୍ଷେତ୍ରମୋହନଙ୍କ ପ୍ରଚେଷ୍ଟାରେ ୧୭ ଗ୍ରାମରେ ବିହନ ଉତ୍ପାଦନ ଶତ ପ୍ରତିଶତ ହୋଇଥିଲା। ପ୍ରାୟ୧୫୫୮ ଜଣ ଚାଷୀ ଏହି ବିହନ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କୁ ନେଇ ଗୋରେଖନାଥ କୃଷକ ମହାସଂଘ ଗଠନ କରାଯାଇଛି। ଏହାପରେ ବହୁ ଚାଷୀ ଏହି ଧାନ ବିହନକୁ ଚାଷ କରି ଉପକୃତ ହୋଇଛନ୍ତି। ଗତ ୨୦୦୮ରେ କ୍ଷେତ୍ରମୋହନ ଲାଲ ସଂସ୍ଥା ଜରିଆରେ ଦେଶୀ ପ୍ରଜାତି ଧାନକେଣ୍ଡାକୁ ସିଲେକ୍ସନ ପ୍ରୋସେସରେ ପିଅର ଲାଇନ ମେଣ୍ଟେନ କରି ଲାଲ କୁବେର ଧାନ ବିହନ ଉଦ୍ଭାବନ କରିବାକୁ ସକ୍ଷମ ହୋଇଥିଲେ। ଓୟୁଏଟି ମାଧ୍ୟମରେ ଭାରତ ସରକାରଙ୍କ ପ୍ଲାଣ୍ଟ ଭେରାଇଟି ରେଜେଷ୍ଟ୍ରି ବିଭାଗକୁ ଉକ୍ତ ବିହନର ନମୁନା ପଠାଯାଇଥିଲା। ଦୀର୍ଘ ୫ ବର୍ଷ କାଳ ବିଭିନ୍ନ ଗବେଷଣାଗାରରେ ଏହାର ପରୀକ୍ଷା ନିରୀକ୍ଷା କରାଯିବା ପରେ ଗତ ୨୦୨୨ ରେ ଲାଲ କୁବେର ଧାନ ବିହନକୁ ସରକାରୀ ସ୍ୱୀକୃତି ମିଳିଥିଲା। କ୍ଷେତ୍ରମୋହନ ଏହାକୁ ଉଦ୍ଭାବନ କରିଥିବାରୁ ତାଙ୍କୁ ପ୍ରମାଣ ମିଳିଥିଲା। ତାଙ୍କ ତତ୍ତ୍ୱାବଧାନରେ ଏପର୍ଯ୍ୟନ୍ତ ମୋଟ୍ ୭ ପ୍ରକାର ଧାନକୁ ସରକାରୀ ସ୍ୱୀକୃତି ମିଳିଛି। କ୍ଷେତ୍ରମୋହନଙ୍କ ଉଦ୍ୟମରେ ରାଜ୍ୟର ୧୧ ଜିଲା ୩୨ ବ୍ଲକରେ ଏବେ କୃଷକ ଉତ୍ପାଦକ ସଂଘମାନ ଗଢ଼ିଉଠିଛି। ସରକାରଙ୍କ ପକ୍ଷରୁ ଆଗ୍ରୋ କ୍ଷେତ୍ର ବ୍ରାଣ୍ଡରେ ଏମାନଙ୍କ ସାମଗ୍ରୀକୁ ବିପଣି ପାଇଁ ସୁବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ବହୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ହେବ ବୋଲି କ୍ଷେତ୍ରମୋହନ ପ୍ରକାଶ କରିଛନ୍ତି। ଚାକିରି ପରିବର୍ତ୍ତେ ଆଗାମୀ ଦିନରେ ମାଟି ମା'କୁ ଆୟୁଧ କରି କିପରି ଅଧିକରୁ ଅଧିକ ଯୁବତୀ ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ପ୍ରୟାସ ଜାରି ରହିଛି ବୋଲି କ୍ଷେତ୍ରମୋହନ ପ୍ରକାଶ କରିଛନ୍ତି।



କ୍ଷେତ୍ରମୋହନ ବେହେରା।


# FINAL SELECTION LIST OF JAIL WARDER - 2022

No.D-346

| CIRCLE | | | | | | | | | | | | |
|---|---|---|---|---|---|---|---|---|---|---|---|---|
| | UR (Male) | | | UR (Female) | ST (Male) | ST (Female) | SC (Male) | EXSM | SM | HG | | |
| BARIPADA | 2201008232 | 2201003705 | 2201010230 | 2201005824 | 2201001000 | 2201016630 | 2201011415 | 2201006324 | 2201013975 | 2201005672 | | |
| BARIPADA | 2201008004 | 2201014183 | 2201002599 | | 2201015876 | 2201016808 | 2201016058 | | | 2201012109 | | |
| BARIPADA | 2201008257 | 2201015524 | 2201003706 | | 2201012105 | 2201010284 | 2201008580 | | | | | |
| BARIPADA | 2201010461 | 2201013255 | 2201005515 | | | | 2201012711 | | | | | |
| BARIPADA | 2201005331 | 2201006067 | 2201006861 | | | | 2201007824 | | | | | |
| BARIPADA | 2201009339 | 2201015239 | 2201011304 | | | | 2201015138 | | | | | |
| BARIPADA | 2201006710 | 2201011710 | 2201001081 | | | | 2201009740 | | | | | |
| BARIPADA | 2201014060 | 2201014228 | 2201011677 | | | | 2201013909 | | | | | |
| BARIPADA | 2201010411 | 2201015627 | 2201000720 | | | | 2201000435 | | | | | |
| BARIPADA | 2201005219 | 2201005431 | 2201006058 | | | | | | | | | |
| BARIPADA | 2201008313 | 2201010245 | 2201008451 | | | | | | | | | |
| BARIPADA | 2201014919 | 2201015600 | 2201015184 | | | | | | | | | |
| BARIPADA | 2201006539 | 2201015820 | 2201000990 | | | | | | | | | |
| | UR (Male) | | | | | UR (Female) | ST (Male) | | ST (Female) | SC (Male) | | EXSM |
| BERHAMPUR | 2202031286 | 2202044838 | 2202024275 | 2202031517 | 2202022436 | 2202026529 | 2202038787 | 2202019240 | 2202018432 | 2202032100 | 2202031863 | 2202035469 |
| BERHAMPUR | 2202043427 | 2202032005 | 2202018988 | 2202031963 | 2202040118 | | 2202038788 | 2202037867 | 2202034760 | 2202037891 | 2202040210 | |
| BERHAMPUR | 2202044727 | 2202019882 | 2202022260 | 2202031464 | 2202040180 | | 2202023830 | 2202023211 | | 2202040199 | 2202040307 | SM |
| BERHAMPUR | 2202031947 | 2202031989 | 2202019791 | 2202031698 | 2202038086 | | 2202024727 | 2202037804 | | 2202040145 | 2202040109 | |
ଗତ ୩ ତାରିଖରେ ଜିଲା ଭାଜପା ସଭାପତି ଭୋଗରାଇ ମଣ୍ଡଳ ସଭାପତି ଆମଲେନ୍ଦୁ ଦାସ, ଦେହୁର୍ଦ୍ଦା ମଣ୍ଡଳ ସଭାପତି ଭବଶଙ୍କର ମହାନ୍ତି, କଖଡା ମଣ୍ଡଳ ସଭାପତି ସୁନୀଲ କର ଓ ଚନ୍ଦନେଶ୍ୱର ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ଜେନାଙ୍କୁ ସଭାପତି ପଦରୁ ପରିବର୍ତ୍ତନ କରାଯାଇଥିବା ନେଇ ଦଳୀୟ ପ୍ରେସ ଇସ୍ତାହାରରେ ପ୍ରକାଶ ପାଇବା ପରେ ଦଳରେ ବିଦ୍ରୋହ ସୃଷ୍ଟି ହୋଇଛି। ଭୋଗରାଇ ନିର୍ବାଚନ ମଣ୍ଡଳୀରେ ୨୦୧୭ ମସିହାଠାରୁ ଦଳରେ ଯୋଗଦେଇ ନେତୃତ୍ୱ ନେଉଥିବା ଅଂଶୁମାନ ମହାନ୍ତିଙ୍କ କାର୍ଯ୍ୟଶୈଳୀକୁ ଦଳର ବରିଷ୍ଠମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏପରିକି ଦୀର୍ଘ ୩୦ବର୍ଷରୁ ଯେଉଁମାନେ ସଙ୍ଗଠନକୁ ଦୃଢ଼ କରିବାକୁ ଯାଇ ଶାସକ ଦଳର ନିର୍ଯାତନାର ଶିକାର ହୋଇ ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ଭୋଗରାଇର ସମସ୍ତ ପଞ୍ଚାୟତ ଓ ଜିଲା ପରିଷଦ ଜୋନରେ ନେତୃତ୍ୱ ହଟାଅ ଦାବିରେ ବୈଠକ ଓ ସଭା କରାଯାଉଥିବାରୁ ଭାଜପାରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟ ଭାଜପା ନେତୃତ୍ୱ ଏହି ସମସ୍ୟାର ସମାଧାନ କରିବାକୁ ବରିଷ୍ଠମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ପଚାରିବାରୁ ଦଳୀୟ ବିଧି ବ୍ୟବସ୍ଥା ଅନୁଯାୟୀ ୪ ମଣ୍ଡଳ ସଭାପତିଙ୍କୁ ପରିବର୍ତ୍ତନ କରାଯାଇଛି। ଏହା ବ୍ୟତୀତ ସେମାନଙ୍କ କାର୍ଯ୍ୟକାଳ ୩ ବର୍ଷ ପୂରି ଯାଇଥିବାରୁ ନୂତନ ମଣ୍ଡଳ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

**ଆଦାନୀ ଦୁର୍ନୀତିର ଜେପିସି ତଦନ୍ତ ଦାବିକୁ ଅଣଦେଖା**

# ପାର୍ଲାମେଣ୍ଟରେ ବିରୋଧୀଙ୍କ ମାନବଶୃଙ୍ଖଳ

ନୂଆଦିଲ୍ଲୀ, ୧୬।୩

ଆଦାନୀ ଗ୍ରୁପ୍‌କୁ ନେଇ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଣାଯାଇଥିବା ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ଏବଂ କମ୍ପାନୀ ମୁଖ୍ୟ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କକୁ ନେଇ ତଦନ୍ତ ଦାବିରେ ବିରୋଧୀ ଏମ୍‌ପିମାନେ ଅଡ଼ିବସିଛନ୍ତି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଲଗାତର ଚତୁର୍ଥ ଦିନ ଅଚଳାବସ୍ଥା ଜାରି ରହିଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଉଭୟ ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଅଚଳାବସ୍ଥା ମଧ୍ୟରେ ବିରୋଧୀ ନେତାମାନେ ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ସଂସଦ ପରିସରରେ ମାନବଶୃଙ୍ଖଳ ଗଢ଼ିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକୁ ଅଣଦେଖା କରିବା ପାଇଁ ପାର୍ଲାମେଣ୍ଟ ଚଳାଇ ନ ଦେବାକୁ କେନ୍ଦ୍ର ଷଡ଼ଯନ୍ତ୍ର କରିଛି। ଏପରି କି ସେମାନେ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଚାହୁଁନାହାନ୍ତି। ପ୍ରଧାନମନ୍ତ୍ରୀ ବିଦେଶକୁ ଯାଇ ଅନେକ ଥର ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ସେ ପ୍ରଥମେ କ୍ଷମା ମାଗନ୍ତୁ। ରାହୁଲ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ଏହି ବିକ୍ଷୋଭରେ ଖାର୍ଗେଙ୍କ ସମେତ ଡିଏମ୍‌କେର ଟି.ଆର୍. ବାଲୁ, ଏଏପିର ସଞ୍ଜୟ ସିଂ, ବିଆର୍‌ଏସ୍ ନେତା କେଶବ ରାଓ, ଆର୍‌ଜେଡି ସଦସ୍ୟ ପ୍ରଫେସର ମନୋଜ ଝା, ସମାଜବାଦୀ ପାର୍ଟି ନେତା ରାମଗୋପାଳ ବର୍ମା, ସିପିଆଇର ବିନୟ ବିଶ୍ୱମ୍, ନ୍ୟାଶନାଲ କଂଗ୍ରେସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଶିବସେନା (ଉଦ୍ଧବ ଗୋଷ୍ଠୀ)ର ପ୍ରିୟଙ୍କା ଚତୁର୍ବେଦୀ, ରାଷ୍ଟ୍ରୀୟ ଲୋକ ଦଳ ମୁଖ୍ୟ ଜୟନ୍ତ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ। ଇତିମଧ୍ୟରେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ଦିଲ୍ଲୀ କଂଗ୍ରେସ ପକ୍ଷରୁ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଭାରତୀୟ ଗଣତନ୍ତ୍ର ବିରୋଧରେ ମତ ଦେଇ ବିଦେଶୀ ଶକ୍ତିଙ୍କୁ ନିମନ୍ତ୍ରଣ କରିଥିବା ଅଭିଯୋଗ ଆଣି ଶାସକ ଦଳ ସଦସ୍ୟମାନେ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ରାହୁଲଙ୍କ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରର ସଫଳତା ବା ବିଫଳତାର ମାପକାଠି ନୁହେଁ। ବିଦେଶ ମାଟିରେ ଭାରତକୁ ନ୍ୟୂନ ଦର୍ଶାଇବା ତାଙ୍କର ଏକ ଅଭ୍ୟାସ ହୋଇଗଲାଣି।




ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକରି ଗୁରୁବାର ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ରାମଗୋପାଳ ଯାଦବ, ଡିଏମ୍‌କେର ଟିଆର୍ ବାଲୁ, ଏନ୍‌ସି ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା ପ୍ରମୁଖ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ମାନବ ଶୃଙ୍ଖଳ କରିଛନ୍ତି।

■ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିଛି କେନ୍ଦ୍ର: ଖାର୍ଗେ

■ ବିଦେଶରେ ଭାରତକୁ ବଦନାମ କରିବା ରାହୁଲଙ୍କ ଅଭ୍ୟାସ: ଭାଜପା


**ODISHA STAFF SELECTION COMMISSION**
**Unit - II, Bhubaneswar - 751001**

**No.: IIE-154/2022-955/OSSC** **Date: 15.03.2023**

**Corrigendum to Advt. No. 7058/OSSC Dated 12.12.2022 for the Post of Combined Post Graduate Level recruitment examination for Specialist Post**

No. T-258: There shall be a negative marking of 0.25 marks for each wrong answer in preliminary examination for the Post of Combined Post Graduate Level recruitment examination for Specialist Post, since the test will be in MCQ format.
All other terms & conditions of the Advertisement remain unchanged.

By Order of the Commission
Sd./- Secretary
OIPR-09005/11/0236/2223

**OFFICE OF THE ENGINEER-IN-CHIEF (CIVIL), ODISHA**
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523
**INVITATIONS FOR BIDS (IFB)**
File No. B-IV-H-ALMC-08/2021 (PT.) Lr. No. 10698 / Bhubaneswar, 15th Mar. 2023
**CANCELLATION**
No. B-1345: The bid invited vide RFP Identification No. C.E. (B) - 59/2022-23 is hereby cancelled due to unavoidable circumstances.
Sd./- Chief Engineer (Buildings)
Odisha, Bhubaneswar
OIPR-34117/11/0129/2223

Government of Odisha
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, CUTTACK,GANDARPUR-753003**
e-Procurement Notice No.ACEDC-CTC-12/2022-23
No.A-1258: email id:sedrainagecirclectc@gmail.com

| | | |
|---|---|---|
| 1 | Name of Works | Rejuvenation of Sukapaika Drainage Channel under Cuttack Sadar Assembly Constituency of Cuttack District (RD 23280 m to RD 30850 m.) |
| 2 | Total number of Packages | 01 no. of individual package |
| 3 | Bid Identification No. | ACEDC-CTC/DD-CTC-27/2022-23 |
| 4 | Estimated Cost | Rs.781.12 Lakhs |
| 5 | Period of Completion | 18 (Eighteen) Calendar Months |
| 6 | Availability of Tender Online | From 22.03.2023 at 16.30 Hours to 10.04.2023 upto 17.30 Hours. |
| 7 | Date of Opening of Technical Bid | 11.04.2023 at 10.00 Hours in the O/o. the Additional Chief Engineer, Drainage Circle, Cuttack |
| 8 | Class of Contractor | "A" and "Special" Class |
| 9 | EMD Required | As per DTCN |
| 10 | Cost of Tender Paper | Rs.10,000/- |
| 11 | Procurement Officer | Additional Chief Engineer, Drainage Circle, Gandarpur Cuttack-753003 |

* Tender will be accepted if registered in the CDMS Portal. Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.
Sd./- Additional Chief Engineer
Drainage Circle, Cuttack
OIPR-32174/11/0024/2223

**OFFICE OF THE DIRECTOR, FORESTRY TRAINING, ODISHA FOREST RANGERS' COLLEGE**
At/P.O./Dist.: Angul, Phone No./FAX No.: 06764-233652
E-mail: directorofrcangul@gmail.com
Notice No. 53/1F(ACTT.) 03/2022 Dated, Angul the 13th March, 2023
**REQUEST FOR PROPOSAL (RFP) FOR INTERNAL ELECTRIFICATION WORKS (INSTALLATION OF AC, GEYSER, PANEL BOARD INCLUDING FIXTURE) FOR THE SABARI HOSTEL OF OFRC, ANGUL**
No. MM-487: The Odisha Forest Rangers' College, Angul invites applications for Request for Proposal (RFP) from interested vendors (OEM)/Authorised Distributer/Sales Supplier/Dealer/Agency for internal electrification works (installation of AC, Geyser, Panel Board including fixture) for the SABARI Hostel of OFRC, Angul on terms and conditions mentioned in the standard bidding documents so as to reach in the O/o. the Director, Forestry Training, Odisha Forest Rangers College, Angul on or before **Dt.23.03.2023 upto 5.00 P.M.** through Registered/Speed Post, Courier Service and can also dropped in the Tender Box placed in Office of the Director, Forestry Training, Odisha Forest Rangers College, Angul for this purpose. The interested parties can bid for one/more than one item of work. The RFP submitted in a sealed cover shall contain 2 (Two) sealed cover envelops namely Part-I (Technical Bid) & Part - II (Financial Bid). The tenders will be opened in the same office on **Dt.24.03.2023 at 11.00 A.M.** onwards for the Technical Bid. The Part-I Technical Bid shall be opened in presence of the attending vendor(s) & committee members. The Part-I (Technical Bid) shall contain Bank Draft for earnest money and other documents as noted in "Schedule for Submission of RFP" the Part-I (Technical Bid) shall be evaluated in accordance with qualification criteria for short listing the vendeors as prescribed in the RFP documents. The Part - II (Financial Bid) shall be opened in due course preferably on **Dt.24.03.2023 from 4.00 P.M.** onwards for the finalization of bids as noted in "Schedule for Submission of RFP". The standard bidding documents and terms and conditions can be obtained from Office of the Director, Forestry Training, Odisha Forest Rangers' College, Angul from **Dt.15.03.2023 to Dt.23.03.2023 till 5.00 P.M.** during office hour by submitting a non-refundable Demand Draft to be drawn in favour of Director, Forestry Training, Odisha Forest Ranger's College, Angul payable at Angul for **Rs.590/- (Cost Rs.500.00 + GST @ 18% Rs.90.00)** (Rupees Five Hundred Ninety) only towards cost of tender paper.
Sd./- Director, Forestry Training, Odisha Forest Ranger's College, Angul
OIPR-08126/11/0003/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5146 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.1342/RE/OSIC Dt.14.03.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work **"Shifting/ modification of utilities at 3 nos. locations (i.e. Hotel Sriram to Non-Veg Market, Non-Veg Market to Gangama Temple & Jio Office to Damanjodi Square) due to widening of NH under Sunabeda & Semiliguda Electrical Section".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Sd/-
GENERAL MANAGER(O)
OIPR-14073/11/0170/2223

**DIRECTORATE OF MEDICAL EDUCATION & TRAINING, ODISHA**
**NOTICE**
**FOR ADMISSION TO BASIC B.SC. NURSING COURSE FROM THE ACADEMIC SESSION 2023-24**
No. 4405 Dt.: 15.03.2023
No. E-976: All the candidates desirous of taking admission in Basic B.Sc. Nursing Course in State of Odisha shall appear in NEET (UG) Examination 2023. No candidates will be admitted to Basic B.Sc. Nursing Course without qualifying the NEET(UG) from the academic session 2023-24 (either Govt. Quota/ Management Quota).
The candidates are requested to check the website **www.nta.ac.in** & **https://neet.nta.nic.in** and apply the form for appearing NEET (UG) Examination on or before 06.04.2023 positively.
Sd./- Convener
State Nursing Selection Committee, Odisha
OIPR-10016/11/0050/2223

**OFFICE OF THE PANCHAYAT SAMITI, KUCHINDA**
**Advertisement No. 822** **Date: 14.03.2023**
No. i-505: Application in prescribed proforma appended herewith are invited for engagement of Jogana Sahayak in Kuleigarh G.P. under Kuchinda Block for operation of Fair Price Shop. The application shall be received at the Block Office, Kuchinda from Date: 15.03.2023 to Date: 31.03.2023 by 5.00 P.M. through Speed Post/Registered Post/in the Drop Box at Block Office, Kuchinda. Authority is not responsible for any postal delay. The eligibility criteria for engagement of Jogana Sahayak in the GP are enumerated below. Interested candidates while submitting applications (complete bio-data) will furnish a set of testimonials in support of their academic qualification i.e. self attested copy of mark sheets & academic certificates (10th, +2, +3), self attested copy of valid residential certificate issued from competent authority (issued between 01.04.2022 to 31.03.2023) and two colour passport size photographs along with their application.
**Eligible Criteria:**
1. The candidate should be a permanent resident of Kuleigarh GP as per residential certificate. Candidates belong to other than Kuleigarh GP will be summarily rejected.
2. She/He should be a Graduate.
3. She/He should be of age between 21 to 35 years as on 01.03.2023 as per matriculation certificate.
4. The selection will be based on the carrier marking with the weightage for matriculation being 30%, for +2 being 30% and for graudation being 40%.
5. The engagement is purely temproary and does not confer any right to regular appointment at any point of time in the FS & CW Department of any other State Govt. Organizations.
6. The Jogana Sahayak shall be paid monthly honorarium of Rs.6000/- (Rupees six thousand) only by the GP as per Govt. guideline vide Letter No. 20271/Dt.26.09.2018 of FS & CW Deptt.
7. The Jogana Sahayak should abide by the rule and regulations as would be stipulated by the FS & CW Department from time to time.
8. Block Development Officer, Kuchinda reserves the right to accept or reject any application for selection of Jogana Sahayaka without assigning any reason thereof.
9. Candidates should submit their complete application form along with requisite testimonials in a closed envelope on which she/he should superscribe "APPLICATION FOR THE POST OF JOGANA SAHAYAK" and give his/her full address and whatsapp Mobile No. clearly for further communication.
10. Last date of submission of the application is fixed on Dt.31.03.2023 by 5 P.M.

Encl: Application proforma
Sd./- Block Development Officer, Kuchinda
OIPR-19305/11/0002/2223

**ODISHA STAFF SELECTION COMMISSION**
**Unit - II, Bhubaneswar - 751001**
**Notice No.: IIE-145/2021-967/OSSC** **Date: 15.03.2023**
**Subject: Notice regarding Certificate Verification & Viva Voce Test of Welfare Extension Officer - 2021 (Advt. No. 4289/OSSC Dtd.23.12.2021) to be held in the office of the Commission at Unit - II, Bhubaneswar from 23.03.2023 onwards (Phase wise)**
No. T-259: Pursuant to Advertisement No. 4289/OSSC dated 23.12.2021, it is informed to all concerned that the result of the Main Written Examination for the post of Welfare Extension Officer - 2021 was published vide Commission's Notification No. 103(C)/OSSC dated 14.03.2023 available in the website of the Commission **www.ossc.gov.in**. The candidates are advised to visit the above website to know their results.
The Certificate Verification & Viva Voce Test of the shortlisted candidates will be conducted phase wise **in the Office of the Commission at Unit-II, Bhubaneswar from 23.03.2023 onwards**. In the First Phase, Certificate Verification & Viva Voce Test of 110 candidates from Roll No. 210119801538 to 211119887542 to be conducted. The candidates may visit the website for Phase wise detail schedule of Certificate Verification & Viva Voce Test. The detail schedule of 2nd phase onwards will be published in due course. The candidates scheduled in the first phase for Viva Test are also advised to download their Admission Letter from the above website of the Commission from **17.03.2023** onwards using user's credentials to appear in the certificate verification & viva voce test on the scheduled date & time.
The Bio-Data-cum-Attestation form is uploaded in the website of Commission. The candidates may download Bio-Data-Cum-Attestation form from the above website and report for Certificate Verification & Viva Voce Test with the Bio-Data-cum-Attestation Form duly filled in with proper signature in the appropriate place along with documents as mentioned under Annexure - B of the advertisement & in the Admission Letter.
The candidature of the candidates shall not be considered for selection who will remain absent in the Certificate Verification as per Clause-4(b) of the advertisement. No reqeust for change of date and time for certificate verification will be entertained for any reason whatsoever. Candidates are advised to visit the website **www.ossc.gov.in** regularly for further updates.
By Order of the Commission
Sd./- Secretary
OIPR-09005/11/0235/2223

**OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BERHAMPUR - 760004, GANJAM, ODISHA**
Tel.: 0680 2292624/Fax: 0680 2292752, E-mail: supdtmkcg@gmail.com, mkcgmchberhampur@gmail.com, Website: www.mkcgmch.org
No. 3913/MCH/CS/2023 Dt. Brahmapur the 14.03.2023
**CORRIGENDUM TO THIS OFFICE TENDER CALL NOTICE No. 2412 Dt.15.02.2023**
No. E-974: The last date of receipt of tender is hereby extended upto 21.03.2023 (5.00 P.M.) and will be opened on 22.03.2023 (12.00 Noon). The other terms and conditions remain unaltered.
Sd./- Superintendent
MKCG Medical College Hospital, Berhampur
OIPR-10013/11/0036/2223

**GOVT. OF ODISHA**
**PANCHAYATI RAJ AND DRINKING WATER DEPARTMENT**
**PANCHAYAT SAMITI, JODA**
No. i-502: The Block Development Officer, Joda invites sealed percentage rate tenders Vide Letter No. 831 Dt.14.08.2023 in Single Cover System on behalf of Govt. of Odisha from registered and eligible class of "B" & "C" Civil contractor of the State for Total 1 No. of Project under OMBADC. The Date of sale of tender paper is from Dt.15.03.2023 to 29.03.2023 and last date of receipt of tender paper is upto Dt.31.03.2023 till 5.00 P.M. The tender application and other detials will be available from the website **http//:www.kendujhar.nic.in** and from the DTCN. The interested contractors are requested to download the details of tender and apply as per the terms and conditions laid down in the Bid document.
Sd./- Block Development Officer, Joda
OIPR-19122/11/0007/2223

See Career Appointment on every Wednesday & Saturday

# ଗଞ୍ଜାମର ନାଟ୍ୟ ପରମ୍ପରାରେ 'ଭାରତଲୀଳା'

**ଅଶେଷ ନାଥ ମିଶ୍ର**
**ଦିଗପହଣ୍ଡି, ୧୬।୩**

ଗଞ୍ଜାମର ନୃତ୍ୟ ପରମ୍ପରା ବହୁ ପ୍ରାଚୀନ। ଏହି ଅଞ୍ଚଳରେ ପୂର୍ବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଲୋକ ନୃତ୍ୟ, ଲୋକ ନାଟକ ପ୍ରଚଳିତ ଥିଲା। ସେଥି ମଧ୍ୟରୁ 'ଭାରତ ଲୀଳା' ବା ସୁଭଦ୍ରା ପରିଣୟ (ବିବାହ) ଅନ୍ୟତମ। ସାରଳା ଦାସଙ୍କ ଲିଖିତ ମହାଭାରତର ମଧ୍ୟପର୍ବର ଅର୍ଜ୍ଜୁନ-ସୁଭଦ୍ରା ପରିଣୟ ବିଷୟ ବସ୍ତୁକୁ ନେଇ 'ଭାରତ ଲୀଳା' ରଚନା ହୋଇଛି। ମହାଭାରତର କଥାବସ୍ତୁକୁ ନେଇ ଏହି ଲୀଳା ରଚନା କରାଯାଇଥିବାରୁ ଏହାର ନାମ 'ଭାରତ ଲୀଳା' ବୋଲି ବିବେଚିତ କରାଯାଇଛି। ସୁଭଦ୍ରାଙ୍କ ବିବାହ ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥିବାରୁ ଏହାକୁ ସୁଭଦ୍ରା ପରିଣୟ ବୋଲି ମଧ୍ୟ କୁହାଯାଏ। ଏହି ଲୀଳାର ମୁଖ୍ୟ ଚରିତ୍ର ହେଲେ ଦୁଆରି ଓ ସୁଭଦ୍ରା। ଏହି ସାମଗ୍ରୀକ ଲୀଳାରେ ଦୁଆରି ମୁଖ୍ୟ ଉଦ୍‌ଘୋଷକ ହୋଇଥିବାରୁ ଏହାକୁ ବିଭିନ୍ନ ଅଞ୍ଚଳରେ ଦୁଆରି ନାଟ ବୋଲି ଅଭିହିତ କରାଯାଏ। ବିଭିନ୍ନ ଲୀଳା ନାଟକ ମଧ୍ୟରେ 'ଭାରତ ଲୀଳା' ହେଉଛି ଶେଷ ଲୀଳା। ୧୮୭୦ ରୁ ୧୯୦୦ ମଧ୍ୟରେ ଗଞ୍ଜାମ କଲ୍ୟାଣପୁର ଗ୍ରାମର ଲୋକ ନାଟ୍ୟକାର ଦୀନବନ୍ଧୁ ଦାସ ଏହାକୁ ପ୍ରଥମେ ରଚନା କରିଥିବା ଗବେଷକ ଡ. ଅନନ୍ତରାମ କର ମତ ଦେଇଛନ୍ତି।

ପ୍ରାଚୀନ କାଳରେ ଗଞ୍ଜାମର ଲୋକେ କାମ ପାଇଁ ରେଙ୍ଗୁନ ବା ବ୍ରହ୍ମଦେଶ ଏବେକାର ମିଆଁମାର ଯାଉଥିଲେ। ସେଠାରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରି ତାହାର ପ୍ରଚାର ପ୍ରସାର କରାଇଥିଲେ। ପଶ୍ଚିମବଙ୍ଗର ହୁଗୁଳି ଅଞ୍ଚଳରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରୁଥିବାରୁ ସେମାନେ ଏହାକୁ ହୁଗୁଳି ଭାରତ ଲୀଳା ବୋଲି ଆଖ୍ୟାୟିତ କରୁଥିଲେ। ଦୀନବନ୍ଧୁ ଦାସଙ୍କ ରଚିତ ଏହି ଭାରତ ଲୀଳାରେ ଶହେରୁ ଊର୍ଦ୍ଧ୍ୱ ସଙ୍ଗୀତ ସ୍ଥାନ ପାଇଥିଲା। ଏହି ଲୀଳାର ମୁଖ୍ୟ ଗାୟକ ଦୁଆରି ହିଁ ବିଭିନ୍ନ ସଙ୍ଗୀତ ଗାନ କରି ଲୀଳାକୁ ଗତିଶୀଳ କରାଇଥାନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ କେତେକ ସଙ୍ଗୀତ ଏହି ଲୀଳାରେ ମିଶ୍ରଣ କରାଯାଇଛି। ପରବର୍ତ୍ତୀ ସମୟରେ 'ଭାରତ ଲୀଳା'କୁ ପରିବର୍ଦ୍ଧିତ କରିଥିବା ଗୁରୁ (ଦୁଆରି)ମାନେ ହେଲେ ଗଞ୍ଜାମ ଜିଲା ଭାଲିଆଝୋଲା ଗ୍ରାମର ନିଳାଞ୍ଚଳ ମିଶ୍ର, କବିସୂର୍ଯ୍ୟନଗର ଅଞ୍ଚଳର ନବଘନ ପରିଡ଼ା, ଗୌତମୀ ଗ୍ରାମର ରାମଚନ୍ଦ୍ର ରେଡ୍ଡୀ, କନ୍ଧ ଖରିଡା ଗ୍ରାମର ଶ୍ୟାମ ସୁନ୍ଦର ସାବତ, ଆସିକା ନିକଟ ମାଗୁରା ଗ୍ରାମର ଭୀମ ପଣ୍ଡା, କନିଷି ପଞ୍ଚମା ଗ୍ରାମର ତ୍ରିନାଥ ପଟ୍ଟନାୟକ ଓ ନୀଳ ବଙ୍ଗଳା ଗାଁର ସନ୍ତୋଷ କୁମାର ପାଢ଼ୀ ଅନ୍ୟତମ। ଭାରତଲୀଳାର ମୁଖ୍ୟ ଚରିତ୍ରମାନେ ହେଲେ ଦୁଆରି, ଅର୍ଜ୍ଜୁନ, ସୁଭଦ୍ରା ଓ ସତ୍ୟଭାମା। ଗୌଣ ଚରିତ୍ରଗୁଡ଼ିକ ହେଲେ ନଟୁ, ଶ୍ରୀକୃଷ୍ଣ, ବଳରାମ, ନନ୍ଦ, ମଧୁ ମଙ୍ଗଳ, ଯଶୋଦା, ସୁଭଦ୍ରାଙ୍କ ସଖୀ, ହାଡ଼ି, ହାଡ଼ିଆଣି ଏବଂ ହାସ୍ୟାଭିନେତା ବାୟା।


ଭାଲିଆ ଝୋଲା ଗାଁରେ ଥିବା 'ଭାରତଲୀଳା' ନାଟ୍ୟ ଅନୁଷ୍ଠାନର କଳାକାର ବୃନ୍ଦ।

ଏହି ଲୀଳା ପରିବେଷଣରେ ପୂର୍ବରୁ ଝିଅମାନଙ୍କ ପ୍ରବେଶ ନ ଥିଲା। ପୁଅମାନେ ଝିଅ ଚରିତ୍ରରେ ଅଭିନୟ କରୁଥଲେ। ବିଗତ ୨୦/୨୫ ବର୍ଷ ହେଲା ଯୁଗ ରୁଚି ଅନୁସାରେ ଝିଅମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବାରୁ ଏହି ଲୀଳାକୁ ଅଧିକ ଜନାଦୃତ ହୋଇଛି। ଭାରତ ଲୀଳା କେବଳ ଗୀତ ସର୍ବସ୍ୱ। ଏହି ଲୀଳାର ଗଦ୍ୟାବଳି ଓ ପଦ୍ୟାବଳୀ ଶିଖିବା ଅତି ସହଜ। ତେଣୁ ଗଞ୍ଜାମର ପୁରପଲ୍ଲୀରେ ବହୁସଂଖ୍ୟକ ଭାରତ ଲୀଳା ନାଟ୍ୟ ଅନୁଷ୍ଠାନ ରହିଛି ଏବଂ ଏହା ଜିଲାରେ ସର୍ବାଧିକ ଲୋକପ୍ରିୟ ଲୋକନୃତ୍ୟ ଭାବେ ବିବେଚିତ। ଏହି ଭାରତ ଲୀଳା ସର୍ବାଧିକ ୫/୬ ଘଣ୍ଟା ପରିବେଷଣ କରାଯାଇଥାଏ।

ଗଞ୍ଜାମର ଲୋକନୃତ୍ୟ ମଧ୍ୟରେ ଭାରତ ଲୀଳା ଅନ୍ୟତମ। ପ୍ରତ୍ୟେକ ଜାତିର ଲୋକ ଏଥିରେ ଭାଗ ନେଇଥାନ୍ତି। ନାଚ ମାଷ୍ଟରଙ୍କ ନିର୍ଦ୍ଦେଶନାରେ କେଉଁ ଲୋକ କେଉଁ ଅଭିନୟ କରିପାରିବ ତାହା ଚୟନ କରାଯାଇଥାଏ। ତାଙ୍କ ନିର୍ଦ୍ଦେଶରେ ଏକ ନାଚ ଦଳ ଗଠନ ହୁଏ। ଗତ କିଛିବର୍ଷ ହେଲା 'ଭାରତ ଲୀଳା'ର ପ୍ରାୟ କଳାକାରମାନଙ୍କୁ ସରକାରୀ ସହାୟତା ସ୍ୱରୂପ ପେନ୍‌ସନ୍ ପ୍ରଦାନ କରାଯାଉଥିବା ଜଣାପଡିଛି।

# ୫-ଟିରେ ରୂପାନ୍ତରଣ ହେବ ଛତ୍ରପୁର ହସ୍ପିଟାଲ

**ଛତ୍ରପୁର, ୧୬।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲ ୫-ଟି ଆଧାରରେ ରୂପାନ୍ତରଣ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁବାର ଛତ୍ରପୁର ହସ୍ପିଟାଲରେ ପହଞ୍ଚି ରୂପାନ୍ତରଣରେ ଉନ୍ନୟନମୂଳକ ଓ ରୋଗୀମାନଙ୍କ କଲ୍ୟାଣ ପାଇଁ କି କାର୍ଯ୍ୟ ହେବ ସେନେଇ ଅନୁଧ୍ୟାନ କରିଥିଲେ। ବିଶେଷକରି ହସ୍ପିଟାଲକୁ ଆସୁଥିବା ରୋଗୀମାନେ କିଭଳି ଉତ୍ତମ ସେବା ପାଇପାରିବେ ଏବଂ ସମସ୍ତ ସାଧାରଣ ମୌଳିକ ସୁବିଧା ପାଇବେ ତାହା ୫-ଟି ରୂପାନ୍ତରଣର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ହସ୍ପିଟାଲ ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ଗୃହ, ପାଇଖାନା, ପାଣି ବ୍ୟବସ୍ଥା, ହସ୍ପିଟାଲ ସୌନ୍ଦର୍ଯ୍ୟକରଣ, ପାର୍କିଂ, ଆଇପିଡି, ଓପିଡି ଉନ୍ନତୀକରଣ, ହସ୍ପିଟାଲ ପରିସରରେ ଥିବା ପୁରୁଣା କ୍ୱାର୍ଟର୍ସ

## ଅନୁଧ୍ୟାନ କଲେ ଜିଲାପାଳ

ଓ ୱାର୍ଡ ଭାଙ୍ଗି ରୋଗୀ, ଆମ୍ବୁଲାନ୍ସ ସୁବିଧା ପାଇଁ ଖୋଲା ସ୍ପେସ୍, ଏସ୍‌ଏଚ୍‌ଜିଙ୍କ ଦ୍ୱାରା ରୋଗୀଙ୍କ ପାଇଁ ଖାଦ୍ୟ ରନ୍ଧା ବ୍ୟବସ୍ଥା, କାଫେ ଆଦି କରାଯିବ। ଏନେଇ ଏଷ୍ଟିମେଟ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଷ୍ଟାଫ୍‌ଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଅନୁଧ୍ୟାନ ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚରଣ ଗୌଡ, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଡାକ୍ତର ଉପସ୍ଥିତ ଥିଲେ।


ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାର ଓ ଗଡ଼ଗୋବିନ୍ଦପୁର ଗ୍ରାମପଞ୍ଚାୟତବାସୀଙ୍କ ମଙ୍ଗଳ କାମନା କରୁଛି। ଏଥିସହ ପଞ୍ଚାୟତ ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାରେ ଆପଣମାନଙ୍କ ସହଯୋଗ, ଆଶୀର୍ବାଦ କାମନା କରୁଛି।
ଶ୍ରୀଯୁକ୍ତ ରଞ୍ଜନ କୁମାର ସାହୁ
ସରପଞ୍ଚ, ଗଡ଼ଗୋବିନ୍ଦପୁର ଗ୍ରାମପଞ୍ଚାୟତ ତଥା ଯୁବ ବିଜେଡି ବ୍ଲକ୍ ସଭାପତି, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ଦିଗପହଣ୍ଡି ବ୍ଲକ୍ ତଥା ପଦ୍ମନାଭପୁର ପଞ୍ଚାୟତବାସୀଙ୍କୁ ସୁସ୍ଥ, ନୀରୋଗ, ନିରାମୟ ଜୀବନ ବଞ୍ଚିବାରେ ସହାୟକ ହୁଅନ୍ତୁ। ପ୍ରତ୍ୟେକ ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି, ପ୍ରଗତି ଭରିଦିଅନ୍ତୁ, ଏତିକି କାମନା।
ଶ୍ରୀଯୁକ୍ତ ବି. କ୍ରିଷ୍ଣାରାଓ ସୁବୁଦ୍ଧି
ପୂର୍ବତନ ସରପଞ୍ଚ, ପଦ୍ମନାଭପୁର ପଞ୍ଚାୟତ ତଥା ବିଜେଡି ଉପସଭାପତି, ଗଞ୍ଜାମ ଜିଲ୍ଲା କମିଟି

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ପଦ୍ମନାଭପୁର ଗ୍ରାମପଞ୍ଚାୟତ ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାରେ ଆପଣମାନଙ୍କ ସହଯୋଗ, ଆଶୀର୍ବାଦ କାମନା କରୁଛି।
ଶ୍ରୀମତୀ ବି. ସନ୍ଧ୍ୟାରାଣୀ ସୁବୁଦ୍ଧି
ସରପଞ୍ଚ, ପଦ୍ମନାଭପୁର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଶଙ୍ଖ ମୋର ଗର୍ବ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମଜୟନ୍ତୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଏକ ଦୁର୍ନୀତିମୁକ୍ତ ସ୍ୱାଭିମାନ ଦିଗପହଣ୍ଡି ଗଠନ ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ଆମର ମୂଳମନ୍ତ୍ର। ଆସନ୍ତୁ ସମସ୍ତେ ମିଳିମିଶି ବିକାଶର ସ୍ରୋତରେ ସାମିଲ ହେବା। ଦିଗପହଣ୍ଡି ନିର୍ବାଚନମଣ୍ଡଳୀକୁ ଆଗେଇ ନେବା। ଦିଗପହଣ୍ଡିକୁ ରାଜ୍ୟରେ ଏକ ଅଗ୍ରଣୀ ନିର୍ବାଚନମଣ୍ଡଳୀରେ ପରିଣତ କରିବା। ଦିଗପହଣ୍ଡି ମାଟି ବୀର ମାଟି। ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ମାନ, ସମ୍ମାନ ଓ ସ୍ୱାଭିମାନ ରକ୍ଷା ଦିଗରେ ମୁଁ ଯେଉଁ ପ୍ରଚେଷ୍ଟା ଜାରି ରଖିଛି ତାହା ଆହୁରି ଅଗ୍ରସର ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି କାମନା।
ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପ୍ରଧାନ
ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ, ଦିଗପହଣ୍ଡି ବ୍ଲକ୍ ତଥା ଜିଲ୍ଲା ପରିଷଦ ସଦସ୍ୟ

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏହି ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଖମାରିଗାଁ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀଯୁକ୍ତ ରଞ୍ଜନ କୁମାର ପାଣିଗ୍ରାହୀ
ସମାଜସେବୀ, ଗୋଲଣ୍ଡା, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଏହି ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ବମକୋଇ ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନମାନଙ୍କୁ ମୋର ପ୍ରଣାମ ଜଣାଉଛି। ସମସ୍ତ ଭାଇଭଉଣୀମାନଙ୍କ ସ୍ନେହ, ଶ୍ରଦ୍ଧା ମୋର ଏକାନ୍ତ କାମ୍ୟ।
ଶ୍ରୀଯୁକ୍ତ ଭଗବାନ ବାଡ଼ତ୍ୟା
ପୂର୍ବତନ ସରପଞ୍ଚ, ବମକୋଇ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଆନ୍ତରିକ ଶୁଭେଚ୍ଛା। ଦିଗପହଣ୍ଡି ଏନ୍.ଏ.ସି.ର ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ, ବନ୍ଧୁ ଓ ସାନଭାଇଭଉଣୀଙ୍କ ସ୍ନେହ କାମନା କରୁଛି।
- ଜୟ ଜଗନ୍ନାଥ -
ଶ୍ରୀଯୁକ୍ତ ଦୀପକ କୁମାର ମିଶ୍ର
କାଉନସିଲର ତଥା ସଭାପତି, ଦିଗପହଣ୍ଡି ନଗର କଂଗ୍ରେସ

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମଦିବସ ଉପଲକ୍ଷେ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି। ଦିଗପହଣ୍ଡି ଅଞ୍ଚଳର ଚାଷୀଭାଇମାନଙ୍କ ମଙ୍ଗଳ କାମନା କରିବା ସହ ଚଳିତବର୍ଷ ଭଳି ପ୍ରତିବର୍ଷ ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି କରି ଉପକୃତ ହେବା ସହ ଧାନକଟା ପରେ ଜମିକୁ ପଡ଼ିଆ ନ ରଖି ପନିପରିବା ଚାଷ କରନ୍ତୁ।
ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଣିଗ୍ରାହୀ
ସଭାପତି, ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମଦିନରେ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ଏହି ଅବସରରେ ସିଦ୍ଧେଶ୍ୱର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।
ଶ୍ରୀଯୁକ୍ତ ବିଜୟ କୁମାର ପ୍ରଧାନ
ସରପଞ୍ଚ, ସିଦ୍ଧେଶ୍ୱର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଶୁଭେଚ୍ଛା ଜଣାଉଛି। ଏଥି ସହିତ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ୍ ଓ ଦିଗପହଣ୍ଡି ଏନ୍.ଏ.ସି. ଅଞ୍ଚଳର ଭାଇଭଉଣୀ, ଗୁରୁଜନମାନଙ୍କୁ ଅଭିନନ୍ଦନ ଜଣାଉଛି।
ବିକାଶ ପଶୁପାଳକ (ଭିକି)
ସଭାପତି, ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ଜକର ଗ୍ରାମପଞ୍ଚାୟତବାସୀଙ୍କ ସୁଖ, ସମୃଦ୍ଧି, ପ୍ରଗତି ହେଉ, ମୋର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଦିଗପହଣ୍ଡି ବ୍ଲକ୍‌ର ପ୍ରଶାସନିକ ଅଧିକାରୀ, ସହକର୍ମୀ, ପଞ୍ଚାୟତ ସମିତି ଅଧୀନସ୍ଥ ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟମାନଙ୍କ ମଙ୍ଗଳ କାମନା କରୁଛି।
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପ୍ରଧାନ
ବିଜେଡି ସମ୍ପାଦକ, ଦିଗପହଣ୍ଡି ବ୍ଲକ୍ କମିଟି

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ତାର ସଫଳତା କାମନା କରୁଛି। ଦିଗପହଣ୍ଡି ବ୍ଲକ୍ ବମକୋଇ ପଞ୍ଚାୟତବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି କାମନା କରିବା ସହ ପଞ୍ଚାୟତକୁ ଏକ ଅଗ୍ରଣୀ ପଞ୍ଚାୟତ ଭାବରେ ଗଢ଼ିତୋଳିବା ଦିଗରେ ଆପଣମାନଙ୍କର ସହଯୋଗ, ଆଶୀର୍ବାଦ କାମନା କରୁଅଛି।
ଶ୍ରୀଯୁକ୍ତ ତପନ କୁମାର ପ୍ରଧାନ
ସରପଞ୍ଚ, ବମକୋଇ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରୁଛି। ଏଥିସହ ପଞ୍ଚାୟତ ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାରେ ଆପଣମାନଙ୍କ ସହଯୋଗ, ଆଶୀର୍ବାଦ କାମନା କରୁଛି।
ଶ୍ରୀମତୀ ଗୌରୀ କୁମାରୀ ବିଶୋୟୀ
ସରପଞ୍ଚ, ଫାସିଗୁଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଅନୁଷ୍ଠାନକୁ ଗଭୀର କୃତଜ୍ଞତା ଜ୍ଞାପନ ସହ ଦିଗପହଣ୍ଡି ବ୍ଲକ୍ ଜକର ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନ, ମହିଳା, ଯୁବକ, ଚାଷୀ, ଛାତ୍ରୀଛାତ୍ର ଓ ଜନସାଧାରଣ ସେମାନଙ୍କ ସେବା କରିବା ପାଇଁ ମୋତେ ୫ ବର୍ଷ ସୁଯୋଗ ଦେଇଥିବାରୁ ସେମାନଙ୍କର ଦୀର୍ଘ ନିରାମୟ ଜୀବନଯାପନ ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରୀମତୀ ରଶ୍ମିତା କୁମାରୀ ପ୍ରଧାନ
ସରପଞ୍ଚ, ଜକର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍ (ଗଞ୍ଜାମ)

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ତଥା ଦିଗପହଣ୍ଡି ଏନ୍.ଏ.ସି. ଜନସାଧାରଣଙ୍କ ସୁଖ, ସମୃଦ୍ଧି କାମନା କରୁଛି।
ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
ଦିଗପହଣ୍ଡି ଏନ୍.ଏ.ସି. ଅଧ୍ୟକ୍ଷ

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ପଞ୍ଚାୟତବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ମୋର ସଂଗ୍ରାମ ଜାରି ରହିବ। ପଞ୍ଚାୟତବାସୀ ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ, ଶୁଭେଚ୍ଛା ଓ ଶୁଭ କାମନା।
ଶ୍ରୀଯୁକ୍ତ ଶିବରାମ ପ୍ରଧାନ (ସଭାପତି)
ଫାସିଗୁଡ଼ା ପ୍ରାଥମିକ ସେବା ସମବାୟ ସମିତି, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ଦିଗପହଣ୍ଡି ବ୍ଲକ୍ ଓ ଏନ୍.ଏ.ସି.ର ସମସ୍ତ ଯୁବବନ୍ଧୁ ଓ ବିଜୁ ପ୍ରେମୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀଯୁକ୍ତ ନୀଳମାଧବ ଗୌଡ଼
କାଉନସିଲର ତଥା ଯୁବ ବିଜେଡି ସଭାପତି, ଦିଗପହଣ୍ଡି ଏନ୍.ଏ.ସି.

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀରେ ଦିଗପହଣ୍ଡି ବ୍ଲକ୍ ତଥା ଗଡ଼ଗୋବିନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।
ଶ୍ରୀଯୁକ୍ତ କେ. ହରିବନ୍ଧୁ ରେଡ୍ଡୀ
ପୂର୍ବତନ ସରପଞ୍ଚ, ଗଡ଼ଗୋବିନ୍ଦପୁର ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ଜନସାଧାରଣଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ପ୍ରଗତି ମନାସିବା ସହ ଦିଗପହଣ୍ଡି ବ୍ଲକ୍‌କୁ ଏକ ଅଗ୍ରଣୀ ବ୍ଲକ୍ ଭାବରେ ଗଢ଼ିତୋଳିବା ଦିଗରେ ଆପଣମାନଙ୍କର ସହଯୋଗ, ଆଶୀର୍ବାଦ କାମନା କରୁଅଛି।
ଶ୍ରୀମତୀ ସୁନିତା ସେଠୀ
ଅଧ୍ୟକ୍ଷା, ଦିଗପହଣ୍ଡି ପଞ୍ଚାୟତ ସମିତି

ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଆଙ୍କୋରଡ଼ା ପଞ୍ଚାୟତ ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି କାମନା କରୁଛି। ସମସ୍ତ ଜନସାଧାରଣଙ୍କ ସୁସ୍ଥ, ନୀରୋଗ, ନିରାମୟ ଜୀବନ ବଞ୍ଚିବାରେ ଭଗବାନ ଶ୍ରୀଜଗନ୍ନାଥ ସହାୟ ହୁଅନ୍ତୁ, ଏତିକି କାମନା।
ଶ୍ରୀଯୁକ୍ତ ଉଷାନ୍ତ ସାହୁ
ପୂର୍ବତନ ସରପଞ୍ଚ, ଆଙ୍କୋରଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ୍

# ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରୁଛି ମଣ୍ଡାସରୁ ଇକୋ ଟୁରିଜମ୍


ମଣ୍ଡାସରୁ ଜଳ ପ୍ରପାତ

**ପ୍ରଦୀପ କୁମାର ବେହେରା**

**ରାଇକିଆ, ୧୬।୩**

କନ୍ଧମାଳ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରାଇକିଆର ମଣ୍ଡାସରୁ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରୁଛି। ଗତ କିଛିବର୍ଷ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏହାର ପୁନରୁଦ୍ଧାର ଯୋଗୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ଏହି ଇକୋ ଟୁରିଜମ୍ କେନ୍ଦ୍ର। ବ୍ୟସ୍ତତା ଭିତରୁ ବାହାରି ଶାନ୍ତ, ସବୁଜ ଓ ଜଙ୍ଗଲ ପାହାଡ଼ ଘେରା ପରିବେଶର ମଜା ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ରାଜ୍ୟ ତଥା ବାହାରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ରାଇକିଆ ସହରଠାରୁ ୧୦ କି.ମି. ଦୂରରେ ଥିବା ମଣ୍ଡାସରୁ ଇକୋ ଟୁରିଜମ୍ ସେଣ୍ଟର ମଧ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଜଳ ପ୍ରପାତ, କାଠରେ ତିଆରି ବଙ୍ଗଳା ଇତ୍ୟାଦି ରହିଥିବା ବେଳେ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ ଥିବା ଯୋଗୁ ବର୍ଷତମାମ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ଶୀତ ଋତୁରେ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପୂର୍ବରୁ ଚାରୋଟି କାଠ ବଙ୍ଗଳାରେ ରହିବା ସୁବିଧା ଥିବା ବେଳେ ବର୍ତ୍ତମାନ ଆଉ ଦୁଇଟି କାଠ ବଙ୍ଗଳା ନିର୍ମାଣ କରାଯାଇଛି। ଏହି ପର୍ଯ୍ୟଟନସ୍ଥଳୀ ରାଜ୍ୟର ପ୍ରଥମ ଜୈବ ବିବିଧତା ଐତିହ୍ୟ ସ୍ଥଳୀ ଭାବରେ ମାନ୍ୟତା ପାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିଚାଳିତ ଏହି ଇକୋ ଟୁରିଜମ୍‌କୁ ଅଧିକ ଆକର୍ଷିତ କରିବା ପାଇଁ ସାଜସଜ୍ଜା ମଧ୍ୟ କରାଯାଉଛି। ଏହା ନିକଟରେ ରହିଛି ଜଳ ପ୍ରପାତ। ୧୫୦ ଫୁଟ ଉଚ୍ଚରୁ ପାଣି ପଡୁଥିବାରୁ ସେଥିପ୍ରତି ମଧ୍ୟ ପର୍ଯ୍ୟଟକ ଆକର୍ଷିତ ହେଉଛନ୍ତି। ପୂର୍ବରୁ ଜଳ ପ୍ରପାତକୁ ରାସ୍ତା ନ ଥିବାରୁ ଏହା ଲୋକଲୋଚନକୁ ଆସି ପାରିନଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ରାସ୍ତା ନିର୍ମାଣ କରାଯାଇଥିଲା। ଏହା ନିକଟରେ ଜଳ ପ୍ରପାତ ଦୃଶ୍ୟମାନ ପାଇଁ ଏକ ୱାଚ ଭିୟୁ ପଏଣ୍ଟ ମଧ୍ୟ ନିର୍ମାଣ କରାଯାଇଛି। ଗତ ଡିସେମ୍ବର ଓ ଜାନୁୟାରୀରେ ବହୁ ସଂଖ୍ୟାରେ ପର୍ଯ୍ୟଟକ


ପର୍ଯ୍ୟଟକମାନେ ମଣ୍ଡାସରୁ ଜଳ ପ୍ରପାତ ବୁଲି ଦେଖୁଛନ୍ତି।

ଏଠାକୁ ଆସିଥିବା ବେଳେ ଏହି ଜଳ ପ୍ରପାତ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସ୍ଥାନ ବୁଲିବା ସହ ହିଲ ଟ୍ରେକିଂର ମଜା ମଧ୍ୟ ନେଉଛନ୍ତି ପର୍ଯ୍ୟଟକ। ଅନ୍ୟପକ୍ଷରେ ପିକ୍‌ନିକ୍ ପାଇଁ ମଧ୍ୟ ସମସ୍ତ ସୁବିଧା ଥିବାରୁ ଭିଡ଼ ଜମୁଛି। ରାଜ୍ୟ ସମେତ ବାହାରର ପର୍ଯ୍ୟଟକ ଏଠାକୁ ନିୟମିତ ଆସୁଥିବାରୁ କନ୍ଧମାଳ ପର୍ଯ୍ୟଟନ ଶିଳ୍ପକୁ ଏହା ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି।

## ନାବାଳିକା ବଳାତ୍କାରୀ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୬।୩:** ଏକ ବଳାତ୍କାର ମାମଲାରେ ଫେରାର ଥିବା ଯୁବକଙ୍କୁ ଫିରିଙ୍ଗିଆ ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଖଜୁରିପଡା ଥାନା ମୂଳ ଗୁଦାରୀ ଗ୍ରାମର ରାକେଶ ଦିଗାଳ। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ଅଞ୍ଚଳର ୨ ଜଣ ନାବାଳିକା ଜାନୁୟାରୀ ୧୧ରେ ନିଖୋଜ ହୋଇ ଯାଇଥିଲେ। ଖଜୁରିପଡ଼ା ଥାନା ଅନ୍ତର୍ଗତ ମୂଳଗୁଦାରି ଗ୍ରାମ ପାଖ ଜଙ୍ଗଲ ଏକ ଭଙ୍ଗା ଘରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାକେଶ ଫେରାର ଥିଲେ। ତାଙ୍କୁ ଫିରିଙ୍ଗିଆ ପୋଲିସ ସଦର ଥାନା ବିଶିପଡ଼ା ଛକ ଅଞ୍ଚଳରୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଘଟଣା ଦିନ ରାତିରେ ନାବାଳିକାଙ୍କୁ ଫିରିଙ୍ଗିଆରୁ କୌଶଳ କ୍ରମେ ପ୍ରଲୋଭନ ଦେଖାଇ ଖଜୁରିପଡ଼ା ବ୍ଲକ ଗୁଦାରୀ ପଞ୍ଚାୟତ ମୂଳଗୁଦାରୀ ଗାଁକୁ ନେଇ ବଳାତ୍କାର କରାଯାଇଥିଲା। ଏହାପରେ ରାତିରେ ନାବାଳିକାଙ୍କୁ ଗୋଟିଏ କାର୍‌ରେ ଆଣି ଡ୍ରାଇଭର ଛାଡ଼ିବାକୁ ଆସିଥିବା ବେଳେ ଗାଁ ଓ ପରିବାର ଲୋକେ ଦେଖିଥିଲେ। ସେମାନେ କାର ସହ ଡ୍ରାଇଭରଙ୍କୁ ଧରି ଫିରିଙ୍ଗିଆ ପୋଲିସକୁ ଜିମା ଦେଇଥିଲେ। ରାକେଶ ଘଟଣାର ମୁଖ୍ୟ ସୂତ୍ରଧର ଥିବା ଜଣାପଡିଥିଲା। ଏ ନେଇ ଫିରିଙ୍ଗିଆ ଥାନାରେ ନଂ.୭/୨୩ ରେ ଏକ ମାମଲା ରୁଜୁ ହୋଇଥିଲା।

## ୫୯୯୮ କେଜି ଗଞ୍ଜେଇ ନଷ୍ଟ

**ବ୍ରହ୍ମପୁର ଅଫିସ, ୧୬।୩:** ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିବା ୫୯୯୮ କେଜି ଗଞ୍ଜେଇକୁ ନଷ୍ଟ କରାଯାଇଛି। ଶେରଗଡ଼ ସ୍ଥିତ ଅରଖପଦାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଜୈବ ବର୍ଜ୍ୟବସ୍ତୁ କାରଖାନାରେ ତାହାକୁ ପୋଡି ନଷ୍ଟ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାର ଦିଗପହଣ୍ଡି ଥାନା ଜବତ କରିଥିବା ୧୮୯୫ ଗଞ୍ଜେଇ ଓ ଅନ୍ୟାନ୍ୟ ଥାନା ପକ୍ଷରୁ ଜବତ ହୋଇଥିବା ୪୧୦୩ କେଜି ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। ଏନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍. ଗୁରୁବାର ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଏନଡିପିଏସ୍ ଆକ୍ଟରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଗୁରୁବାର ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସପି ଡ଼ ସର୍ବଣା ବିବେକ ଏମ, ଏସ୍‌ଟିଏଫ ଏସ୍‌ପି କେକେ ପାଣିଗ୍ରାହୀ, ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ, ଡେପୁଟି କଲେକ୍ଟର ସୁଭଶ୍ରୀ ରଥଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ନଷ୍ଟ କରାଯାଇଥିଲା।


ପ୍ରଗତି ପଥେ...

ଆସିକା ସମବାୟ ଚିନିଶିଳ୍ପ ଲିଃ., ଆସିକା (ଗଞ୍ଜାମ)

କୃଷିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଅଗ୍ରଣୀ ସମବାୟ ଅନୁଷ୍ଠାନ। ଏହାର ଅଗଣିତ ଆଖୁଚାଷୀ, ଶ୍ରମିକ, କର୍ମଚାରୀ, ଅଂଶୀଦାର ଓ ପୃଷ୍ଠପୋଷକମାନଙ୍କର ସ୍ୱପ୍ନ ସାକାର କରିବା ନିମନ୍ତେ ଆପଣଙ୍କ ଶୁଭେଚ୍ଛା କାମନା କରୁଛୁ। ଏକ ସମୃଦ୍ଧ ଶିଳ୍ପ ଅଗ୍ରଣୀ ସମାଜ ଗଠନର ସହାୟକ ଅଟେ।

ପାରମ୍ପରିକ ଚାଷ ପଦ୍ଧତି ଛାଡ଼ି ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗକରି କମ୍ ଜମି ଓ କମ୍ ପରିଶ୍ରମରେ ଅଧିକ ଅମଳ କରିବା ପାଇଁ ଉଦ୍ୟମ କରନ୍ତୁ।

ପରିଚାଳନା ପରିଷଦ
ଆସିକା ସମବାୟ ଚିନିଶିଳ୍ପ ଲିଃ., ଆସିକା



ଶଙ୍ଖ ମୋର ଗର୍ବ

ସ୍ୱନକ୍ଷତ୍ର ଅଭିନନ୍ଦନ

ଧରିତ୍ରୀର ସ୍ୱନକ୍ଷତ୍ର ଶୁଭ ଅବସରରେ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ସୁଦକ୍ଷ ବିଧାୟକ ତଥା ପୂର୍ବତନ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଭିନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।

ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ପ୍ରିୟ ଭାଇ, ଭଉଣୀ, ମା' ମାଉସୀ, ଯୁବକ, ଚାଷୀ, ଶ୍ରମିକ ଭାଇମାନଙ୍କ ସୁଖ, ସମୃଦ୍ଧି କାମନା କରୁଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନ ଓ ସହଯୋଗ ଆଜି ଦିଗପହଣ୍ଡି ନିର୍ବାଚନମଣ୍ଡଳୀକୁ ଏକ ସମୃଦ୍ଧ ଓ ସୁସଂହତ ଅଞ୍ଚଳରେ ପରିଣତ କରିଛି। ଆଗକୁ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅଧୀନ ଦିଗପହଣ୍ଡି ଓ କୁକୁଡାଖଣ୍ଡି ବ୍ଲକ ପାଇଁ ଅନେକ କିଛି କରିବାର ବି ଅଛି। ଆସନ୍ତୁ ହାତରେ ହାତ ମିଶାଇ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ପ୍ରଗତିରେ ସହଯୋଗ କରିବା।

ଶ୍ରୀଯୁକ୍ତ ବିପ୍ଳବ ପାତ୍ର
ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



On the birth anniversary of
"DHARITRI"
Berhampur Edition
With best compliments from :
SRI SUJIT KUMAR LUGUN
Asst. Executive Engineer, R.W.S.S.
Aska (Ganjam)



'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଦିବସ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ଅନିମା ପରିଡା
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୨
ଆସିକା ବ୍ଲକ୍ (ଗଞ୍ଜାମ)



On the Occassion for Birth Anniversary of Dharitri Berhampur Edition
SAMANTROY ACADEMY
SA SHAPING NATION'S WARRIORS SINCE : 2001
SINCE 2001
Offer
+2 SC.
(All Subjects)
INTEGRATED
NDA
For Career in
ARMY
NAVY
AIR FORCE
BANKING
RAILWAY
SSC
CAMPUS-I : GIRI ROAD, HILLPATNA, BERHAMPUR-5
CAMPUS - II : GOODS ROAD, GOSANINUAGAON, BERHAMPUR-3
CONTACT : 9861077371, 9090699770, 8249962287, 7978944895
www.samantroyacademy. Com
YouTube SAMANTROY ACADEMY
Join once and avail all the facilities till service
RECENT RESULTS
- Airforce 86
- Para military 37
- Bank PO & SO 3
- Odiaha Police SI 2



'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଦିବସ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀ ଅଭିମନ୍ୟୁ ନାହାକ
ଜିଲ୍ଲା ସମ୍ପାଦକ
ବିଜୁ ଜନତା ଦଳ, ଗଞ୍ଜାମ



'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଉତ୍ସବ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଶ୍ରୀମତୀ ଭାରତୀ ମହାପାତ୍ର
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆସିକା



ଜନସାଧାରଣଙ୍କୁ ଆମର ନିବେଦନ
ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ
ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟା ପ୍ରାଣୀଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହୁଅନ୍ତୁ।
ଜଙ୍ଗଲ ସୁରକ୍ଷିତ ରହିଲେ, ପରିବେଶ ସୁରକ୍ଷିତ ରହିବ।
ବନାଞ୍ଚଳ ଅଧିକାରୀ, ଆସିକା (ଗଞ୍ଜାମ)



'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଦିବସ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ତନୁଲତା ବିଷୋୟୀ
ସରପଞ୍ଚ, ସିଦ୍ଧନୟୀ ଗ୍ରା.ପ
ଆସିକା ବ୍ଲକ୍ (ଗଞ୍ଜାମ)



ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା
(ରାଜ୍ୟ କୃଷିନୀତି ଉପରେ ଆଧାରିତ)

ସ୍ଥାୟୀ ପୁଞ୍ଜି ନିବେଶ ରିହାତି ଯୋଗ୍ୟ କୃଷି ଉଦ୍ୟୋଗ ତାଲିକା

କୃଷି ଭିତ୍ତିକ : ୧. କୃଷି ସେବା କେନ୍ଦ୍ର- ଟ୍ରାକ୍ଟର ପାଇଁ ସର୍ବାଧିକ ଟ. ୯୦,୦୦୦/- ରିହାତି, ୨. କୃଷି କ୍ଲିନିକ୍ ଓ କୃଷି ବ୍ୟବସାୟ କେନ୍ଦ୍ର, ୩. ମୃତ୍ତିକା ପରୀକ୍ଷାଗାର, ୪. ଜୈବିକ ଖତ ଉତ୍ପାଦନ ଓ ବିପଣନ, ୫. ଅର୍ଗାନିକ ଖତ ଉତ୍ପାଦନ ଓ ବିପଣନ (ସ୍ଥାୟୀ ନିର୍ମାଣ) ୬. ଆଖୁଛେଦା ଭିତ୍ତିକ ଶିଳ୍ପ, ୭. ଝୋଟ ଭିତ୍ତିକ ଶିଳ୍ପ, ୮. ସୋୟାବିନ୍ ଭିତ୍ତିକ ଖାଦ୍ୟ ଉତ୍ପାଦ, ୯. ଡାଲି ପ୍ରକ୍ରିୟାକରଣ ଓ ଡାଲିଜାତ ଦ୍ରବ୍ୟଭିତ୍ତିକ ଶିଳ୍ପ, ୧୦. ଚିନାବାଦାମ ପ୍ରକ୍ରିୟାକରଣ / ବିପଣନ, ୧୧. ମକା ପ୍ରକ୍ରିୟାକରଣ ଶିଳ୍ପ, ୧୨ କ୍ଷୁଦ୍ର ଶସ୍ୟ, ମାଣ୍ଡିଆ ଓ ଅନ୍ୟାନ୍ୟ ଶସ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ, ୧୩. ଯାନ୍ତ୍ରିକ ଉପାୟରେ ଗୁଡ଼ ପ୍ରସ୍ତୁତି କରଣ ଶିଳ୍ପ, ୧୪. ବିହନ ପ୍ରକ୍ରିୟାକରଣ ଶିଳ୍ପ, ୧୫. ତୈଳ ନିଷ୍କାସନ କାରଖାନା/ ତୈଳବୀଜ ପ୍ରକ୍ରିୟାକରଣ, ୧୬. ଫସଲ ଅବଶେଷ ଭିତ୍ତିକ ଶିଳ୍ପ, ୧୭. କପା ପ୍ରକ୍ରିୟାକରଣ ଶିଳ୍ପ, ୧୮. ପେଷି ପୋଷଣ ପରୀକ୍ଷାଗାର, ୧୯. ଜୈବ କୀଟନାଶକ/ ଜୈବ ପରିଚାଳନା ସହାୟକ ଉତ୍ପାଦନ କେନ୍ଦ୍ର, ୨୦. ପାଉଁରୁଟି (ବେକେରୀ) ଓ ମିଷ୍ଟାନ୍ନ ପ୍ରସ୍ତୁତି, ୨୧ କୃଷି ଓ ଆନୁସଙ୍ଗିକ ଉତ୍ପାଦନର ଯାନ୍ତ୍ରିକ ପ୍ରକ୍ରିୟାକରଣ ଶିଳ୍ପ, ୨୨. ସମନ୍ୱିତ କୃଷି ସହାୟତା ପୃଷ୍ଠଭୂମୀ ଏବଂ ବିପଣନ ଓ ରପ୍ତାନୀ କେନ୍ଦ୍ର, ୨୩. ବନ୍ଦର/ ବିମାନ ପଣ୍ୟ ପୁଞ୍ଜି (ନଷ୍ଟ ହେଉଥିବା କୃଷି ଓ ଆନୁସଙ୍ଗିକ ଦ୍ରବ୍ୟ ପାଇଁ), ୨୪. କୃଷି କ୍ଷେତ୍ର ନିମନ୍ତେ ଯନ୍ତ୍ରପାତି ଓ ଉପକରଣ ଉତ୍ପାଦନ ୨୫. ରବର ଯୁକ୍ତ ଧାନ ଚୋପାଛଡା ମିଲ : ଜୈବିକ ଓ ସୁଗନ୍ଧ ଧାନ ପ୍ରକ୍ରିୟାକରଣ ପାଇଁ।

ଉଦ୍ୟାନ କୃଷି ଭିତ୍ତିକ : ୧. ବ୍ୟବସାୟିକ ଫୁଲଚାଷ/ କିମ୍ବା ପ୍ରକ୍ରିୟାକରଣ: ସୁରକ୍ଷିତ ଚାଷ ବ୍ୟବସ୍ଥା- ମୁକ୍ତ ଚାଷ ବ୍ୟବସ୍ଥା, ୨. ବ୍ୟବସାୟିକ ବଗିଚା ଫସଲ ଓ ପ୍ରକ୍ରିୟାକରଣ : (ଚା, କଫି, କୋକୋ, କାଜୁ, ତାଳତେଲ), ୩. ବ୍ୟବସାୟିକ ଫଳ ଚାଷ ଓ ପ୍ରକ୍ରିୟାକରଣ: ସବୁଦିନିଆ ଫଳ ଚାଷ (କଦଳୀ, ଅମୃତଭଣ୍ଡା, ସପୁରୀ, ଷ୍ଟ୍ରବେରୀ ବ୍ୟତୀତ)।, ୪. କାଜୁ ବାଦାମ ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ କାଜୁ ଭିତ୍ତିକ ଶିଳ୍ପ, ୫. ନଡ଼ିଆ କତା ଭିତ୍ତିକ ଶିଳ୍ପ, ୬. ନଡ଼ିଆ ଭିତ୍ତିକ ଉତ୍ପାଦ, ୭. ମହୁମାଛି ପାଳନ- ୧୦୦ ଗୋଟି ମହୁ ବାକ୍ସ ସ୍ଥାପନ (ସର୍ବନିମ୍ନ) ୮. ମହୁ ପ୍ରକ୍ରିୟାକରଣ ଶିଳ୍ପ, ୯. ବିଭିନ୍ନ ଫଳରୁ ପ୍ରସ୍ତୁତ ସ୍କ୍ୱାସ୍, ଜାମ୍, ଜେଲି, ଆଚାର ଇତ୍ୟାଦି, ୧୦. ଫଳ / ପନିପରିବା ମଣ୍ଡ ପ୍ରସ୍ତୁତି, ୧୧. ପନିପରିବା ଓ ମସଲା ଭିତ୍ତିକ ଶିଳ୍ପ, ୧୨. ଶୁଷ୍କ ଓ ପ୍ରକ୍ରିୟାକୃତ ପନିପରିବା ପ୍ରସ୍ତୁତି, ୧୩. ହିମିକୃତ ଫଳ ଓ ପନିପରିବା, ୧୪. ଛତୁଚାଷ ଓ ମୂଲ୍ୟଯୁକ୍ତ ଛତୁର ପ୍ରକ୍ରିୟାକରଣ, ୧୫. ଛତୁ ମଞ୍ଜି (ବିହନ) ଉତ୍ପାଦନ କେନ୍ଦ୍ର, ୧୬. ବୋତାମ ଛତୁ ଚାଷ ଏବଂ ପ୍ରକ୍ରିୟାକରଣ ୧୭. ସୁରକ୍ଷିତ ଚାଷ (ସବୁଜ ଗୃହ/ କାଚ ଘର/ ଜରି ଘର/ ଛାୟା ଗୃହ/ ଜରି ସୁଡଙ୍ଗ) ସ୍ଥାୟୀ ନିର୍ମାଣ, ୧୮. ଫୁଲ, ଚେର, ପତ୍ର ଓ କାଣ୍ଡରୁ ଆବଶ୍ୟକୀୟ ତୈଳ ଓ ସୁଗନ୍ଧି ନିଷ୍କାସନ, ୧୯. (ବ୍ୟବସାୟ ଭିତ୍ତିକ) ଫଳ ଓ ପନିପରିବା ପ୍ରକ୍ରିୟା କରଣ, ୨୦. ଜଳ/ ବାୟୁ ଭିତ୍ତିକ କୃଷି, ୨୧ ଔଷଧ ଓ ସୁଗନ୍ଧ ଯୁକ୍ତ ବୃକ୍ଷ ଚାଷ (ବହୁଦିନିଆ ଫସଲ) ଓ ପ୍ରକ୍ରିୟା କରଣ, ୨୨. ଚାରା ଗଛ ଉତ୍ପାଦନ ନିମନ୍ତେ ନର୍ସରୀ : କେବଳ ସ୍ଥାୟୀ ଗୃହ ନିମନ୍ତେ, ୨୩. ପିଆଜ ସାଇତା ଗୃହ : କେବଳ ସ୍ଥାୟୀ ଗୃହ ନିମନ୍ତେ, ୨୪. ପକ୍କ ଗୃହ, ୨୫. (ବୃକ୍ଷରୁ ଜାତ) ତୈଳବୀଜ ପ୍ରକ୍ରିୟାକରଣ, ୨୬. ମୋରିଙ୍ଗା ଚାଷ ଓ ପ୍ରକ୍ରିୟାକରଣ, ୨୭. ଜିଆଚାଷ ଓ ଖତ ଉତ୍ପାଦନ

ପ୍ରାଣୀ ସମ୍ପଦ ଭିତ୍ତିକ : ୧. ବ୍ୟବସାୟିକ ମାଂସ ଓ ଅଣ୍ଡା ଉତ୍ପାଦନ, (କ) ବ୍ୟବସାୟିକ ବ୍ରଏଲର କୁକୁଡ଼ା ପାଳନ (ମାଂସ ପାଇଁ)- ୪୦୦୦ ପକ୍ଷୀ, (ଖ) ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ା ପାଳନ- ୧୦୦୦୦ ପକ୍ଷୀ, (ଗ) ବ୍ୟବସାୟିକ ମେଣ୍ଢା/ ଛେଳି ପାଳନ- ୧୦୦ ଗୋଟି (ଘ) ବ୍ୟବସାୟିକ ଘୁଷୁରି ପାଳନ- ୫୦ ଗୋଟି (ସର୍ବନିମ୍ନ), (ଙ) ବ୍ୟବସାୟିକ ବତକ ପାଳନ - ୨୦୦୦ ପକ୍ଷୀ, ୨. ବ୍ୟବସାୟିକ ବାଛୁରୀ ପାଳନ କେନ୍ଦ୍ର ୨୦ ଗୋଟି ସଂକର ଜାତୀୟ ଉନ୍ନତ କିସମ/ ପ୍ରତିଷ୍ଠିତ ଦେଶୀ ମାଈ ବାଛୁରୀ, ୩. ବ୍ୟବସାୟିକ ଗାଈ/ ମଇଁଷି ପାଳନ : ୨୦ ଗୋଟି ସଂକର ଜାତୀୟ ଗାଈ/ ଉନ୍ନତ କିସମ ଗାଈ/ ପ୍ରତିଷ୍ଠିତ ଦେଶୀ ପ୍ରଜାତି ମଇଁଷି, ୪. ପ୍ରାଣୀ ସେବା ତଥା ଚିକିତ୍ସା କେନ୍ଦ୍ର, ୫. ଦୁଗ୍ଧ ପ୍ରକ୍ରିୟାକରଣ, ୬. ମାଂସ ପ୍ରକ୍ରିୟାକରଣ ଶିଳ୍ପ, ୭. ଅଣ୍ଡା ପ୍ରକ୍ରିୟାକରଣ ଶିଳ୍ପ, ୮. କୁକୁଡ଼ା ଚିଆଁ ଓ ପ୍ରଜନନ କୁକୁଡ଼ା- ଫାର୍ମ (କ) କୁକୁଡ଼ା ଚିଆଁ- ସପ୍ତାହ ପ୍ରତି ୨୦୦୦୦ ଅଣ୍ଡା (ଖ) କୁକୁଡ଼ା ପ୍ରଜନନ ଫାର୍ମ- ୫୦୦୦ ପ୍ରଜନନ କ୍ଷମ ପକ୍ଷୀ, ୯. ବ୍ୟବସାୟିକ ଘାଷଆଚାର ଓ କିମ୍ବା ଘାଷ ବିଡ଼ା (Block) ତିଆରି ଶିଳ୍ପ, ୧୦. ଗାଈ ଗୋରୁ /ପକ୍ଷୀ/ କୁକୁଡ଼ା କିମ୍ବା ମାଛ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ୧୧. ବ୍ୟବସାୟିକ ଆଧୁନିକ ମାଂସ କଟା କେନ୍ଦ୍ର, ୧୨. ପ୍ରାଣୀ ଚିକିତ୍ସା ନିମନ୍ତେ ରୋଗ ନିରୂପଣ ପ୍ରୟୋଗ ଶାଳା, ୧୩. ଆଇସ୍‌କ୍ରିମ୍ କାରଖାନା (୧୦୦ ଲିଟର କ୍ଷୀର ବ୍ୟବହାର ଯୁକ୍ତ) ୧୪. ଜୈବ ଗ୍ୟାସ୍ ଓ ଜୈବ ସାର ଉତ୍ପାଦନ କାରଖାନା

ମତ୍ସ୍ୟ ସମ୍ପଦ ଭିତ୍ତିକ : ୧. ବ୍ୟବସାୟିକ ମାଛ /ଚିଙ୍ଗୁଡ଼ି/ କଙ୍କଡ଼ା ଚାଷ - ସର୍ବନିମ୍ନ ଏକ ଏକର ବିଶିଷ୍ଟ ପାଣିକ୍ଷେତ୍ର ପୋଖରୀ ମଧୁର ଜଳ ମୁକ୍ତା ଚାଷ, ୨. ମଧୁର ଜଳ ମୁକ୍ତା ଚାଷ, ୩. ମତ୍ସ୍ୟ ଜାଆଁଳ/ ଆଙ୍ଗୁଳିକା ଜାଆଁଳ ଉତ୍ପାଦନ- ସର୍ବନିମ୍ନ ଏକ ଏକର ପାଣିକ୍ଷେତ୍ର, ୪. ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା ପ୍ରକ୍ରିୟା କରଣ ଶିଳ୍ପ, ୫. ଆକ୍ୱାସପ ସ୍ଥାପନ, ୬. ବରଫ କଳ, ବରଫ ଗୁଣ୍ଡ କଳ ଏବଂ ତାପ ନିରୋଧକ (ଇନ୍‌ସୁଲେଟଡ୍) ଭ୍ୟାନ- କେବଳ ମତ୍ସ୍ୟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ, ୭. ମାଛ ଉତ୍ପାଦାନ ଓ ପରବର୍ତ୍ତୀ ଯତ୍ନ ସମ୍ବନ୍ଧୀୟ ବୈଷୟିକ ଜ୍ଞାନ ଯଥା-ଗଣ୍ଡିଲିକରଣ, ମୂଲ୍ୟ ବୃଦ୍ଧି, ପ୍ରକ୍ରିୟାକରଣ ଇତ୍ୟାଦି, ୮. Bio-Floc ପଦ୍ଧତିରେ ମାଛ ଚାଷ (ସ୍ଥାୟୀ ନିର୍ମାଣ) ୯. ରଙ୍ଗିନ ମାଛ ପ୍ରଜନନ ଓ ବିପଣନ, ୧୦. ପୌନଃପୁନିକ ମାଛ ଚାଷ ପଦ୍ଧତି, ୧୧. ପିଞ୍ଜରା ପଦ୍ଧତି ମାଛ ଚାଷ, ୧୨. ମାଛ ଖାଦ୍ୟ ପ୍ରକ୍ରିୟା କରଣ ଶିଳ୍ପ, ୧୩. ଗଭୀର ସମୁଦ୍ର ମାଛଧରା ଯାନ ଓ ମାଛଧରା ଟ୍ରଲର, ୧୪. ମାଛ ଚାଷ ପାଇଁ ମାନ ପରୀକ୍ଷଣ ଓ ରୋଗ ସର୍ବେକ୍ଷଣ ପରୀକ୍ଷାଗାର।

ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିଃ (ଆପିକଲ)
(ଓଡ଼ିଶା ସରକାରଙ୍କର ଏକ ସଂସ୍ଥା)
ସୌଜନ୍ୟ : ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, କନ୍ଧମାଳ, ଫୁଲବାଣୀ



'ଧରିତ୍ରୀ' ବ୍ରହ୍ମପୁର ସଂସ୍କରଣର
ସ୍ୱନକ୍ଷତ୍ର ଦିବସ ଅବସରରେ
ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି
ଶ୍ରୀମତୀ ସୌଦାମିନି ନାୟକ
ଜିଲ୍ଲାପରିଷଦ ସଦସ୍ୟା, ଜୋନ୍ ୪
ଆସିକା ବ୍ଲକ୍ (ଗଞ୍ଜାମ)



DELHI PUBLIC SENIOR SECONDARY SCHOOL
LANJIPALLI, BRAHMAPUR - 760 008
Affiliated to CBSE, New Delhi, Affiliation No. 1530300
Situated at the prime location of the City
ADMISSION NOTICE
LKG to STD - XI
Session 2023-2024
We Offer :
- Air Conditioned classrooms.
- Play stations for kindergarten.
- Green cover Campus
- Teach Infinity IR interactive smart board.
- In association with FunFit (an organisation that imparts body mind connectivity ; a scientific PLAY-WAY method of learning)
- ABACUS Learning

Age Criteria For LKG : 4 yrs. to 5 yrs as on 31.03.2023
Registration forms are available online and can be obtained from school office
Office Timing : 08.00 A.M. to 03.00 P.M.
Last Date of Submission : 31.03.2023
Sd/- Principal
For Details Visit / Contact
DELHI PUBLIC SENIOR SECONDARY SCHOOL
Lanjipalli, Near Jail Training School, BRAHMAPUR - 760 008
Mob: 79789 70870, 6370498757
Website: www.dpssbam.co.in, E - mail:dpsbrahmapur@gmail.com
Note: Admission is based upon 25% reservation in GRADE-I for children belonging to weaker section & disadvantaged groups under Right of Children to free and compulsory education, (RTE Act 2009)



On the birth anniversary of
"DHARITRI"
Berhampur Edition
With best compliments from :
SRI PRASANT KUMAR SAHU
Inspector in-charge
Aadarsh Police Station, Aska

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୭/୨୦୨୩ Bhubaneswar, Friday, March 17/ 2023

# ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

**ମୁମ୍ବାଇ, ୧୬।୩(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଶୁକ୍ରବାର ଆରମ୍ଭ ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଦିନିକିଆ ଖେଳିବା ସହିତ ନିଜର ବିଶ୍ୱକପ ପ୍ରସ୍ତୁତି ଆରମ୍ଭ କରିବ। ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଦିନିକିଆ ଖେଳୁନଥିବା ବେଳେ ଷ୍ଟାଣ୍ଡଇନ୍ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଦିନିକିଆରେ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଅଧିନାୟକ ଦାୟିତ୍ୱ ନେଉଥିବାରୁ ବିଜୟରୁ ଆରମ୍ଭ କରିବାକୁ ଚାହିଁବେ। ପାଣ୍ଡ୍ୟା ଟି୨୦ ଦଳର ନିୟମିତ ଅଧିନାୟକ ରହିଥିବା ବେଳେ ଦିନିକିଆ ଦଳର ଉପ ଅଧିନାୟକ ଅଛନ୍ତି। ଭାରତରେ ଦିନିକିଆ ବିଶ୍ୱକପ ଆୟୋଜିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ଏହି ସିରିଜରେ ଭାରତୀୟ ଦଳକୁ ପ୍ରସ୍ତୁତିର ସୁଯୋଗ ମିଳିବ। ୨୦୧୧ରେ ଶେଷ ଥର ପାଇଁ ଭାରତରେ ଦିନିକିଆ ବିଶ୍ୱକପ ହୋଇଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୧ରେ ଜିତିଥିବା ଭାରତୀୟ ଦଳ ଏକ ନୂତନ ଆରମ୍ଭ କରିବାକୁ ଚାହିଁବ। ଏହା ପୂର୍ବରୁ



ନେଟ୍ସରେ ଅଭ୍ୟାସ ଅବସରରେ ବିରାଟ କୋହଲି।

ଭାରତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜରେ ବିଜୟୀ ହୋଇଥିବା ବେଳେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ। ୬ଟି ଯାକ ଦିନିକିଆରେ ଓପନର ଶୁବମାନ ଗିଲ୍ ଭାରତର ଷ୍ଟାର ଖେଳାଳି ରହିଛନ୍ତି। ୧୧୩.୪୦ ଆଭରେଜରେ ସେ ୫୬୭ ରନ୍ ସ୍କୋର କରିଛନ୍ତି। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଗିଲ୍ଙ୍କ କାନ୍ଧରେ ଭାରତୀୟ ବ୍ୟାଟିଂ ଭାର ରହିବ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଟେଷ୍ଟରେ ମଧ୍ୟ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ବଢିଆ ଫର୍ମରେ ରହିଛନ୍ତି। ୬ ମ୍ୟାଚରୁ ସେ ୬୭.୬୦ ଆଭରେଜରେ ୩୩୮ ରନ୍ କରିଛନ୍ତି। ନିକଟରେ ନିଜର ୭୫ ତମ ଶତକ ହାସଲ କରିଥିବା କୋହଲିଙ୍କ ଠାରୁ ଭାରତ ଏକ ଭଲ ଇନିଂସ ଆଶା କରିବ। ଲେଗ୍ ସ୍ପିନର ଆଡାମ ଜାମ୍ପା ତାଙ୍କୁ ଏକାଧିକ ଥର ଆଉଟ କରିଥିବା ବେଳେ ଏହି ଲଢେଇ ଉପରେ ନଜର ରହିବ। ବ୍ୟାଟିଂରେ ଏହି ଦୁଇ ଖେଳାଳିଙ୍କ ବ୍ୟତିତ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ନଜର ରହିବ। ରୋହିତ ଶର୍ମାଙ୍କ ସ୍ଥାନରେ ଇଶାନ କିଶନ ଓପନର ଭୂମିକାରେ ନଜର ଆସିପାରନ୍ତି।

**ମ୍ୟାଚ୍ ସ୍ଥାନ-ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ**
**ସମୟ: ଅପରାହ୍ଣ ୧.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ବୋଲିଂରେ ମହମ୍ମଦ ସିରାଜ ଭାରତର ଟ୍ରମ୍ପକାର୍ଡ ରହିବେ। ଦିନିକିଆରେ ଏକ ନମ୍ବର ବୋଲର ଥିବା ସିରାଜ ୨୦୨୩ରେ ୬ ମ୍ୟାଚ ଖେଳି ୧୪ ଉଇକେଟ ନେଇଛନ୍ତି। ଦ୍ୱିତୀୟ ସଫଳ ବୋଲର ଭାବରେ କୁଲଦୀପ ଯାଦବ ୧୧ ଉଇକେଟ ନେଇଛନ୍ତି। ଏପରିକି ଯୁଜବେନ୍ଦ୍ର ଚହଲଙ୍କ ସହିତ କୁଲଦୀପଙ୍କ ଯୋଡି ବେଶ ଚମତ୍କାର। ତେବେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ଖେଳିବାର ସୁଯୋଗ ମିଳିପାରେ। ଦ୍ୱିତୀୟ ପେସ୍ ବୋଲର ଭାବେ ମହମ୍ମଦ ଶାମି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବିଗତ ୬ ମାସ ମଧ୍ୟରେ ଅଷ୍ଟ୍ରେଲିଆ ଦିନିକିଆ ଖେଳିନଥିବା ବେଳେ ଏହି ମ୍ୟାଚରେ ଆଷ୍ଟନ ଆଗର ଓ ଡେଭିଡ୍ ୱାର୍ନର ଦଳକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି।

**ଭାରତୀୟ ଦଳ:** ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଲୋକେଶ ରାହୁଲ, ଇଶାନ କିଷନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମ୍ରାନ ମଲିକ, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ, ଜୟଦେବ ଉନାଡକଟ୍।

**ଅଷ୍ଟ୍ରେଲିଆ ଦଳ:** ଷ୍ଟିଭେନ ସ୍ମିଥ (ଅଧିନାୟକ), ଡେଭିଡ ୱାର୍ନର, ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ମାର୍କୁସ ଷ୍ଟୋଇନିସ, ଆଲେକ୍ସ କାରେ, ଗ୍ଲେନ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍, ଜୋଶ୍ ଇଂଗ୍ଲିସ, ସିଅନ ଆବଟ, ଆଷ୍ଟନ ଅଗର, ମିଚେଲ ଷ୍ଟାର୍କ, ନାଥାନ ଏଲିସ, ଆଡାମ ଜାମ୍ପା।

# ଓଡ଼ିଶାରୁ ଜୁଲି, ମନୀଷା ସାମିଲ



ଜୁଲି କିଷାନ



ମନୀଷା ପାନ୍ନା

## ୨୩ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ଘୋଷିତ

**ନୂଆଦିଲ୍ଲୀ, ୧୬।୩(ପି.ଟି.)**

୨୩ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ଥୋମାସ ଡେନର୍ବି ଗୁରୁବାର ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳ ଚଳିତ ମାସରେ ଜୋର୍ଡାନ ଓ ଉଜବେକିସ୍ତାନ ଗସ୍ତ କରିବ। ଜୋର୍ଡାନରେ ମାର୍ଚ୍ଚ ୧୭ରୁ ୨୨ ମଧ୍ୟରେ ଏବଂ ଉଜବେକିସ୍ତାନରେ ମାର୍ଚ୍ଚ ୨୩ରୁ ୨୯ ମଧ୍ୟରେ ଭାରତୀୟ ଦଳ ମ୍ୟାଚ ଖେଳିବ। ଏଏଫ୍ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ପ୍ରସ୍ତୁତି ଭାବରେ ଭାରତ ଏହି ମ୍ୟାଚ୍ ଖେଳିବ। ଏପ୍ରିଲ ୪ରୁ ୧୦ ମଧ୍ୟରେ ଖେଳାଯିବାକୁ ଥିବା ଏଏଫ୍ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍ ସିରେ ସ୍ଥାନ ପାଇଛି। କିର୍ଗିଜସ୍ତାନ ଓ ତୁର୍କମେନିସ୍ତାନ ମଧ୍ୟ ସମାନ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ବିଜେତା ଏସିଆର ଶକ୍ତିଶାଳୀ ୫ ଦଳ ସହିତ ଯୋଗ ଦେବ। ଥୋମାସ ଡେନର୍ବି ଏହି ଦଳର କୋଚ୍ ରହିଥିବା ବେଳେ ୨୩ ଜଣିଆ ଦଳରେ ଦୁଇ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦୁଇ ପ୍ରତିଭାବାନ ଡିଫେଣ୍ଡର ଜୁଲି କିଶାନ ଓ ମନୀଷା ପାନ୍ନାଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଜୋର୍ଡାନ ଓ ଉଜବେକିସ୍ତାନରେ ମ୍ୟାଚ୍ ଖେଳି ସାରିବା ପରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ।

**ଭାରତୀୟ ଦଳ**

ଗୋଲକିପର: ସୋମ୍ୟା ନାରାୟଣସ୍ୱାମୀ, ଶ୍ରେୟା ହୁଡା, ଏଲାଙ୍ଗବାମ ପାନ୍ଥୋଇ ଚାନୁ।

ଡିଫେଣ୍ଡର୍ସ: ଆଶାଲତା ଦେବୀ ଲୋଇଟୋଙ୍ଗବାମ, ସ୍ୱିଟି ଦେବୀ ନାନବାମ୍, ରିତୁ ରାଣୀ, ରଞ୍ଜନା ଚାନୁ ସୋରୋଖାଇବାମ୍, ମିଚେଲ କାଷ୍ଟନା, ଡାଲିମା ଛିବ୍ବର, ମନୀଷା ପାନ୍ନା ଓ ଜୁଲି କିଷାନ।

ମିଡଫିଲ୍ଡର୍ସ: ଶିଳ୍କି ଦେବୀ ହେମମ, ଅଞ୍ଜୁ ତମାଙ୍ଗ, ଇନ୍ଦୁମତୀ କାଥିରସେନ, ସଙ୍ଗୀତା ବାସ୍ଫୋରେ, ରୋଜା ଦେବୀ ଆସେମ, କାର୍ତ୍ତିକା ଅଙ୍ଗମୁଥୁ ଓ କଶ୍ମିନା।

ଫରୱାର୍ଡ୍ସ: ଡାଙ୍ଗମେଇ ଗ୍ରେସ୍, ରେଣୁ, କରିଶ୍ମା ଶିର୍ଭୋଇକାର, ସାନ୍ଧିୟା ରଙ୍ଗନାଥନ୍ ଓ ଅପୂର୍ଣ୍ଣା ନାର୍ଜାରି।






# ଇନଫାଣ୍ଟିନୋ ଫିଫା ସଭାପତି ଭାବେ ପୁନଃନିର୍ବାଚିତ



ଜିଆନି ଇନ୍ଫାଣ୍ଟିନୋ

**କିଗାଲି, ର୍ୱାଣ୍ଡା, ୧୬।୩(ପି.ଟି.)**

ଫିଫାର ସଭାପତି ଭାବରେ ପୁନର୍ବାର ନିର୍ବାଚିତ ହୋଇଛନ୍ତି ଜିଆନି ଇନ୍ଫାଣ୍ଟିନୋ। ଗୁରୁବାର ସେ ଦ୍ୱିତୀୟ ଥର ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ଆସନ୍ତା ୨୦୨୭ ଯାଏ ସେ ଏହି ପଦବୀରେ ରହିବେ। ଇନ୍ଫାଣ୍ଟିନୋଙ୍କୁ ୨୧୧ ଦେଶର ମୌଖିକ ସମର୍ଥନ ମିଳିଥିଲା। ଇନଫାଣ୍ଟିନୋଙ୍କ କାର୍ଯ୍ୟକାଳ ସମୟରେ ଏହି ରାଷ୍ଟ୍ର ଗୁଡିକୁ ମିଳୁଥିବା ଫଣ୍ଡିଙ୍ଗ ବୃଦ୍ଧି କରାଯାଇଥିଲା। ୨୦୧୬ ମସିହା ପୂର୍ବରୁ ୨ ଲକ୍ଷ ୫୦ ହଜାର ଡଲାରର ଫଣ୍ଡିଙ୍ଗ ମିଳୁଥିବା ବେଳେ ଇନଫାଣ୍ଟିନୋ ଏହାକୁ ୨ ମିଲିୟନ ଡଲାରକୁ ବୃଦ୍ଧି କରିଥିଲେ। ସେହିପରି ଫିଫାର ରିଜର୍ଭରେ ବର୍ତ୍ତମାନ ୪ ବିଲିୟନ୍ ଡଲାର ରହିଥିବା ବେଳେ ୨୦୨୬ ସୁଦ୍ଧା ଏହା ବୃଦ୍ଧି ପାଇ ୧୧ ବିଲିୟନ ଡଲାରରେ ପହଞ୍ଚିବ। ଓକିଲ ଭାବରେ କାମ କରୁଥିବା ଇନଫାଣ୍ଟିପୋ ପ୍ରଥମ ଥର ପାଇଁ ୨୦୧୬ରେ ଫିଫା ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଅଧିକରୁ ଅଧିକ ଦଳଙ୍କୁ ବିଶ୍ୱକପ ଯୋଗ୍ୟତା ଅର୍ଜନର ସୁଯୋଗ ପ୍ରଦାନ କରିବା ସହିତ ଫିଫାକୁ ଆର୍ଥିକ ଭାବରେ ସୁଦୃଢ଼ କରିଥିଲେ। ୨୦୨୨କାତାର ବିଶ୍ୱକପକୁ ନେଇ ବିଭିନ୍ନ ସାମାଜିକ କର୍ମୀ ଓ ୟୁରୋପିଆନ୍ ଫୁଟବଲ ସଂଘ ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଥିଲେ ମଧ୍ୟ ସେ ସଫଳତାର ସହିତ ବିଶ୍ୱକପ ଆୟୋଜନ କରିଥିଲେ।

# ସୁସ୍ମିତା ଟିଗାଙ୍କୁ ବ୍ରୋଞ୍ଜ ପଦକ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ**



ସୁସ୍ମିତା ଟିଗା

**ଭୁବନେଶ୍ୱର, ୧୬।୩**
**(କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ର ଚତୁର୍ଥ ଦିବସରେ କିଟ୍ର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍ରେ ସେ ଏହି ସଫଳତା ପାଇଛନ୍ତି। ୧୦:୩୫.୮୬ ସେକେଣ୍ଡ ସମୟ ନେଇଥିବା ସୁସ୍ମିତା ଉତ୍ତର ପ୍ରଦେଶରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଡିସକସ୍ ଥ୍ରୋରେ ୫ମ ସ୍ଥାନରେ ରହିଥିଲେ ହେଁ ଭାନୁ ଶର୍ମା ମଧ୍ୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଛନ୍ତି।

# ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ

**ଏଫ୍ଆଇଏଚ୍ ର୍ୟାଙ୍କିଙ୍ଗ୍**

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ତରଫରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ରାଉରକେଲାରେ ଅନୁଷ୍ଠିତ ପ୍ରୋ-ହକି ଲିଗ୍ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ପଛକୁ ପଛ ବିଜୟ ଦ୍ୱାରା ଏହା ଘଟିଛି। ଭାରତ ହକି ପାୱାର ହାଉସ୍ ଅଷ୍ଟ୍ରେଲିଆଠାରୁ ଆଗରେ ରହିଛି। ଅଷ୍ଟ୍ରେଲିଆ ବର୍ତ୍ତମାନ ଗୋଟିଏ ସ୍ଥାନ ନିମ୍ନ ୫ମକୁ ଖସି ଆସିଛି। ଜାନୁୟାରୀରେ ଓଡ଼ିଶାରେ ବିଶ୍ୱକପ୍ ଟାଇଟଲ ଜିତିବା ପରେ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିନେଇଥିବା ଜର୍ମାନୀ ପଛକୁ ପଛ ଦୁଇଟି ମ୍ୟାଚରେ ଭାରତଠାରୁ ପରାଜିତ ହେବାରୁ ଦୁଇ ସ୍ଥାନ ଖସି ତୃତୀୟ ସ୍ଥାନକୁ ଚାଲିଆସିଛି। ବିର୍ସାମୁଣ୍ଡା ଷ୍ଟାଡିୟମରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ସମସ୍ତ ଦୁଇ ଦୁଇଟି ମ୍ୟାଚରେ ଭାରତ ବିଜୟ ହାସଲ କରିଥିଲା। ଗତ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍ରେ ଭାରତ ପ୍ରିକ୍ୱାର୍ଟରରୁ ବିଦାୟ ନେଇଥିଲା।

ଜର୍ମାନୀ ବିପକ୍ଷ ଡବଲ ଲେଗ୍ ବିଶିଷ୍ଟ ମ୍ୟାଚ ଭାରତ ୩-୨, ୬-୩ରେ ଜିତିଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ୫-୪ ଏବଂ ୪-୩ ପେନାଲ୍ଟି ଶୁଟଆଉଟରେ ବିଜୟୀ ହୋଇଥିଲା। ଏହି ସମସ୍ତ ମ୍ୟାଚରେ ବିଜୟ ଦ୍ୱାରା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଏହାଛଡ଼ା ର୍ୟାଙ୍କିଙ୍ଗ ତାଲିକାରେ ଚତୁର୍ଥରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପାରିଛି। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରନରଅପ୍ ବେଲଜିୟମ ଦ୍ୱିତୀୟ ସ୍ଥାନରେ ରହିଛି।

# ନିଖତ, ସାକ୍ଷୀ ଦ୍ୱିତୀୟ ରାଉଣ୍ଡରେ

**ନୂଆଦିଲ୍ଲୀ, ୧୬।୩ (ପି.ଟି.)**

ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମହିଳା ବିଶ୍ୱ ଚାମ୍ପିୟନଶିପ୍ରେ ଟାଇଟଲ ବଜାୟ ରଖିବା ଲାଗି ଭାରତର ଅଗ୍ରଣୀ ବକ୍ସର ନିଖତ ଜରିନ୍ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଆଜରବୈଜାନର ଆନାଖାନିମ୍ ଇସ୍ମାୟିଲୋଭାଙ୍କ ବିପକ୍ଷରେ ପ୍ରଭାବୀ ବିଜୟ ହାସଲ କରିଛନ୍ତି। ୫୦ କେଜି କାଟେଗୋରିର ଏହି ମୁକାବିଲାରେ ଭାରତୀୟ ବକ୍ସର ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ପଞ୍ଚ ମାରିଚାଲିଥିଲେ। ପରିସ୍ଥିତି ଏପରି ହୋଇଥିଲା ରେଫରିଙ୍କୁ ଦ୍ୱିତୀୟ ରାଉଣ୍ଡରେ ଲଢେଇକୁ ବନ୍ଦ ରଖିବାକୁ ପଡ଼ିଥିଲା। ନିଖତ ବର୍ତ୍ତମାନ (ରାଉଣ୍ଡ ଅଫ୍ ୩୨)ରେ ୨୦୨୨ ଆଫ୍ରିକାନ ଚାମ୍ପିୟନ ରୋମେସା ବୋଆଲାମଙ୍କୁ ଭେଟିବେ। ଭାରତର ଅନ୍ୟ ଜଣେ ବକ୍ସର ସାକ୍ଷୀ ଚୌଧାରୀ ୫୨କେଜି ଶ୍ରେଣୀ ପ୍ରଥମ ରାଉଣ୍ଡରେ କଲମ୍ବିଆର ମାର୍ଟିନେଜ ମାରିଆ ଜୋସ୍ଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ସାକ୍ଷୀ ପ୍ରଥମ ଥର ଏହି ଚାମ୍ପିୟନଶିପ୍ରେ ଭାଗ ନେଇଛନ୍ତି।



ନିଖତ ଜରିନ୍ (ବାମ) ଓ ଆନାଖାନିମ୍ ଇସ୍ମାୟିଲୋଭାଙ୍କ ମଧ୍ୟରେ ମୁକାବିଲା।

# ଆର୍ସିବିର ପ୍ରଥମ ବିଜୟ

**ମୁମ୍ବାଇ, ୧୬।୩**

ଓମେନ୍ସ ପ୍ରିମିୟର୍ ଲିଗ୍ରେ ପ୍ରଥମ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫ ରନରେ ଅଲଆଉଟ ହୋଇଥିବା ବେଳେ ୧୮ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା ଆରସିବି। ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୟୁପି ୩୧ ରନରେ ୫ ଉଇକେଟ ହରାଇଥିଲା। ଗ୍ରେସ୍ ହାରିସ୍ ୪୬ ଓ ଦୀପ୍ତି ଶର୍ମା ୨୨ ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଆରସିବି ପକ୍ଷରୁ ଏଲିସ୍ ପେରୀ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋଫି ଡିଭାଇନ୍ ଓ ଆଶା ଶୋଭନା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୩୬ ରନ୍ର ପିଛା କରି ଆରସିବି ୬୦ ରନ୍ରେ ୪ ଉଇକେଟ ହରାଇଥିବା ବେଳେ କନିକା ଆହୁଜା ୪୬ ଓ ରିଚା ଘୋଷଙ୍କ ଅପରାଜିତ ୩୧ ରନ୍ ବଳରେ ଦଳ ବିଜୟୀ ହୋଇଥିଲା। ୟୁପି ପକ୍ଷରୁ ଦୀପ୍ତି ଶର୍ମା ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫/୧୦ (ଗ୍ରେସ୍ ହାରିସ୍- ୪୬, ଦୀପ୍ତି ଶର୍ମା- ୨୨, କିରଣ ନଭଗିରେ-୨୨, ଏଲିସ୍ ପେରୀ-୩/୧୬, ସୋଫି ଡିଭାଇନ୍-୨/୨୩, ଆଶା ଶୋଭନା-୨/୨୭)। ଆରସିବି ୧୮ ଓଭରରେ ୧୩୬/୫(କନିକା ଆହୁଜା- ୪୬, ରିଚା ଘୋଷ-୩୧*, ହିଥର ନାଇଟ୍-୨୪, ଦୀପ୍ତିଶର୍ମା-୨/୨୬, ଦେବିକା ବୈଦ୍ୟ-୧/୧୯, ସୋଫି ଏକେଲଷ୍ଟୋନ-୧/୨୦)।

**ଡବ୍ଲ୍ୟୁପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୫ | ୦ | ୧୦ | ୩.୩୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | ୧.୮୮୭ |
| ୟୁପି ୱାରିୟର୍ଜ | ୫ | ୨ | ୩ | ୪ | -୦.୧୯୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୧ | ୫ | ୨ | -୧.୫୫୦ |
| ଗୁଜରାଟ ଜାଏଣ୍ଟ୍ସ | ୫ | ୧ | ୪ | ୨ | -୩.୨୦୭ |






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ